REGISTERED No. C. 8.

321

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା


| | | |
|---|---|---|
| ଖଣ୍ଡ ୩୪ ଶ<br>ସଂ ୩୮ ସଂଖ୍ୟା | ତା ୨୩ ଦିନ ମାହେ ସେପ୍ଟେମ୍ବର ସନ ୧୮୯୯ ମସିହା । ମୁ । ତା ୧୨ ଅଶ୍ୱିନ ସନ ୧୩୦୭ ସାଲ ଶନିବାର । | ଅଗ୍ରୀମ ଟ ୬୲<br>ପଶ୍ଚାଦେୟ ଟ ୭୲ |


କଲିକତାରେ ପ୍ଲେଗ ରୋଗ ଏ ସପ୍ତାହରେ କିଛୁ ବଢିଥିଲା । ବମ୍ବେଇରେ ମଧ୍ୟ ସାମାନ୍ୟ ବୃଦ୍ଧି ଦେଖାଯାଏ । ହାଇଦ୍ରାବାଦରେ ପ୍ଲେଗ ଭୟରେ ନଗର ଛାଡି ବହୁତ ଲୋକ ପଳାଇ ଯାଉଅଛନ୍ତି । ଆଉ କେତେକାଳ ଏ ରୋଗ ବର୍ତ୍ତ୍ବର କରିବ ?

—————

ଗତସପ୍ତାହରେ ଦ ୪ ନ ବୈଠକଉତ୍ତାରୁ ଗତ ଶନିବାରଠାରୁ ପୁନର୍ବାର ବଙ୍ଗୀୟ ବ୍ୟବସ୍ଥାପକ ସଭାରେ କଲିକତା ମିଉନିସିପାଲ ପାଣ୍ଡୁଲିପିର ତର୍କର ଆରମ୍ଭ ହୋଇଥିଲା । ଏପର୍ଯ୍ୟନ୍ତ ପ୍ରାୟ ଶେଷ ହୋଇ ନାହିଁ । ତର୍କବିତର୍କ ଖୁବ ଚଳିଅଛି ଏବଂ ଦେଶୀୟ ସଭ୍ୟମାନେ ଯଥାସାଧ୍ୟ ଚେଷ୍ଟା କଲେହେଁ ସେମାନଙ୍କର ପ୍ରସ୍ତାବ ଠାକପାରୁ ନାହିଁ । ଅଧିକାଂଶ ସଭ୍ୟଙ୍କ ମତ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ସୁତରାଂ ପାଣ୍ଡୁଲିପିର ବିଶେଷ ପରିବର୍ତ୍ତନ ହେବ ନାହିଁ ।

—————

ବର୍ଷିବ ନାହିଁବୋଲି ମେଘ ଯେ ଅଣ୍ଟା ବାନ୍ଧିଥିଲା ତାହା ଏବେଦିନେ ଭାଙ୍ଗିବାର ଜଣାଯାଉ ଅଛି । ଏ ଦେଶରେ ଏ ସପ୍ତାହରେ ପ୍ରାୟ ପ୍ରତିଦିନ ବୃଷ୍ଟି ହୋଇଅଛି । ଏବଂ ତହିଁର ପରିମାଣ ବଢିଅଛି । ବମ୍ବେଇ ରାଜପୁତାନା, ମଧ୍ୟପ୍ରଦେଶ ଏବଂ ପଞ୍ଜାପ ପ୍ରଭୃତି ଯେ ସବୁ ପ୍ରଦେଶରେ ଦୁର୍ଭିକ୍ଷର ଭୟ ଥିଲା ସେସବୁ ସ୍ଥାନରେ ଅଳ୍ପ ବୃଷ୍ଟି ହୋଇ ଭୟ ଲାଘବ କରିଅଛି । କେବଳ ପଞ୍ଜାବର ଅବସ୍ଥା ଶୋଚନୀୟ ବୋଲି ସରକାରୀ ଗଜେଟରେ ପ୍ରକାଶ ଅଛି ଦ ୧୫ ଦ ମେଘ ଏହିପରି ଥାଇଲେ ଲୋକଙ୍କର ଚିନ୍ତା ଦୂର ହେବ ।

—————

ସମ୍ବଲପୁରରେ ଗତ ଭାଦ୍ରବ ଶୁକ୍ଳ ଏକାଦଶୀ ନବାନ୍ନ ଭକ୍ଷଣର ତିଥି ନିର୍ଣ୍ଣିତ ହୋଇଥିବାର ସମ୍ବଲପୁର ହିତୈଷିଣୀରେ ପାଠ କଲୁଁ । ହିନ୍ଦୁଶାସ୍ତ୍ରରେ ନବାନ୍ନର ବ୍ୟବସ୍ଥା ନଥିବା ପ୍ରତ୍ୟକ୍ଷ ସେଠା ଲୋକେ କେଉଁ ଶାସ୍ତ୍ର ମତେ ଉକ୍ତ ଦିନ ସ୍ଥିର କରିଥିଲେ ବୁଝି ଯାଉ ନାହିଁ । ଏ ଦେଶରେ ଭାଦ୍ରମାସର ଯେଉଁଦିନରେ ଯାହାର ଇଚ୍ଛା ନୂଆ କଷ୍ଟାଳ ଧାନର ନୂଆ ଖାଇବାର ରୀତି ପ୍ରଚଳିତ ଅଛି ଯେ ତାହା ଗୋଟିଏ ସାମାନ୍ୟ ଶ୍ରେଣୀର ଲୋକଙ୍କ ମଧ୍ୟରେ ପ୍ରଚଳିତ ଦେଖାଯାଏ । ତାହାକୁ ବିଧି ମତେ ନବାନ୍ନ ଭକ୍ଷଣ ବୋଲାଯାଏ ନାହିଁ ।

—————

ସଞ୍ଜୀବନୀରେ ଲେଖା ଅଛି ଯେ ଭାମୁର ସବଡିଭିଜନ ଅନ୍ତର୍ଗତ ଗିଦ୍ଧୋରିର ନିକଟ ହୁକାର୍ ଢୋଲ୍ ଗ୍ରାମର ଜଣେ ଗରିବ ବଙ୍ଗାଳି ଗଉଡ ଆପଣାର ସ୍ତ୍ରୀ ସହିତ ଜଙ୍ଗଲରେ କାଠ ହାଣୁଥିଲା ହଠାତ୍ ଏକ ବାଘ ଆସି ଗଉଡକୁ କାମୋଡି ଜଙ୍ଗଲ ଆଡକୁ ଟାଣି ନେବା କାଳରେ ଗଉଡୁଣୀ କୁରାଢିଦ୍ୱାରା ପୁନଃ ପୁନଃ ଏମନ୍ତ ବଳରେ ଆଘାତ କଲା ଯେ ବାଘ ପ୍ରାଣ ଭୟରେ ଗଉଡକୁ ଛାଡି ଦେଇ ପଳାଇଗଲା । ସତୀ ନାରୀ ସ୍ୱାମୀକୁ ବାଘ ମୁହଁରୁ ଛଡାଇ ଘରକୁ ଆଣି ଅସୀମ ସାହସ ନିମନ୍ତେ ସମସ୍ତଙ୍କଠାରୁ ଧନ୍ୟ ଧନ୍ୟ ପଦ ଲଭିଅଛି । ମାତ୍ର ବାଘ କାମୁଡାରେ ଗଉଡର ପ୍ରାଣ ସଂଶୟ ହୋଇଅଛି ବଞ୍ଚିଗଲେ ବଡ ଆନନ୍ଦର ବିଷୟ ହେବ ।

—————

ଏଠା କମିଶନରୀ କଚେରି ଉଦ୍ଧାପଡଥିରେ ତୋଳାହେବାର ଯେଉଁ ପ୍ରସ୍ତାବ ହେଉଥିଲା, ନୂତନ କମିଶନର ଶ୍ରୀଯୁକ୍ତ ମାଉଣ୍ଟେନ୍ସାହେବଙ୍କ ଦ୍ୱାରା ତାହା ଅଗ୍ରାହ୍ୟ ହୋଇଥିବାର ଶୁଣି ଆମ୍ଭେମାନେ ଆନନ୍ଦିତ ହେଲୁ । ଆମ୍ଭେମାନେ ସେ ପ୍ରସ୍ତାବ ଆରମ୍ଭରୁ କହୁଅଛୁଁ ଯେ ସେ ସ୍ଥାନ ସର୍ବସାଧାରଣଙ୍କ ପକ୍ଷରେ ଅତ୍ୟନ୍ତ ଅସୁବିଧାଜନକ ଏବଂ ନୂତନ କମିଶନର ଅଳ୍ପଦିନ ଏଠାକୁ ଆସି ତାହା ବୁଝି ପାରିଲେ ଏଥିପାଇଁ ତାହାଙ୍କର ନ୍ୟାୟ କର୍ମ୍ମର ପ୍ରଶଂସା କରୁଅଛୁଁ । ବର୍ତ୍ତମାନ ସ୍ଥିର ହୋଇଅଛି ଯେ ଏଠା କଲେକ୍ଟରୀ କଚେରୀ ହତା ମଧ୍ୟରେ ନୂଆ କୋଠା ତୋଳାହୋଇ ସେହିଠାରେ କମିଶନରୀ କଚେରି ହେବ । ଏହି

Digitized by srujanika@gmail.com

ପ୍ରସ୍ତାବ ସର୍ବସାଧାରଣଙ୍କଦ୍ୱାରା ଅନୁମୋଦିତ ହେଉଅଛି ।

---

ସିଂହଳ ବା ଲଙ୍କାଦ୍ୱୀପସ୍ଥିତ କଲମ୍ବୋ ନଗରର ଏକ ସମ୍ବାଦପତ୍ରର ସମ୍ପାଦକ ଖଣ୍ଡିଏ ପ୍ରାଚୀନ ତାଳପତ୍ରଲେଖା ପୋଥି ପ୍ରାପ୍ତ ହୋଇଅଛନ୍ତି । ତାହା ସିଂହଳ ଭାଷାରେ ରଚିତ ଏବଂ ତହିଁରେ ରାବଣ ରାଜାଙ୍କ ରାଜତ୍ୱ ଆରମ୍ଭ କାଳରୁ ବିଜୟସିଂହଙ୍କର ଆକ୍ରମଣ ପର୍ଯ୍ୟନ୍ତ ସମସ୍ତ ଇତିହାସ ଧାରାବାହିକରୂପେ ଲେଖା ହୋଇଅଛି । ଏହା ପାଠ କଲେ ରାବଣଙ୍କର ରାଜପ୍ରାସାଦ, ଅଶୋକ ବନ ଇତ୍ୟାଦି କିରୂପେ କେଉଁଠାରେ ଥିଲା ସହଜରେ ଜଣା ପଡିବ ବୋଲି କଥିତ ହୁଏଇ । ଏ ପୁସ୍ତକର ଅନୁବାଦ ଅଥବା ସଂକ୍ଷେପ ମର୍ମ ଇଂରାଜୀ ଭାଷାରେ ପ୍ରକାଶିତ ହେଲେ ଆଶା ହୁଏଇ ଅବିଳମ୍ବେ ତାହା ଭାରତର ନାନା ଭାଷାରେ ଅନୁମୋଦିତ ହୋଇ ହିନ୍ଦୁମାନଙ୍କର ବିଶେଷ ଆଦରର ଦ୍ରବ୍ୟ ହେବ ଏବଂ ରାମାୟଣର ଅନେକ ବିଷୟ ପ୍ରତ୍ୟକ୍ଷ ହୋଇ ଯିବ ।

—○—

ମାନ୍ଦ୍ରାଜ ଅନ୍ତର୍ଗତ ମାଦୁରା ଜିଲାରେ କେତେ ଗୁଡ଼ିଏ ଗ୍ରାମ୍ୟ ମାଜିଷ୍ଟ୍ରେଟ ଅଛନ୍ତି । ସେ ଜିଲାର ବାର୍ଷିକ ରିପୋର୍ଟରେ ଜିଲା ମାଜିଷ୍ଟ୍ରେଟ ଲେଖି ଅଛନ୍ତି କି ସେମାନେ ଲାଞ୍ଚ ଖାଇ ମୋକଦ୍ଦମା ଉଡ଼ାଇ ଦିଅନ୍ତି ଏବଂ ତହିଁ ସଙ୍ଗେ ଏହା ମଧ୍ୟ କହୁଅଛନ୍ତି କି ସେମାନଙ୍କର ଗୁରୁଭାର ଏବଂ ବେତନ ବିବେଚନା କଲେ ସଂଶୋଧନର ଉପାୟ ଦିଶୁ ନାହିଁ । ଅଳ୍ପ ବେତନରେ ଭାରି କାର୍ଯ୍ୟ ଭାର ଦେଲେ ଏପରି ଘଟିବା ଆଶ୍ଚର୍ଯ୍ୟ ନୁହେ । ଉପଯୁକ୍ତ ବେତନରେ ଯୋଗ୍ୟଲୋକ ରଖିବା ଏବଂ ଯାହାର ଦୁଷ୍ଟତା ପ୍ରକାଶ ହେବ ତାହାକୁ ବାହାର କରିଦେବା ଦଣ୍ଡ ଦେବା ଉଚିତ ପ୍ରତୀକାର ହେଉଅଛି । ମାତ୍ର ଏମନ୍ତ ଆବଶ୍ୟକୀୟ ବିଷୟରେ ଅଧିକ ବ୍ୟୟ କରିବାର କଥା ପଡିଲେ ଗବର୍ଣ୍ଣମେଣ୍ଟ ଟଙ୍କା ନାହିଁ ବୋଲି ଉତ୍ତର ଦିଅନ୍ତି ଅଥଚ କେତେ ବାଟେ କେତେ ଟଙ୍କା ଖରଚ ହୋଇ ଯାଉଅଛି ।

---

ଶ୍ରୀଯୁକ୍ତ ଡବେଷ୍ଟର ସାହେବ କି ହୁଗ୍ଲି ଜିଲାର ହୁଲସିଂହ ସହରରେ ଗୋଟିଏ କୃଷିପରୀକ୍ଷାକ୍ଷେତ୍ର ସ୍ଥାପନ କରିଅଛନ୍ତି ଏବଂ ଜି, ହାଜବ୍ରଦ ନାମକ ଜଣେ ବିଚକ୍ଷଣ କୃଷିପରୀକ୍ଷକ ତତ୍ତ୍ୱାବଧାନ କରୁଅଛନ୍ତି । ଅପାତତଃ ସେ ନିମ୍ନଲିଖିତ ପରୀକ୍ଷାରେ ପ୍ରବୃତ୍ତ ହୋଇଅଛନ୍ତି । ଯଥା;—

୧ । କପଡ଼ ସାର ପ୍ରସ୍ତୁତ କରି କ୍ଷେତରେ ଦେଲେ ଶୀଲବନ୍ତ ଗଛର ସଂଖ୍ୟା ଏବଂ ଶୀଲବନ୍ତର ଉତ୍ପନ୍ନ ବୃଦ୍ଧି ହେବ ।

୨ । ସାରଦ୍ୱାରା ଜମିର ଉର୍ବରତା ଏମନ୍ତ ବୃଦ୍ଧି କରିବାକୁ ହେବ ଯେ ଦେଶୀୟ କୃଷିମାନେ ଅଧିକ ଖଜଣା ଦେଇ ତମାଖୁ, ଲଙ୍କାମରିଚ, ଆଳୁ, ଆଖୁ ଏବଂ ଅଙ୍ଗୁରଫଳଇତ୍ୟାଦି ଫସଲ କରିବେ ।

ଏହାଛଡ଼ା ବିହନ ଏବଂ ଫସଲ ପରିବର୍ତ୍ତନର ପରୀକ୍ଷା ହେବ । କଥିତ ହୁଏଇ ଯେ ଶୀଲର ସିଠା ଏମନ୍ତ ବଳକର ସାର ଯେ ତାହା ବ୍ୟବହାର କଲେ ଭୂମିର ଖଜଣା ଏକବିଘାକୁ ଟ ୧୦୦୲ ହୋଇପାରେ । ସ୍ୱାଭାବିକ ଉପାୟରେ ଅନ୍ୟାନ୍ୟ ଖତ ପ୍ରସ୍ତୁତ କରି କ୍ଷେତରେ ଦେଲେ ମଧ୍ୟ ସେହିପରି ଫଳ ହେବ । ଅମ୍ଭେମାନେ ସାହେବଙ୍କର ପରୀକ୍ଷାର ସଫଳତା କାମନା କରୁଁ ।

---

କଲିକତା ମିଉନିସିପାଲ ଆଣ୍ଡ ଇପିଡ ବିଲ୍‌ର ସମ୍ବନ୍ଧରେ କଲିକତା ଜାତୀୟ ବଣିକସମିତିର କଥା ପଡ଼ିବାରୁ ବଙ୍ଗୀୟ ସେକ୍ରେଟେରୀ ଶ୍ରୀଯୁକ୍ତ ବେକରସାହେବ ବ୍ୟବସ୍ଥାପକ ସଭାରେ କହିଲେ କି ଉକ୍ତ ସମିତି କେବଳ ଏକଜଣ ଅର୍ଥାତ୍ ବାବୁ ସୀତାନାଥ ରାୟଙ୍କର ସଭା ଅଟେ । ଏଥିରୁ ହିନ୍ଦୁ ପେଟ୍ରିୟଟ ଲେଖିଥିଲେ କି ଜାତୀୟ ବଣିକସମିତିରୁ ପ୍ରାୟ କଲିକତାର କୌଣସି ପ୍ରଧାନ ବଣିକ ଛାଡ଼ ନାହିଁ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ପାରସି, ମାରୱାଡ଼ି, ଜୈନ, ଭାଟିଆ ପ୍ରଭୃତି ସମସ୍ତ ଜାତିର ବଡ଼ ବଡ଼ ମହାଜନ ଓ ବେପାରୀମାନେ ଏ ସଭାର ସଭ୍ୟ । ବାବୁ ଜୟଗୋବିନ୍ଦ ଲାହା ସି, ଆଇ, ଇ, ଏବଂ ବ ✶ ର୍ଣ୍ଣରୁ ଏ ସମିତିର ସଭାପତିସ୍ୱରୂପ ଅବିଶ୍ରାନ୍ତ କାର୍ଯ୍ୟ କରୁଅଛନ୍ତି । ରାଜା ସିଉବକସବୋଗଲା ଏହାର ଜଣେ ପ୍ରଧାନ ସଭ୍ୟ ଏବଂ ନନ୍ଦଲାଲଦାସ ସରକାର ଅନ୍ୟତମ ହେଲା ସଭ୍ୟଶ୍ରେଣୀରେ ଭୁକ୍ତ ହୋଇଅଛନ୍ତି । କ ରୁଝି ଏମନ୍ତ ସମିତିକି ଏକଜଣର ସଭା କହିବା କେମନ୍ତ ଅଭିଷ୍ଟିକର ତାହା ଦେଖାଇଦେବାକୁ ହେବ ନାହିଁ । ସାହେବ ମହୋଦୟ ସଭ୍ୟଙ୍କର ତାଲିକା ଅଣାଇ ଦେଖିଥିଲେ ତାହାଙ୍କର ସନ୍ଦେହ ଦୂର ହୋଇଥାନ୍ତା । ଯେବେ ଗବର୍ଣ୍ଣମେଣ୍ଟଙ୍କର ଜଣେ ପ୍ରଧାନ କର୍ମଚାରୀ ଏପରି ଭ୍ରମାତ୍ମକ କଥା ଘୋଷଣା କରିବେ ତେବେ କେହି କେହି କଲା ହାକିମ ସଭା ଭଗ୍ନ ଅସ୍ତିତ୍ୱ ଅସ୍ୱୀକାର କରିବା ଆଶ୍ଚର୍ଯ୍ୟ ବିଷୟ ନୁହେ ।

---

ଓଡ଼ିଶା ଇସଲାମଆସୋସିଏସନର ୧ କାର୍ଯ୍ୟାବଳୀ ଉତ୍କଳଦୀପିକାରେ ପ୍ରକାଶ ହୋଇଥିବା ଉପଲକ୍ଷରେ ମୁନସି ଗୋଲାମ ମହମଦ ମଲ୍ଲିକ ନାଜର ମହମ୍ମଦଙ୍କୁ ଏକ ପତ୍ର ଲେଖି ତହିଁ ପ୍ରତିଲିପି ଆମ୍ଭମାନଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ସେ ପତ୍ରର ମର୍ମ ଏହିକି ପୂର୍ବେ ଯେଉଁ ସଭାର ନାମ ଓଡ଼ିଶା ଇସଲାମଆସୋସିଏସନର ଥିଲା ବହୁତ ଦିନ ହେଲା ତାହା ପରିବର୍ତ୍ତନ ହୋଇ ସେଣ୍ଟ୍ରାଲ ନାସନେଲ ମହମ୍ମଦୀୟାନ ଅସୋସିଏସନ ରଖା ଯାଇ ଥିବାରୁ ପୂର୍ବ ନାମର ସଭା ନାହିଁ ଏବଂ ସେ ସେହି ସଭାର ସଭ୍ୟ ହୋଇ ନ ଥିଲେ ଯଦ୍ୟପି କୌଣସି କାଗଜରେ ତାହାଙ୍କର ନାମ ସଭ୍ୟ ବୋଲି ଲେଖା ଥିବ ତେବେ କାଟି ଦେବେ । ସେ ଅଧିକ ଲେଖିଅଛନ୍ତି କି ଏହାଗର ଟଙ୍କା ମୂଲ୍ୟର ପାରସି ବା ଉର୍ଦ୍ଦୁ ପୁସ୍ତକ ଦେବାକୁ କହି ନାହାନ୍ତି । ମୁନସିଙ୍କର ପତ୍ର ଅବଶ୍ୟ ସଭାର ବିଚାରାଧୀନରେ ଆସିବ ଏବଂ ସଭା କି ମୀମାଂସା କରିବେ ତାହା ଯଥାକାଳରେ ଜଣା ପଡ଼ିବ । ଯାହା ହେଉ ମୁନସି ଗୋଲାମ ମହମ୍ମଦ ଯେଉଁ ସଭାର ଅସ୍ତିତ୍ୱ ସ୍ୱୀକାର କରୁଅଛନ୍ତି ସେହି ସଭାର ଏକ ଅଧିବେଶନର କାର୍ଯ୍ୟାବଳୀରୁ ଯେ ପ୍ରତିନିଧି ସ୍ୱରୂପ କଲିକତାକୁ ଯିବାକୁ ସମ୍ମତ ହୋଇ ଥିବାର ଲେଖା ଯାଇଥିବା ସ୍ଥଳେ ତହିଁର ପ୍ରତିବାଦ ସେ କାହିଁକି କରି ନାହାନ୍ତି ତାହା ବୁଝା ଯାଉ ନାହିଁ ।

---

ବଙ୍ଗପ୍ରଦେଶରୁ ଆସାମ ଡାଇଭର ଏବଂ ସିଲହଟକୁ ଯେ ସମସ୍ତ କୁଲି ପ୍ରେରିତ ହୁଅନ୍ତି ସେମାନଙ୍କର ତତ୍ତ୍ୱାବଧାନ ନିମନ୍ତେ କଲିକତାରେ ଗୋଟିଏ ସରକାରୀ କୁଲି ପ୍ରେରଣ ମହକୁମା ଅଛି । ସେହି ମହକୁମାର ସନ ୧୮୯୪ ସାଲର ରିପୋର୍ଟରୁ ପ୍ରକାଶ ଯେ ସେ ବର୍ଷ ଏବଂ ତହିଁ ପୂର୍ବ ବର୍ଷରେ ନିମ୍ନଲିଖିତ କୁଲି ପ୍ରେରିତ ହୋଇଥିଲେ ଯଥା —

| | ସନ ୧୮୯୩ ସାଲର | ସନ ୧୮୯୪ ସାଲର |
|---|---|---|
| ସାହାବାଦ | କୁଲି ସଙ୍ଖ୍ୟା | କୁଲି ସଙ୍ଖ୍ୟା |
| କାନପୁର | ୩୨୨୭ | ୨୮୫୭ |
| ଉତ୍ତରପଶ୍ଚିମ ସୀମାନ୍ତ | ୧୬୪୭୮ | ୭୫୯୭ |
| ପଞ୍ଜାବ | ୧୮୯୬୧ | ୧୩୨୯୫ |
| ଅପର ଭାଗମାନ | ୬୯୯୦୪ | ୨୨୬୯୭ |
| | ——— | ——— |
| ମୋଟ | ୧୨୫୬୧ | ୪୭୬୬୭ |

ଏଥିରୁ ଦେଖାଯାଏ ଯେ ସନ ୧୮୯୮ ସାଲରେ ଯହିଁ ପୂର୍ବ ବର୍ଷର ପ୍ରାୟ ଅର୍ଦ୍ଧେ ଭୁଲ ଗୃହୀତ ହୋଇଥିଲେ। ଏତେ ଭୁଲ ପଡ଼ିବାର ପ୍ରଧାନ କାରଣ ସୁପାଲକ ଅଟେ। ଲୋକେ ଖାଇବାକୁ ନ ପାଇଲେ ଘର ଛାଡ଼ି ଦୂର ଦେଶକୁ ମୂଲ ଲାଗି ଯିବାକୁ ବାଧ୍ୟ ହୁଅନ୍ତି। ଜାନ୍ସ୍‌ବରଙ୍କ ଦ୍ୱାରା ପ୍ରେରିତ ଭୁଲ ମଧ୍ୟରେ ବଙ୍ଗବାସୀ ଶତକଡ଼ା ୪୭, ମଧ୍ୟପ୍ରଦେଶବାସୀ ଶତକଡ଼ା ୨୧, ମାନ୍ଦ୍ରାଜବାସୀ ଶତକଡ଼ା ୧୯, ଓଡ଼ିଶାବାସୀ ଶତକଡ଼ା ୫ ଏବଂ ବିହାରବାସୀ ଶତକଡ଼ା ୧୪ ଜଣ ମାତ୍ର ଥିଲେ। ସୁଖର ବିଷୟ ଯେ ଭୁଲ ଗୃହୀତ ଶ୍ରେଣୀ ପଡ଼ିବା ସଙ୍ଗେ ୨ ସେମାନଙ୍କ ମଧ୍ୟରେ ପୀଡ଼ା ଏବଂ ମୃତ୍ୟୁ ଅନ୍ତର ଊଣା ପଡ଼ିଥିଲା। ଅର୍ଥାତ୍ ସନ ୧୮୯୭ ସାଲରେ ଶତକଡ଼ା ୨.୬୩ ମୃତ୍ୟୁ ଘଟିଥିବା ସ୍ଥଳେ ସନ ୧୮୯୮ ସାଲର ମୃତ୍ୟୁ ଘଟଣା କେବଳ ଶତକଡ଼ା ୧.୯୧ ଥିଲା। ଏହା ଅବଶ୍ୟ ସ୍ୱାସ୍ଥ୍ୟ ରକ୍ଷାର ସୁବନ୍ଦୋବସ୍ତର ଫଳ ଅଟେ ଏବଂ ତହିଁପାଇଁ ଭୁଲ ଗୃହୀତ ମହକୁମାର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର କାର୍ଣ୍ଣ ସାହେବଙ୍କୁ ମାନ୍ୟବର ଲେଫ୍ଟେଣ୍ଟ ଗଭର୍ଣ୍ଣର ଧନ୍ୟବାଦ ଦେଇଅଛନ୍ତି।

---

ବମ୍ବେଇ ପ୍ରଦେଶାନ୍ତର୍ଗତ କୋଲହାପୁର ଗୋଟିଏ ସ୍ୱାଧୀନ ବା ଦେଶୀୟ ରାଜ୍ୟ ଅଟେ। ସେଠାରେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ପୋଲିଟିକାଲ ମହକୁମା ଅଛି। ବର୍ତ୍ତମାନ ପୋଲିଟିକାଲ ଏଜେଣ୍ଟଙ୍କର କର୍ଣ୍ଣେଲ ରେ ସାହେବ। ସେଠାରୁ ଏକ ଚମତ୍କାର ସମ୍ବାଦ ଆସିଅଛି। ଅଳ୍ପ ଦିନ ହେଲା ମହାରାଜା ଆପଣା ପ୍ରାସାଦରେ ଏକ ଭୋଜ ଦେଇଥିଲେ ଯେ ତହିଁ ନିମନ୍ତେ ଅନେକ ଇଉରୋପୀୟଙ୍କୁ ଆମନ୍ତ୍ରଣ କରିଥିଲେ। ଆମନ୍ତ୍ରିତଙ୍କ ମଧ୍ୟରେ କର୍ଣ୍ଣେଲ ରେ ଏବଂ ତାହାଙ୍କ ସ୍ତ୍ରୀ ଥିଲେ। ଭୋଜକୁ ଯିବା ପୂର୍ବରୁ କର୍ଣ୍ଣେଲ ରେ ଖଣ୍ଡିଏ ବେନାମି ପତ୍ରରୁ ଅବଗତ ହେଲେ ଯେ କେତେକ ଲୋକ (ପତ୍ରରେ ସେମାନଙ୍କ ନାମ ଲେଖାଥିଲା) ଟ ୨୫୦ ଙ୍କା ଘୁଷ ଦେଇ ରାନ୍ଧୁଣିଙ୍କ ଦ୍ୱାରା ଭୋଜରେ ତାହାଙ୍କୁ ବିଷ ଖୁଆଇବାର ଷଡ଼ଯନ୍ତ୍ର କରିଅଛନ୍ତି ଅତଏବ ସେ ରୁଟି ଖାଇବା ବିଷୟରେ ସତର୍କ ହେବେ। କର୍ଣ୍ଣେଲ ଆପଣାର ଜଣେ ବିଶ୍ୱାସୀ ଲୋକଦ୍ୱାରା ଏପରି ବନ୍ଦୋବସ୍ତ କଲେ କ ଭୋଜନରେ ବସିବାର କିଛି ପୂର୍ବେ ସେ ଗୋପନରେ ତାହାଙ୍କ ପାତ୍ରରୁ ରୁଟି ବାହାର କରି ନେଇ ଦିଲ ମୋହର କରି ରଖିବ। ଏବଂ କର୍ଣ୍ଣେଲଙ୍କର ଘର ଭିତ୍ତରୁ ରୁଟି ତହିଁ ବଦଳରେ ରଖି ଦେବ। ସେହିପରି କାର୍ଯ୍ୟ ହେଲା ଏବଂ କର୍ଣ୍ଣେଲ ସାହେବ ଭୋଜରୁ ଲେଉଟି ଆସି ତହିଁ ଆର ଦିନ ସେହି ରୁଟିକୁ ବମ୍ବେଇର ସରକାରୀ ରାସାୟନିକଙ୍କ ନିକଟକୁ ପଠାଇ ଦେଲେ। ପରୀକ୍ଷାରେ ରୁଟିରେ ସୂକ୍ଷ୍ମ କାଚଚୂର୍ଣ୍ଣ ମିଶିଥିବାର ପ୍ରକାଶ ପାଇଲା। ବମ୍ବେଇରୁ ସକାଳେ ପୋଲିସ କୋଲହାପୁରକୁ ଆସି ଅନୁସନ୍ଧାନ ଦ୍ୱାରା ଫରାନ୍‌ଜେଜ ନାମକ ଜଣେ ଖ୍ରୀଷ୍ଟିୟାନ ଭୁଲ ଜଣ ରୁଟିକାଲା ଏବଂ ଏକ ଜଣ ଦରବାର ସମ୍ପର୍କୀୟ ଲୋକଙ୍କୁ ଧରିଅଛନ୍ତି। ଖ୍ରୀଷ୍ଟିୟାନ ଫରାନ୍‌ଜେଜ କର୍ଣ୍ଣେଲ ସାହେବଙ୍କ କଟେଜର ଜଣେ ଚାକର ଥିଲା ଅଳ୍ପଦିନ ହେଲା ସାହେବ ତାହାକୁ ବାହାର କରି ଦେଇଅଛନ୍ତି। ଏହି ମୋକଦ୍ଦମା ଯେତେ ସେଠାରେ ଭାରି ଚହଲ ପଡ଼ିଅଛି ଏବଂ ମହାରାଜା ଦୁଷ୍ଟମାନଙ୍କୁ ଧରିବା ବିଷୟରେ ଯଥାସାଧ୍ୟ ସାହାଯ୍ୟ କରୁଅଛନ୍ତି। ମହାରାଜାଙ୍କ ଉପରେ କୌଣସି ଦାୟିତ୍ୱ ନ ଆସେ ଏ ମୋକଦ୍ଦମା ନିଷ୍ପତ୍ତି ହୋଇଯିବ ଏହାହିଁ ଆମ୍ଭେମାନେ କାମନା କରୁଁ।

---

## ଡେପୁଟିମାନଙ୍କର ନୂତନ ବନ୍ଦୋବସ୍ତ।

ବଙ୍ଗପ୍ରଦେଶର ଡେପୁଟି କଲେକ୍ଟର ଓ ମାଜିଷ୍ଟ୍ରେଟଙ୍କର ଦୁରବସ୍ଥା ପ୍ରତି ଗବର୍ଣ୍ଣମେଣ୍ଟଙ୍କର ସୁଦୃଷ୍ଟି ପଡ଼ିଅଛି। ବର୍ତ୍ତମାନ ସ୍ଥାୟୀ ଡେପୁଟି କଲେକ୍ଟରଙ୍କ ସଂଖ୍ୟା ୨୬୬ ଜଣ ମାତ୍ର ରାଜସ୍ୱ ବନ୍ଦୋବସ୍ତ କାର୍ଯ୍ୟ ନିମନ୍ତେ ଅନେକ ଡେପୁଟି କଲେକ୍ଟର ପ୍ରୟୋଜନ ହେବାରୁ ଅଧିକା କର୍ମଗୃହୀମାନେ ଏକଟିଂ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ଏବଂ ଦୀର୍ଘକାଳ ଏକଟିଂ ରହିବାରୁ ସେମାନଙ୍କର ଯଥେଷ୍ଟ ଉନ୍ନତି, ପେନସନ ଛୁଟୀ ଇତ୍ୟାଦି ବିଷୟରେ ବାଧା ଘଟିଅଛି। ଏଥିର ପ୍ରତିକାର ନିମନ୍ତେ ବଙ୍ଗଦେଶ ଭାରତୀୟ ଷ୍ଟେଟ ସେକ୍ରେଟରୀ ଅଧିକା ଜ ୪୮ ଜଣ ସ୍ଥାୟୀ ଡେପୁଟୀ କଲେକ୍ଟର ନିଯୁକ୍ତ କରିବାକାରଣ ଆଦେଶ ଦେଇଅଛନ୍ତି ଏବଂ ତାହା ନିମ୍ନଲିଖିତମତେ ବଣ୍ଟା ଯାଉଅଛି—ଯଥା ୪ର୍ଥ ଶ୍ରେଣୀରେ ଜ ୧ ଜଣ, ୫ମ ଶ୍ରେଣୀରେ ଜ ୧୨ ଜଣ, ଷଷ୍ଠ ଶ୍ରେଣୀରେ ଜ ୨୧ ଜଣ, ୭ମ ଶ୍ରେଣୀରେ ଜ ୨୩ ଜଣ ଏବଂ ୮ମ ଶ୍ରେଣୀରେ ଜ ୩୩ ଜଣ। ଶେଷ ଶ୍ରେଣୀଟି ନୂତନ ଅଟେ ଏଥିରେ ଅଧିକାଂଶ ଏକଟିଂ ଡେପୁଟି କଲେକ୍ଟରମାନେ ସ୍ଥାୟୀରୂପେ ନିଯୁକ୍ତ ହେବେ ଏବଂ କେବଳ ଜ ୨୩ ଜଣ ଏକଟିଂ ରହିଯିବେ ଯେ ସେମାନେ କ୍ରମେ ୨ ସ୍ଥାୟୀ ଶ୍ରେଣୀରେ ଭରତି ହୋଇ ପାରିବେ। ଏହା ଛଡ଼ା ଆଉ ଗୋଟିଏ ନିୟମ ହୋଇଅଛି କ ଯେଉଁ ଡେପୁଟି ପ୍ରଥମେ ଏକଟିଂ ନିଯୁକ୍ତ ହେବାଠାରୁ କ୍ରମାଗତ ଏକଟିଂ କାର୍ଯ୍ୟ କରୁଥିବ ସେ ପ୍ରଥମ ନିଯୋଗ କାରଣ ଅଥବା ବିଭାଗୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ତାରିଖଠାରୁ ଦୁଇବର୍ଷ ଉତ୍ତାରୁ ନିୟମାନୁସାରେ ପେନସନ ଓ ଛୁଟୀ ପାଇବାର ଯୋଗ୍ୟ ହେବ। ଏହି ନିୟମମାନ କାର୍ଯ୍ୟରେ ପରିଣତ ହେଲେ ଡେପୁଟିମାନଙ୍କର ବର୍ତ୍ତମାନ କଷ୍ଟ ବହୁତ ହେବ ମାତ୍ର ଉନ୍ନତିର ପଥ ପ୍ରଶସ୍ତ ନ ହୋଇ ବରଂ ସଙ୍କୀର୍ଣ୍ଣ ହୋଇଅଛି। ତଳଦିଗରେ ଗୋଟିଏ ଶ୍ରେଣୀ ବଢ଼ିଲା ଏବଂ ଯେତେ ନୂତନ ଅଧିକା କର୍ମଗୃହୀ ଭରତି ହେଲେ ସେହି ପରିମାଣ କର୍ମଗୃହୀ ସଂଖ୍ୟା ଚତୁର୍ଥ ଶ୍ରେଣୀରୁ ତଳକୁ ଅଷ୍ଟମ ଶ୍ରେଣୀ ଭିତରେ ଖଞ୍ଜା ହୋଇଗଲା। ଏହାର ଅର୍ଥ ଏହି ଯେ ଚତୁର୍ଥ ଶ୍ରେଣୀକୁ ଉଠିବାକୁ ଯେତେ ସମୟ ବର୍ତ୍ତମାନ ଲାଗୁଅଛି ତହିଁରୁ ଅଧିକ ସମୟ ଲାଗିବ ଏବଂ ପ୍ରଥମ ତିନି ଉଚ୍ଚ ଶ୍ରେଣୀର ଡେପୁଟିଙ୍କ ସଂଖ୍ୟା ବର୍ତ୍ତମାନ ପରି ରହିବାରୁ ଉଚ୍ଚ ବେତନ ଅଧିକ ଲୋକଙ୍କ ଭାଗ୍ୟରେ ଘଟିବ ନାହିଁ ଅଥବା ଘଟିଲେ ଅଧିକ ଦିନ ଭୋଗ କରି ପାରିବେ ନାହିଁ। ଅନ୍ନ ଦାରର ଦୁର୍ମୂଲ୍ୟ ଏବଂ ସଭ୍ୟତା ରକ୍ଷାର ବ୍ୟୟ ବାହୁଲ୍ୟ ସମୟରେ ପୂର୍ବକାଳର ଡେପୁଟିଙ୍କ ପରି ବର୍ତ୍ତମାନର ଡେପୁଟିମାନେ ସମାନ ବେତନରେ ମର୍ଯ୍ୟାଦା ରକ୍ଷି ସଂସାର ନିର୍ବାହ କରି ପାରୁ ନାହାନ୍ତି। ଯହିଁରେ ଏମାନଙ୍କର ଶୀଘ୍ର ୨ ପଦୋନ୍ନତି ହେବ ତହିଁର ବ୍ୟବସ୍ଥା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚଶ୍ରେଣୀର କର୍ମଗୃହୀ ସଂଖ୍ୟା ବୃଦ୍ଧି ଏବଂ ଗୋଟିଏ ବା ଦୁଇଟି ଉଚ୍ଚତର ବିଶେଷ ଶ୍ରେଣୀ ସୃଷ୍ଟି ନ ହେଲେ ଡେପୁଟିମାନଙ୍କର ଅବସ୍ଥା ଉନ୍ନତିର ସୁବ୍ୟବସ୍ଥା ହେବ ନାହିଁ। ଗବର୍ଣ୍ଣମେଣ୍ଟ ଆଉ କେତେକାଳ ଏ ବିଷୟ ଉପେକ୍ଷା କରିବେ?

---

## ଏ ନଗରର ପ୍ଲେଗ ହାସପାତାଲ।

ପ୍ରାୟ ଦେଢ଼ବର୍ଷ ହେବ ଯେଉଁ ସମୟରେ କଲିକତାରେ ପ୍ଲେଗ ରୋଗ ପ୍ରବେଶ ହେବାର ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଘୋଷଣା ଦେଲେ ଏବଂ ମୋଫସଲର ଜିଲା ମାଜିଷ୍ଟ୍ରେଟମାନଙ୍କ ପ୍ଲେଗ ନିବାରଣ ବିଧିଅନୁସାରେ ଉପାୟମାନ ଅବଲମ୍ବନ କରିବାକୁ ଆଦେଶ ଦେଲେ ସେ ସମୟରେ ଏ ନଗରରେ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଗୋଟିଏ ପ୍ଲେଗ ହାସପାତାଲ

Split by PDF Splitter

324



ସ୍ଥାପନର ଅବଶ୍ୟକତା ଉତ୍କଳର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫ୍ରାଉସ ସାହେବ ଅନୁଭବ କରି ଜିଲ୍ଲା ବୋର୍ଡ଼ରୁ ପ୍ରାୟ ଟ ୫୦୦ ଙ୍କା ମଞ୍ଜୁର କରାଇ ଖାନନଗର ପଡ଼ିଆ ନଗାଲୁଳଟର ଗୋଟିଏ ହାସପାତାଲ ନିର୍ମାଣ ଆରମ୍ଭ କରି ପ୍ଲେଗ ଉପସ୍ଥିତ ହେଲେ ତାହା ଶେଷ କରିବା ନିମନ୍ତେ ପ୍ରସ୍ତୁତ ରହିଲେ । ଈଶ୍ୱରଙ୍କ ଇଚ୍ଛାରେ ଏପର୍ଯ୍ୟନ୍ତ ଏ ନଗରକୁ ପ୍ଲେଗ ଆସି ନାହିଁ ସୁତରାଂ ହାସପାତାଲର କାର୍ଯ୍ୟ ଅଧିକ ଅଗ୍ରସର ହୋଇ ନାହିଁ । ବର୍ତ୍ତମାନର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଭଇ ସାହେବଙ୍କ ବିବେଚନାରେ ବମ୍ବେଇ ଓ କଲିକତା ଇତ୍ୟାଦି ସ୍ଥାନରେ ପେଲେଗ ଅବଧି ମାଡିଥିବା ଏବଂ ଏ ନଗର ସଙ୍ଗେ ରେଲବେଦ୍ବାରା ସେ ସ୍ଥାନମାନ ସ୍ଥାୟୀ ଯୋଗ ହୋଇଥିବା ପ୍ରତ୍ୟେକ ଅବସ୍ଥାର ଏକଦିନ ଏଠାରେ ପ୍ରବେଶ ହେବା ବିଚିତ୍ର ନୁହେ ଏବଂ ତହିଁ ପାଇଁ ପୂର୍ବରୁ ସାବଧାନ ରହିବା ନିତାନ୍ତ ଆବଶ୍ୟକ । ଏଥିରୁ ଖାନନଗରର ଯେଉଁଠାରେ ହାସପାତାଲ ହୋଇଅଛି ତାହା ବଡ଼ ବଢ଼ି ହେଲେ ଧୋଇଯିବ ଏବଂ ନଗର ଅରଷା- ଖରୁ ଦୂରରେ ଅଛି ଟଲେ ମଧ୍ୟ ନଗରଠାରୁ ପ୍ରାୟ ମା ଲ ଦୂର ହେଉଥିବାରୁ ସେଠାକୁ ରୋଗୀ ନେଇଯିବା କୌଣସିମତେ ସହଜ ନୁହେ । ଜେନରଲ ହାସପାତାଲ ଇତ୍ତ୍ରୀର୍ଣ୍ଣ ପଡ଼ିଆ ଅଛି ଯେଉଁଠାରେ କି ହାସପାତାଲ ହେଲେ ଡାକ୍ତାର ଏବଂ ଲୋକଙ୍କର ବିଶେଷ ସୁବିଧା ହେବ ଏବଂ ଅଳ୍ପକାଳ ନିମନ୍ତେ ଉପରଘର ନ କରି ତମ୍ବୁ ପକାଇ ଉଦ୍ଧାର କରିଦେଲେ ବର୍ତ୍ତମାନ ପେଲେଗ ରୋଗୀ ଏବଂ ତରକାଲ ଅନ୍ୟାନ୍ୟ ସଂକ୍ରାମକ ରୋଗପୀଡ଼ିତ ରୋଗୀମାନଙ୍କର କାର୍ଯ୍ୟରେ ଆସିବ । ସେପରି ଗୋଟିଏ ଘରର ବ୍ୟୟ ଟ ୮୨୦୦ ଙ୍କା ହେବ ଯେ ତହିଁ ମଧ୍ୟରୁ ଜିଲ୍ଲାବୋରଡ ଟ ୩୦୦୦ ଙ୍କା ଗବର୍ଣ୍ଣମେଣ୍ଟ ଟ ୩୦୦୦ ଙ୍କା ଦେବେ ଅବଶିଷ୍ଟ ଟ ୨୨୦୦ ଙ୍କା ସାଧାରଣ ଲୋକଙ୍କଠାରୁ ସଂଗୃହୀତ ହେବ । ମିଉନିସିପଲ ପଣ୍ଡରେ ଟଙ୍କା ନାହିଁ ମାତ୍ର ଖାନ ବନ୍ଦୋବସ୍ତରେ ଟଙ୍କା ଜମା ହେଲେ ସେଥିର ଉଚିତ ଭାଗ ନିଆଯିବ । ଶ୍ରୀଯୁକ୍ତ କେଉ ସାହେବ ଏହିପରି ପ୍ରସ୍ତାବ କରି କମିଶନର ସାହେବଙ୍କ ନିକଟକୁ ପତ୍ର ଲେଖିବାରେ ଅମ୍ଭମାନଙ୍କର ନୂତନ କମିଶନର ଶ୍ରୀଯୁକ୍ତ ମଉଣ୍ଟେନ ସାହେବ ତହିଁ ମର୍ମରେ ଉତ୍ତର ଦେଇଅଛନ୍ତି କି ଖାନନଗର ହାସପାତାଲର ଅସୁବିଧା ସମ୍ବନ୍ଧରେ ତୁମ୍ଭେ ଯାହା ଲେଖିଅଛ ତାହା ଯଥାର୍ଥ, ମାତ୍ର ୮୨୦୦ ବ୍ୟୟରେ ଜେନରଲ ହାସପାତାଲ ପଡ଼ି ସ୍ଥାନରେ ହାସପାତାଲ କରିବାକୁ ଇଚ୍ଛା କରୁଅଛ ତାହା ଅତ୍ୟନ୍ତ ଅଧିକ ଜଣା ଯାଉଅଛି ତଥାପି ପ୍ରଥମେ ଲୋକେ କେତେ ଚାନ୍ଦା ଦେବେ ଏବଂ ଟଙ୍କା କରିବାର ଚେଷ୍ଟା କର । ତଦନୁସାରେ ମାଜିଷ୍ଟ୍ରେଟ ସାହେବ ଲୋକେ ଚାନ୍ଦା ସଂଗ୍ରହ କରିବା ଆଶାରେ ଉପରୋକ୍ତ ବିଷୟମାନ ଏ ନଗରର ଭଦ୍ରଲୋକମାନଙ୍କୁ ଜଣାଇ ଦେଇ ଅଛନ୍ତି ।

ଅମ୍ଭମାନଙ୍କର କ୍ଷୁଦ୍ର ବିବେଚନାରେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କର ଏ ବିଷୟରୁ କ୍ଷାନ୍ତ ରହିବା ଉଚିତ ଏବଂ ବୁଦ୍ଧିମାନ୍ କମିଶନର ସାହେବ ପ୍ରକାରାନ୍ତରେ ତାହାହିଁ କହିଅଛନ୍ତି । ଏଠାକୁ ପ୍ଲେଗ ଆସିବ ନାହିଁ ଏମନ୍ତ କୁହାଯାଇ ନ ପାରିଲେହେଁ ସେପରି ଅନିଶ୍ଚିତ ରୋଗ ସକାଶେ ଏତେ ଟଙ୍କା ବ୍ୟୟ କରିବା ଆଦୌ ଉଚିତ ନୁହେ ବିଶେଷତଃ ଘରେ ଘରେ ଚିକିତ୍ସା ଏବଂ ପୃଥକ ରହିବାର ନିୟମ ହୋଇଥିବା ଓ କଲିକତା ଆଦି ସ୍ଥାନର ଲୋକସଂଖ୍ୟା ପ୍ରତି ରୋଗୀର ଅନୁପାତ ଅତ୍ୟନ୍ତ ଊଣା ଥିବା ସ୍ଥଳେ ଏତେ ବ୍ୟୟର ପ୍ରୟୋଜନ ଦେଖା ଯାଉ ନାହିଁ । ପକ୍ଷାନ୍ତରେ ଜିଲ୍ଲା ବୋରଡର ଅବସ୍ଥା ତେତେ ଭଲ ନୁହେ ଏବଂ ସେ ଟଙ୍କା ମିଉନିସିପାଲିଟି ମଧ୍ୟରେ ବ୍ୟୟ ହେବା ଅନୁଚିତ । ମିଉନିସିପାଲିଟିର ଅବସ୍ଥା ବର୍ତ୍ତମାନ ଶୋଚନୀୟ ଅରୁ ଗୃହସ୍ଥମାନଙ୍କ ଉପରେ ଅତିରିକ୍ତ ଟିକସ ବସାଇ ଅନର୍ଥକ କାର୍ଯ୍ୟରେ ତାହା ବ୍ୟୟ କରିବା ମଧ୍ୟ ଯୁକ୍ତିସଙ୍ଗତ ନୁହେ । ମାଜିଷ୍ଟ୍ରେଟ ସାହେବ ଯତ୍ନ କଲେ ଲୋକେ ଚାନ୍ଦା ଦେଇ ପାରନ୍ତି ମାତ୍ର କେତେହଜାର ଟଙ୍କା ଉଠିବ କି ? ଆଉ ଉଠିଲେ ମଧ୍ୟ ଅନ୍ୟାନ୍ୟ ଗୁରୁତର ବିଷୟ ଉପେକ୍ଷିତ ହୋଇ ଏହି ଅନିଶ୍ଚିତ କାର୍ଯ୍ୟରେ ତାହା ବ୍ୟୟ ହେଲେ ସୁଖର କଥା ହେବ ନାହିଁ

## ସାପ୍ତାହିକ ସମ୍ବାଦ ।

### କଲିକତା-ଗଜେଟ ।

ଅନୁସ୍ଥିତ ପୋଷ୍ଟବର ଗଇ ଛୁଟି ପ୍ରାପ୍ତ ଅଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ୍, ଏ, ଏସ, କାର୍ଯ୍ୟ ଧରିବା ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ସ୍ଥାପିତ ହେବ ସୁ ଖାସ୍ତା ଲ ପ୍ରଚାର ଅଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ଯେ, ଇ, ଅର୍ମ୍ବ୍ରଙ୍ଗ ଅନୁସ୍ଥିତ ପୋଷ୍ଟ ମାଷ୍ଟରଙ୍କ ସ୍ଥାନରେ ନିଯୁକ୍ତ ହୋଇଅଛନ୍ତି ।

ଅଣିଷ୍ଟାଣ୍ଟ ଜେନ୍ସଷ୍ଟି ଦ୍ଵିତୀୟଙ୍କର ପାଣ୍ଡୁଲିପି ଇର୍ଗାସ୍ ପରୀକ୍ଷା ଅଗାମୀ ନବମ୍ବର ମାସ ତା ୭ ଦିନରେ ହେବାର ବିଜ୍ଞାପନ ଦିଆ ହୋଇଅଛି ।

ପୁରୀ ମୁନସଫ ବାବୁ ବିଶେଷ ଲଲ ସେନ ଝେଲ୍ସଡିସର ବ୍ରାହ୍ମଣବାଡ଼ିଆ ମୁନସଫଗିରରେ ନିଯୁକ୍ତ ହେଲେ ଓ ସେଠା ମୁନସଫ ବାବୁ ସମ୍ଭୁଘୋଷ ବାନୁର୍ଜି (ନ ୨ ସ୍ଥିର) ପୁରୀ ମୁନସଫଗିରରେ ନିଯୁକ୍ତ ହେଲେ ।

ଉତ୍ତ୍କଳ ତହସିଲଦାର ବାବୁ ନାରାୟଣଚନ୍ଦ୍ର ଦାସଙ୍କ ପୌତ୍ତରଙ୍କ କାର୍ଯ୍ୟଦକ୍ଷ ଅନୁସାରେ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ଉପରେଇ ଆଃ ଇଞ୍ଜିନିୟର ମିଃ ଏଚ୍, ଡ, ଗିଲ୍ବର୍ଟ ପର୍ଲୋ ଛୁଟିରୁ ଫେରିଅଛି ଓଡ଼ିଶା ରେ ପୂର୍ବସ୍ଥାପିତ ହେବେ ।

— ❋ —

ଅତି ଦୁଃଖର ସହିତ ପ୍ରକାଶ କରୁଅଛୁ ଯେ ମହାନ ଭୂଷଣ୍ଡିକୋର୍ଟ ଉପକାର ସ୍କୁଲ ସବଇନସ୍ପେକ୍ଟର ବାବୁ ଓଡ଼ିଆଁ ପାଇନ ଗତ ଶୁକ୍ରବାର ରାତ୍ରି ଶେଷ ପ୍ରହରରେ ସନ୍ନିପାତରେ ପରଲୋକ ଗମନ କଲେ । ବାବୁ ମହୋଦୟ ଅତ୍ୟନ୍ତ ଶାନ୍ତ ପ୍ରକୃତିର ଲୋକ ଥିଲେ ।

ଗତ ବୁଧବାରଠାରୁ ଆକାଶ ବିଶେଷ ମେଘାଚ୍ଛନ୍ନ ରହୁଅଛି, ଏ ସପ୍ତାହରେ ଦୁଇ ତିନି ବୃଷ୍ଟି ହୋଇଅଛି ଏବଂ ଓଡ଼ିଶା ଠା ପୂର୍ବ ସ୍ତ୍ରୀ ପ୍ରାପ୍ତ ଦୂର ସୂଚନା ପ୍ରକାଶ ଦେଉଅଛି ।

ବାବୁ ଶ୍ରୀ ଗୋପାଳ ଭଟ୍ଟାଚାର୍ଯ୍ୟ ଡେପୁଟି କଲେକ୍ଟର ଛୁଟିରୁ ଫେରି ନେଇ ଏ ନଗରକୁ ଆସିଅଛନ୍ତି ଏବଂ ଏଥିମଧ୍ୟରେ ତାହାଙ୍କର ଏଠାରୁ ବଦଳି ହୋଇଅଛି ।

ଗତ କେତେକ ଦିନର ବୃଷ୍ଟିରେ ଏ ଜିଲ୍ଲାର ଉତ୍ତରାଂଶ ଭାଗର ଅବସ୍ଥା ଫେରି ନାହିଁ । ପୁରୀ ଜିଲ୍ଲାର ଫସଲର ଅବସ୍ଥା ମଧ୍ୟ ଭଲ ନୁହେ ।

ମଧ୍ୟପ୍ରଦେଶର ଶିବଙ୍କ ଉତ୍ସାହ ଅଚଳା ତାଲୁକରେ ଗୋଟିଏ ବାଘ ମାରି ଦେଲେ ମନୁଷ୍ୟ ନଷ୍ଟ କରିବା ଏବଂ ଦେହ ତାହାକୁ ମାରି ନ ପାରିବାରୁ ମହାମାନ୍ୟ ଚିଫ୍ କମିଶନର ତାହାକୁ ଯେ ବଧ କରିବ ସେ ଟ ୫୦୦ ଙ୍କା ପୁରସ୍କାର ପାଇବ ବୋଲି ଘୋଷଣା ଦେଇଅଛନ୍ତି ।

ସମ୍ବଲପୁର ଜିଲ୍ଲାରେ ଫସଲ ଉତ୍ତମ ଓ ବଡ଼ିବା ଯୋଗ ବୃଷ୍ଟି ହୋଇଅଛି । ସମ୍ବଲପୁର ସହରରେ "ଧାନର ଦର ଟଙ୍କାକୁ ସେ ୧୬ ର ଏବଂ ବରଗଡ଼ରେ ସେ ୨୧ ର ହୋଇଅଛି ।

ଏ ବର୍ଷର ଶିକ୍ଷକ ପରୀକ୍ଷାରେ କଟକରେ ୩ ୨ ଜଣ ଛାତ୍ର ୧ମ ଶ୍ରେଣୀରେ ଏବଂ ୩ ୪ ଜଣ ୨ୟ ଶ୍ରେଣୀରେ ବି, ଉ, ପାସ କରିଅଛନ୍ତି । ଏଲ, ଉ, ପରୀକ୍ଷାରେ କେବଳ ୬ ୨ ଜଣ ୨ୟ ଶ୍ରେଣୀରେ ପାସ କରିଅଛନ୍ତି ।

ଶୁଣ ହେବା ଅପେକ୍ଷାରେ ପାଞ୍ଚ ସ୍ତରର କାର୍ଯ୍ୟ ଡାକ୍ତରୀ ଚେଷ୍ଟାର ଗିରି ଏବଂ ବର୍ଷ ଏବଂ ଚେତ୍ର ବର୍ଷ କଲେକ୍ଟର ଉଚିତସଙ୍କ ମା ୭ ସ ବିଶେଷତ୍ୱ ପାଇଅଛନ୍ତି ।

ଫ୍ରାନ୍ସ ଗବର୍ଣ୍ଣମେଣ୍ଟ ଜନ୍ମାଜ ଡ୍ରେଫ୍ରସଙ୍କୁ ଖାଲାସ ଦେବାରେ ଇହୁଦୀ ଏବଂ ଅମେରିକାର ଲୋକମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛନ୍ତି ।

ପାକିସ ନଗରରେ ଯେଉଁ ପ୍ରଦର୍ଶନୀ ଅଛି ଏବଂ ଦର୍ଶନୀରେ ଫିଟିବ ତହିଁ ପାଇଁ ସେଥିରୁ ଦୁଇ ପୋଷ୍ଟ ଥିଲେ ତାହାକୁ ଫେରି ନେଉଅଛନ୍ତି ।

ମାଡ୍ରାଜଠାରେ ବର୍ଷେ ହେବ ମୁଦମାସ ତଳେ କେତେକ ମୁସଲମାନମାନଙ୍କ ସଙ୍ଗେ କଲହ ବଡ଼ ଆଘାତ ପ୍ରାପ୍ତ ହୋଇଥିବା । ସେହି ଦିନଠାରୁ ତାହାର ମୁସଲମାନଙ୍କ ପ୍ରତି ଅତ୍ୟନ୍ତ କ୍ରୋଧ ଜାତ ହୋଇଥିବା ଏବଂ ଆପଣାର ସ୍ତ୍ରୀକୁ ସଙ୍ଗେ ନେଇ ଏକଟି ମହଜିଦ ବନ୍ଦ କରୁଥିବା । ଗତ ମାସ ତା ୭ ଦିନ ସନ୍ଧ୍ୟାରେ ସେ ଆପଣାର ସ୍ତ୍ରୀକୁ ପେଟରେ ଚୁରିକା ବିଦ୍ଧ କରି ସବୁ ପକାଇ ଯାଇ ନ ୨ ଜଣ ଲୋକକୁ ମାରି ପକାଇଲା ଓ ଅନ୍ୟ ୧୧ ଜଣ ଲୋକଙ୍କ ଦେହରେ ଛୁରି ଲଗାଇଦେଲା । ଏଥିଉତ୍ତାରୁ ସେ ଆପଣାକୁ ପୋଲିସ ହସ୍ତରେ ସମର୍ପଣ କରିବ ରୁ ତାହା ନାମରେ ନେ ହତ୍ୟା ଅଭିଯୋଗ ଥାଇ ସେ ଲୋକ ମଧ୍ୟରୁ ଜଣେ ଦୁଇଜଣ ହତା ଅଧିକ ଲୋକେ ଭଲ ହେଉଅଛନ୍ତି ।

Digitized by srujanika@gmail.com

Split by PDF Splitter



ଟୋଲିଗଞ୍ଜର ଜଣେ ଲୋକ ଏକ ବ୍ୟକ୍ତିକୁ ଅପଣାର ଘୃଷ୍ଟ ପ୍ରାପ୍ତ ଭଣିଥିଲେ । ଉକ୍ତ ଲୋକ ତଲେ ସେ ଲୋକଟି ଅପଣା ସ୍ତ୍ରୀ ସଙ୍ଗେ କୁକର୍ମ୍ମ କରିବାରୁ ସମସ୍ତ ଲୁହି ପାଠରେ ସ୍ପୃଷ୍ଟ ସବୁ ଜଳିସମାନ ଗଲ୍ଭରେ କୋଷାର କର ଏଥିକରାକୁ କ୍ଷେତ୍ର ସାକ୍ଷ୍ୟକା ସମସ୍ତେ ଧର ପଞ୍ଚ ଏବର୍ଷ କଠିନ ପରିଶ୍ରମ ସହିତ ଜେଲଖାନାର ଅଦେଶ ପାଇଅଛି ।

ପେସୱାରଠାରେ ଜଣେ ପଣ୍ଡିତଙ୍କୁ ମାରି ପକାଇଥିବା ଅପରାଧରେ ଜଣେ ଗୋରା ସିପାହୀ ସହୋଦର ପ୍ରଧାନ ଅଦାଲତ କର୍ତ୍ତୃକ ଦଣ୍ଡିତ ହୋଇଅଛି । ସର୍ଜଣ ମେଜର ଏ କଥପ୍ରୟୋଗ ନ କରିବାରୁ ରପୋର୍ଟ ଅସିଷ୍ଟାଣ୍ଟ ଅନୁକୂଳ ଜେନେରଲ ତାଙ୍କୁ ଦଣ୍ଡ କରିଅଛନ୍ତି ।

କଲିକତା ହାଇକୋର୍ଟର ସମ୍ବାଦ ଯେଉଁ ମାଜିଷ୍ଟ୍ରେଟ ମୋକଦ୍ଦମା ପତ୍ରିକାର ସମ୍ପାଦକ ପ୍ରଭୃତଙ୍କ ମୋକଦ୍ଦମା ନିଷ୍ପତ୍ତି କରିଥିଲେ ତାହା ହାଇକୋର୍ଟ ମୂଢେଇ । ମତେ ଯାଏ କରିଥିଲେ ଏକଥା କହିବାରୁ ଶାରଦ ହୋଇ ହାଡେସକୁ ଅସିବାବେ । ପୂର୍ବୋକ୍ତ ମୋକଦ୍ଦମା ଭାବର ଜଣଙ୍କ ମୃତ୍ୟୁ ହେଲା । ମାଜିଷ୍ଟ୍ରେଟଙ୍କ ନିକଟରେ ଅବେଦନ କରିଥିଲେ ।

ମେକ୍ସୋର ନଗରରେ ଜାଗତ୍ର ମହାସଭାରେ ଗାଁଯନ୍ତ୍ର ଅଧିବେଶନ ନିମନ୍ତେ ଯେଉଁ ମଣ୍ଡପ ପ୍ରସ୍ତୁତ ହେବ ତାହାର ଦୀର୍ଘ ୨୫୦ ଫିଟ ଏବଂ ପ୍ରସ୍ଥ ୧୫୦ ଫିଟ ।

କେବଳଠାରେ ୧୨୦୦୦ ଲୋକ ଠିଆହେଲ ସଭାମାଝ ବସିପାରିବେ ।

କଲିକତା ହାଇକୋର୍ଟର ଉକିଲ ବାବୁ ଯୋଗେନ୍ଦ୍ର ନାଥ ଘୋଷ ଉକ୍ତ କାର୍ଯ୍ୟ ନିମନ୍ତେ ଠାକୁର ଅଇନ ଅଧ୍ୟାପକ ନିଯୁକ୍ତ ହୋଇଅଛନ୍ତି ।

---

ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଜୋଶି ସୂର୍ଯ୍ୟନାରାୟଣ—ଶାସ୍ତ୍ର ଓ ଧର୍ମ ସମ୍ବନ୍ଧରେ ନାନା ସମ୍ପ୍ରଦାୟର ଲୋକଙ୍କର ନାନା ମତ ସୁତରାଂ ସେ ସମ୍ବନ୍ଧୀୟ ପ୍ରଶ୍ନମାନଙ୍କର ନାନାପ୍ରକାର ଉତ୍ତର ପାଇବା ଭୟରେ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

ଶ୍ରୀ ସେଣ୍ଡି ସୂର୍ଯ୍ୟନାରାୟଣ—ଏହି କୋଟ ଶ୍ରେଣୀର ପ୍ରକାଶିତ କବିତା ପଢ଼ି ପ୍ରଶଂସା କରୁଅଛନ୍ତି ।

---

ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହୋଦୟ-ଶ୍ରୀଚରଣ କମଳେଷୁ

ମହାଶୟ !

ପଣ୍ଡିତମଣ୍ଡଳଙ୍କର ଶ୍ରୀଚରଣ ବନ୍ଦନାନନ୍ତର ପ୍ରଶ୍ନ ଏହିକି କୌଣସି ଶୂଦ୍ର ( କାୟସ୍ଥ, କରଣ ) ଶ୍ରୀ ବିଷ୍ଣୁସହସ୍ରନାମ, ଶ୍ରୀମଦ୍ଭଗବଦ୍ଗୀତା ଓ ଶ୍ରୀ ମହାଭାରତ ଇତ୍ୟାଦି ଧର୍ମ୍ମଶାସ୍ତ୍ରର ମୂଳ ପାଠ କରି ପାରନ୍ତି କି ନା ? ଯେବେ ନ ପାରନ୍ତି କେଉଁ ବାକ୍ୟାନୁସାରେ, ଯେବେ ପାରନ୍ତି କେଉଁ ବାକ୍ୟାନୁସାରେ ?

ଯେବେ ଶୂଦ୍ରମାନେ ଉକ୍ତ ସମସ୍ତ ଗ୍ରନ୍ଥ ପଢ଼ିବାର ଅଧିକାରୀ ନୁହନ୍ତି ତେବେ ଶ୍ରୀ ବିଷ୍ଣୁସହସ୍ରନାମ ମାହାତ୍ମ୍ୟରେ ।

"ଯଇଦଂ ଶୃଣୁୟାନ୍ନିତ୍ୟଂ ଯଶ୍ଚାପି ପରିକୀର୍ତ୍ତୟେତ୍ ନାଶୁଭଂ ପ୍ରାପ୍ନୁୟାତ୍ କିଞ୍ଚିତ୍ ସୋଽମୁତ୍ରେହ ଚ ମାନବଃ ॥ ବେଦାନ୍ତଗୋ ବ୍ରାହ୍ମଣଃ ସ୍ୟାତ୍ କ୍ଷତ୍ରିୟୋ ବିଜୟୀ ଭବେତ୍ ॥ ବୈଶ୍ୟୋ ଧନସମୃଦ୍ଧଃ ସ୍ୟାଚ୍ଛୂଦ୍ରଃ ସୁଖମବାପ୍ନୁୟାତ୍"

ଉପର ଉକ୍ତ ଶ୍ଳୋକାନ୍ତର୍ଗତ ଯଃ ଅର୍ଥ ( ଯେ କୌଣସି ଲୋକ ) ବ ( ଯେ ବ୍ରାହ୍ମଣ ) ଏବଂ ଶୂଦ୍ରଃ ସୁଖମବାପ୍ନୁୟାତ୍ ଏହାର ଅର୍ଥ ( ଶୂଦ୍ର ପାଠ କଲେ କମ୍ବା ଶ୍ରବଣ କଲେ ସୁଖ ପ୍ରାପ୍ତ ହୁଏ ) ଏହାପର ହେବ କି ନା ?

ଯେବେ ଶୂଦ୍ର ପଢ଼ିବାର ଅଧିକାରୀ ହୁଅନ୍ତି ତେବେ ଅର୍ଥାନୁବାଦ କରିପାରନ୍ତି କି ନା ଓ ଶୂଦ୍ରମାନେ କପରି ଧର୍ମ ଗ୍ରନ୍ଥ ପଢ଼ିପାରନ୍ତି ଓ କିପରି ଗ୍ରନ୍ଥ ପଢ଼ି ନ ପାରନ୍ତି ?

ଶୂଦ୍ର ଉପରଉକ୍ତ କୌଣସି ଗ୍ରନ୍ଥ ପଢ଼ିଥିଲେ ଦୋଷୀ ହେବ କି ନା ହେଲେ ତାହାର ଦଣ୍ଡ କି?

ସ୍ତବସ୍ତୋତ୍ରାଦି ପାଠରେ ବିଷ୍ଣୁଙ୍କର ଦାସତ୍ୱ ଲାଭ ହୁଏ କି ନା ଯେବେ ନୁହେ ତେବେ କି କାର୍ଯ୍ୟ କଲେ ବିଷ୍ଣୁଙ୍କର ଦାସତ୍ୱ ଲାଭ ହୋଇ ପାରେ ? । ଇ । ଇତି

ସା । ଜସଡପୁର
ଡାଃ କେନ୍ଦ୍ରାପଡ଼ା
ତା ୬।୯।୯୯

ବଶମ୍ବଦ
ଶ୍ରୀ ଲକ୍ଷ୍ମୀଧର ଦାସ

---

To the Editor Utkal Dipika,

Sir,

In the last issue of the *Utkal Sahitya*, the editor of the magazine criticises the presidential address of Babu Nilkanta Mazumdar M. A. at the third anniversary of the observers' club, held on the 5th ultimo at the Ravenshaw College Hall. It is a pity, the learned president of the evening should have the misfortune of addressing an audience one of whom at least, as we see, *cannot* understand him; and what is stranger still, *that one* is the editor of a monthly journal, which boasts of a large circulation in Orissa. I was personally present at the meeting; and I can confidently assert that Babu Nilkanta never expressed his individual opinion as to whether or not sea-voyage was advisable for a *Hindu*. In his learned address, he merely explained, in his own lucid way and with none of the bustle of the common pampleteer, the reasons which had led the Hindu Rishis to prohibit sea-voyage, telling us at the same time the opinions of some of the greatest Western thinkers of the day. I am sure, he kindled in those of his audience, who were capable of that generous infection, a respondent interest in and sympathy with the objects of the hoary, wise, and far-seeing Rishis of the Hindus. The Hindu Rishis, he said, had held up to our view the moral and religious ideal, and not the sordid ideal of wealth and riches, and that any one, who wished to prefer one to the other, was welcome to do so. That this mere elucidation should evoke such a strong, hostile and personal criticism, is more than I can understand.

I deprecate the spirit in which the article was conceived and written. It breathes throughout a personal animosity, which I for the life of me cannot account for unless I impute it to the difference in the religious persuasion of the editor. That one should live to see a man of *Baboo* Biswanath's education firing off his blunderbus at a man of Babu Nilkanta's erudition and wisdom, to see a Lilliputian measuring swords with a Brobdingnagite! O Tempora!! O Mores!!!

In my opinion, nothing can be more ridiculous on the part of the young editor than to expect even a single member of the Observers' Club to lend countenance to the intemperate tone of his article and to the ingenious mis-interpretation of the remarks of Babu Nilkanta.

I beg to remain
&c. &c.

Cuttack
13-9-99.

Narendranath Basu,
A member of the Observer's Club, Cuttack.

Digitized by srujanika@gmail.com

Split by PDF Splitter

326



ସିଦ୍ଧେଶ୍ୱରପୁର ହରିହର ପ୍ରଦାୟିନୀ ସଭା ପୁସ୍ତକାଗାର ଦାନପ୍ରାପ୍ତି ।

| | |
|---|---|
| ପୂର୍ବ ପ୍ରକାଶିତ ମୋଟ | ଟ ୫୧୳ |
| ସଭାର ଜନୈକ ଶୁଭାକାଂକ୍ଷୀ | ଟ ୧୦୲ |
| | ——— |
| ଏଂ | ଟ ୬୧୳ |

କଟକ ଶ୍ରୀଗୌରୀଶଙ୍କର ରାୟ
୨୧।୯।୯୯ କୋଷାଧ୍ୟକ୍ଷ

ମୂଲ୍ୟପ୍ରାପ୍ତି ।

| | |
|---|---|
| ମୁନସି ମହମ୍ମଦ ଅଲି କଟକ ଅଦାଲତର ଅନୁବାଦକ | ଟ ୧ |
| ବାବୁ ପରମାନନ୍ଦ ନନ୍ଦ ପାଠ କଟକ | ଟ ୧ |
| " ଜଗଦ୍‌ଗୁରୁ ପ୍ରଧାନ ଡାକ୍ତରଖାନା ଡାକ୍ତର କେନ୍ଦୁଝର | ଟ ୩ |
| " ଶମ୍ଭୁନାଥ କର କଟକ | ଟ ୩ |
| " ଗୌରଚନ୍ଦ୍ର ସେନ ଅନୁଗୁଳ | ଟ ୪ |
| " କୃଷ୍ଣଚରଣ ପଧାନ ଜଗନ୍ନାଥପୁର ଦେଉଳଗି | ଟ ୩ |
| " କେଦାରନାଥ ପାଣିଗ୍ରାହୀ ଉଶ୍ୱାସପୁର ଉମାକାନ୍ତ | ଟ ୩ |
| ସାମନ୍ତ ଶ୍ରୀ ଗଜନାରାୟଣ ଦାସ ବାଲେଶ୍ୱର | ଟ ୭ |
| ବାବୁ ସୁଦର୍ଶନ ଦାସ ଅନନ୍ତପୁର | ଟ ୪୷୭ |
| ବାବୁ ଗିରଧାରୀ ପାଢ଼ୀ ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ ଡିପୁଟୀ ଅନନ୍ତପୁର | ଟ ୩ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକର ପ୍ରସିଦ୍ଧ ଚଉଧୁରି ବଜାର ଶ୍ରୀ ନାରାୟଣ ମିଶ୍ର ଶର୍ମା ମହାଶୟ କନ୍ଦର୍ପଶିଳ ସ୍ଥାନରେ ଏକ ପୁସ୍ତକାଳୟ ଓ ଦେଶୀୟ ଔଷଧାଳୟ ସ୍ଥାପନ କରିଅଛନ୍ତି । ଏଠାରେ ସର୍ବ ପ୍ରକାର ସ୍କୁଲପାଠ୍ୟ ଓ ସାଧାରଣ ପୁସ୍ତକ ଏବଂ ଦେଶୀୟ କବିରାଜୀ ସର୍ବ ପ୍ରକାର ରୋଗର ଔଷଧ, ତୈଳ, ସୁବାସିତ ତୈଳ, ଘୃତ, ବଟୀ, ଚୂର୍ଣ୍ଣ, ଡ୍ୟବନପ୍ରାଶ ପ୍ରଭୃତି ସୁଲଭ ମୂଲ୍ୟରେ ବିକ୍ରୟ ହୁଏ । ମୋଫସଲ ଗ୍ରାହକମାନଙ୍କ ନିକଟକୁ ଭିଃ ପିରେ ଔଷଧ ପ୍ରେରିତ ହୁଏ । ଦୁରାରୋଗ୍ୟ ରୋଗୀ ରୋଗର ଲକ୍ଷଣ ଅନୁପୂର୍ବିକ ଜଣାଇଲେ ଚିକିତ୍ସା କରାଯାଏ ।

ଗ୍ରାହକମାନେ ନିର୍ଦ୍ଧାରିତ ଠିକଣାରେ ପତ୍ର ଲେଖିଲେ ସକଳ ବିଷୟ ଜାଣି ପାରିବେ । ବିଶେଷ ଅନୁଗ୍ରହର ବାହୁଲ୍ୟ ମାତ୍ର । "ପଲେନ ପରଚୀସ୍ତରେ" ।

ଚୌଧୁରୀବଜାର
କଟକ
୨୧-୯-୯୯

ଶ୍ରୀ ମୋହନ ଚାଷୁକ
ଏଜେଣ୍ଟ

## ନୂତନ ପୁସ୍ତକ ।

ଦ୍ୱୈପାୟନ ଖାରଲାଦାସଙ୍କ

ସଚିତ୍ର

# ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୬୷ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୳ |
| ୨ ମଧ୍ୟ ପର୍ବ | ଟ ୨୳ |
| ୩ ସଭା ପର୍ବ | ଟ ୨୳ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୲ |
| ୯ କର୍ଣ୍ଣ ପର୍ବ | ଟ ୦।୰ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାର୍ତ୍ତିକା ବା ଐଷିକ ପର୍ବ | ଟ ୦।⁄ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଅଶ୍ରିତ ଓ ଅଶ୍ୱମେଧ ପର୍ବ | ଟ ୦୳ |
| ୧୭ ମୂଷଳୀ ପର୍ବ | ଟ ୦।୰ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

ଗ୍ରାହକେ କଟକ ଚଉଧୁରୀବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇ ପାରିବେ ।

## ବିଜ୍ଞାପନ ।

ଯେହେତୁ ଅତ୍ର ବସ୍ତା କୋଠିଗ୍ରା ତହସିଲସ୍ଥ କେତେକ ସ୍ଥାପନା ଜରିବ ବନ୍ଦୋବସ୍ତ ହେବାରୁ ସ୍ଥାନକୁ ନ ୪୦ ଶ ଅମିନ ଓ ମୋହରିର ଆବଶ୍ୟକ; ତହିଁ ମଧ୍ୟରୁ ନ ୧୬ ଶ ଅମିନ ଆସନ୍ତା ଅକ୍ଟୋବର ମାସ ତା ୧୦ ରଖ (ଦଶହରା ସମୟ) କୁ ନିଯୁକ୍ତ ହେବା ବାଞ୍ଛନୀୟ, ଅପର ମାନେ ଆସନ୍ତା ନଭେମ୍ବର ମାସ ତା ୧୫ ରଖ ସୁଦ୍ଧା ନୂତନ ହୋଇ କାର୍ଯ୍ୟ କରିବେ । ଏଣୁକରି ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଉପରୋକ୍ତ କାର୍ଯ୍ୟ ପାଇବା ନିମନ୍ତେ ଇଚ୍ଛୁକ, କରନ୍ତି ସେମାନେ ଚଳିତମାସ ଶେଷସୁଦ୍ଧା ଆପଣ ଆପଣା ପ୍ରଶଂସା ପତ୍ର ସହ ଦରଖାସ୍ତ ନିମ୍ନଲିଖିତ ଠିକଣାରେ ପଠାନ୍ତୁ । ସେମାନେ ଦରଖାସ୍ତ ପଠାଇଲାରୁ ତହିଁର ମଞ୍ଜୁରୀ ଆଦେଶ ପାଇଗଲେ ଏଠାରେ ଆସି ଉପସ୍ଥିତ ହୋଇ କାର୍ଯ୍ୟଭାର ଗ୍ରହଣ କରିବେ । ଇତି । ୧୪ । ୯ । ୯୯.

ଶ୍ରୀ ଜଗଦାନନ୍ଦ ଦାସ
ଷ୍ଟେଟ୍ ସୁପରିଣ୍ଟେଣ୍ଡେଣ୍ଟ । ବ । ବାମଣ୍ଡା
ପୋ : ଅଃ ଦେବଗଡ଼ । ଜ । ସମ୍ବଲପୁର

## ଫଟୋଗ୍ରାଫ ।

(ମନୁଷ୍ୟାଦ ନାନାଜାତ ଓ ଦୃଶ୍ୟାଦର ଫଟ ବା ଛବ) ସୁଲଭ ମୂଲ୍ୟରେ ଅଙ୍କିତ ହେଉଅଛି । ଯାହାଙ୍କର ଜନକ ଜନନୀ ଅବା ସ୍ତ୍ରୀ ବନ୍ଧୁ ପୁତ୍ର ଓ କନ୍ୟା ପିତା ଆଦି ଗୁରୁଜନମାନଙ୍କର ଫଟ ପ୍ରସ୍ତୁତ କରାଇ ସ୍ମରଣ ନିମନ୍ତେ ଗୃହରେ ରଖିବାର ବାସନା ଥାଏ ସେମାନେ ଏଠାରେ ଉପସ୍ଥିତ ହୋଇ ଜଣାଇଲେ ଶୀଘ୍ର କାର୍ଯ୍ୟ ସାଧିଯାଇବେ ।

ପ୍ରତ୍ୟହ ଉପରୋକ୍ତ ଘ ୪ଆ ଘଣ୍ଟା ଭିତରୁ ଏ କାର୍ଯ୍ୟ ହେବାର ଧାର୍ଯ୍ୟ ହୋଇଅଛି । ଏହା ଛଡ଼ା ଯାହାଙ୍କର ପିତା ମାତା ଭ୍ରାତା ଭଗିନୀ ପୁତ୍ର କନ୍ୟାଦ ସମସ୍ତ ପରିବାରଙ୍କର ଫଟ ନିଜ ନିଜ ଗୃହରେ ପ୍ରସ୍ତୁତ କରାଇବାର ଆବଶ୍ୟକ ହେବ ସେମାନେ ତହିଁର ସ୍ୱତନ୍ତ୍ର ବନ୍ଦୋବସ୍ତ କଲେ ସଫଳ କାମ ହୋଇ ପାରିବ । ଉର୍ଦ୍ଧିତ ବିଷୟ ଅମୂଳ କାର୍ଯ୍ୟ କରିବା ସ୍ଥାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ଅଥବା ଅଲମସ୍ତଦ ବଜାର ଅମ୍ଭ ଘରଠାରେ ଅମ୍ଭଠାରୁ ବୁଝିବେ ।

ଶ୍ରୀ ଭଗୀରଥୀ ପାଟଯୋଷୀ ।

## FOR SALE.

A splendid tusker aged 29 years height 9ft. 4½ inches. For further information apply to the undersigned.

Manager's office
Talcher
1—9—99.

Lala Ram Narayan Rai
*Head Clerk*
For Manager.

ଏକ ଉତ୍ତମ ଦନ୍ତା ହସ୍ତୀ ବୟସ ବ ୨୯ ବର୍ଷ ଉଚ୍ଚ ଫୁ ୯ ଇଂ ଇ ୪½ ଏ ବିକ୍ରୟ ହେବ।

Digitized by srujanika@gmail.com

Split by PDF Splitter



କୌଣସି ବିଶେଷ ହାଲ ଜାଣିବାର ଆବଶ୍ୟକ ହେଲେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲେଖିବାକୁ ହେବ ।

ଡାଲଟେନ
ମେନେଜର ଅଫିସ
ତା ୧।୯।୯୯

Lala Ram Narayan Rai
*Head Clerk,*
For Manager.

---

ସରକାରୀ ରାଜସ୍ୱ ଟ ୫୦୦୯ ଙ୍କା ବାକୀ ନିମନ୍ତେ ତଳଲିଖିତ ମାହାଲମାନ ପୁରୀ କଲେକ୍ଟରୀ କଚେରୀରେ ସନ ୧୮୯୯ ସାଲ ସେପ୍ଟମ୍ବରମାସ ତା ୨୫ ରିଖରେ ନିଲାମ ହେବ ।

ତଉଜି ନମ୍ବର ନାମ ମାହାଲ

ଓ୧୧୧୫ ନମ୍ବର । ମୌ । ଜନ୍ମୁଧରଣ । ପ୍ର । ଓଲଝାର

ମୋଫସଲଜମା ଟ ୪୩୮।୯।/୯
ସଦରଜମା ଟ ୨୭୯।୵୪

ମୁନାଫା ଟ ୧୭୯।୷/୫

ଓ୪୧୯ମ୍ବର । ମୌ । ଗୁଜପୁର । ପ୍ର । ପଶ୍ଚିମଡୋବାଲ
ମୋଫସଲଜମା ଟ ୩୪୫।
ସଦରଜମା ଟ ୧୮୧।୵

ମୁନାଫା ଟ ୧୬୬।୯।୵

ଉ୧୬୯ମ୍ବର । ମୌ । ଗୁଜପୁର । ପ୍ର । ପଶ୍ଚିମଡୋବାଲ
ମୋଫସଲଜମା ଟ ୯୮୯।୷/୬
ସଦରଜମା ଟ ୫୮୫।୵୭

ମୁନାଫା ଟ ୪୦୪।/୪

ନ୨୮୮ମ୍ବର । ମୌ । ଦୁର୍ଗାପୁର । ପ୍ର । ପଶ୍ଚିମଡୋବାଲ
ମୋଫସଲ ଜମା ଟ ୬୩।୯।୷/୩
ସଦରଜମା ଟ ୪୦।୯।

ମୁନାଫା ଟ ୨୩।୷/୩

ପୁରୀ } ନୀଳକଣ୍ଠ ଘୋଷ
୩।୯।୯୯ } ଜଟିଦାର

---

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସି

ବିଶେଷ-ସୁବିଧା ।

ଶାଢ଼ୀ, ଧୋତି, ଇତ୍ୟାଦି ଆମ୍ଭର କୋଠିରେ ସର୍ବଦା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ଯାହାଙ୍କର ଯେମନ୍ତ ପସନ୍ଦ ସେ ସେମନ୍ତ ଜିନିଷ ପାଇବେ ଏବଂ ଭିନ୍ନ ୨ ପ୍ରକାର ବସ୍ତ୍ର ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ । ବସ୍ତ୍ରସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, ନୟାଗଡ଼, ଆଠମଲ୍ଲିକ, ସରେଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଇଜାନଗର, ମଞ୍ଜୁସାପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ ( ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଉଲଟ କନ୍ତୁ ଲଫାଫା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ରେଲ୍ୱେପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମହଲ୍ଲା ସିଦ୍ଧେଶ୍ୱରୀ ବନାରସ ସିଟି

---

ନୂତନ ! ନୂତନ ! ନୂତନ !

## ସହଜ ଇଂରାଜୀଶିକ୍ଷା ।

An Easy guide to Translation
from Oria to English

ଶ୍ରୀ ବିଶ୍ୱନାଥ ମିଶ୍ର ପ୍ରଣୀତ

ଓଡ଼ିଶା, ଗଞ୍ଜାମ, ସମ୍ବଲପୁର ପ୍ରଭୃତିର ଉଚ୍ଚ ଇଂରାଜୀ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କ ପାଠୋପଯୋଗୀ । ସାଧାରଣ ଲୋକେ ଅତି ସହଜରେ ଏଥିରୁ ଇଂରାଜୀ ଶିକ୍ଷା କରି ପାରିବେ । ଶିକ୍ଷା ବିଭାଗୀୟ ଇନ୍‌ସ୍ପେକ୍ଟର ପ୍ରଭୃତି ଭଲ ମତ ଦେଇଅଛନ୍ତି । ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ଓ କଲେଜ ଗେଟରେ ଗ୍ରନ୍ଥକର୍ତ୍ତାଙ୍କ ନିକଟରେ ମିଳିବ ।

---

## NOTICE.

Wanted an Uriya Proof Reader and Uriya compositors for the Newul Kisore Press, Lucknow. Applications with copies of testimonials and statement of terms should be made to proprietor, Newul Kishore Press Lucknow.

---

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିଶନ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

---

( ସର୍ବକାଳର ପରୀକ୍ଷିତ । )

## ଯାଦୁର ଅବ୍ୟର୍ଥ ମହୌଷଧ ।

( ମୂଲ୍ୟ ଦୁଇ ଡବା ଟ ୦ ।୵ ଅଣା ମାତ୍ର )

ଯେ କେହି ଯେ କୌଣସି ପ୍ରକାର ଯାଦୁ ରୋଗରେ ଆକ୍ରାନ୍ତ ସେ ଥରେ ଏହି ଔଷଧ ନେଇ ସେହି ଦଦ୍ରୁରେ ବ୍ୟବହାର କରନ୍ତୁ । ଜ୍ୱାଳା, ଯନ୍ତ୍ରଣା ସ୍ଥାନ ଏମନ୍ତ ମହୋପକାରୀ ପୁଣି ନିର୍ଦ୍ଦୋଷ ଔଷଧ ଏଯାଏ ଆଉ ଦ୍ୱିତୀୟ ବାହାର ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସା ପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ସ୍ୱତନ୍ତ୍ର ମୁଦ୍ରିତ ହୋଇ ରହିଅଛି, ତାହାର ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀ ମାତ୍ରେ ଆପଣା୨ ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାର କେତେ ଡବା ଆବଶ୍ୟକ ଏସବୁ ସ୍ପଷ୍ଟକରି ନିମ୍ନ ଠିକଣାକୁ ପତ୍ର ଲେଖିବେ । ଏକାବେଳକେ ଯେଉଁମାନେ ଛଗୋଟା ଡବାରୁ ଊର୍ଦ୍ଧ୍ୱ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି ।

ଶ୍ରୀରାମତାରକ ସେନ
ଦେଖ ଉତ୍କଳପ୍ରେସ; ବାଲେଶ୍ୱର ।

---

## ବନାରସି ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା,

Digitized by srujanika@gmail.com

Split by PDF Splitter
m/9 8328



ଜମିଦାରମାନଙ୍କୁ ସନ୍ତୁଷ୍ଟିପ୍ରଦରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ମୟୂରଭଞ୍ଜ, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଶେଳା, କିଂଖାପ, ବାଫ୍ତା ସଗି ଦୋପଟ୍ଟା, ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହିନ୍ଦ ଖଚିତ ଅଙ୍ଗସ୍ତ୍ର ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ପ୍ରକାରରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ରେଲୱେ ଏବଲ ପାର୍ଶଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁଧାଲ ଭୋଲାନାଥ
ଲକ୍ଷ୍ମୀଗଳି ଫାଟକ ବନାରସ ସିଟି

---

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦/୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୭ ନଇ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅମେରିକାରୁ ଔଷଧ ଆମଦାନୀ ହୁଏ ଶିଶି କର୍କ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେରା ବାକସ ପୁସ୍ତକ ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୯/, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୮ ୬୦, ୭୨ ୧୪ ଶିଶି ୨,୩ ୩, ୫ ୬ ୭, ୧୧ ।

---

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂୟମେହ (ଗନରିଆ) ଖଡ଼ିଜଳ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ମୂତ୍ରାବରୋଧ ଯୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନିରସ୍ତ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ ।

---

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଦୁଷ୍ଟଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ, ବାତରକ୍ତ, ଆମବାତ, ବିସ୍ଫୋଟକ, ଗଣ୍ଡକଣ୍ଡୁ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିରସ୍ତ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବାଂଶରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ୫ ୧୨, ଭି, ପି, ଟ ୦ /, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ ୫ ।

---

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିରସ୍ତ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୫, ଭି, ପି, ଟ ୦/ ପ୍ୟାକିଂ ଟ ୦ / ଡାକମାସୁଲ ଟ ୦ ୫ ।

---

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଖଡ଼ିଜଳବତ୍ ସ୍ରାବ ପ୍ରଭୃତି ନିରସ୍ତ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ /, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ ।।

---

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ ନିତାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଲିଖିତ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ / |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦ ୫ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନି "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 8.

# ଉତ୍କଳ ଦୀପିକା

## ସାପ୍ତାହିକ ସମାଦପତ୍ରିକା

ଭାଗ ... ସଂଖ୍ୟା } ତା ୩୦ ଦଶ ମାହେ ସେପ୍ଟମ୍ବର ସନ ୧୮୯୧ ମସିହା । ମ ମ୍ପ ୧୭ ନ ଅଶ୍ୱିନ ସନ ୧୨୯୯ ସାଲ ଶନିବାର ।
{ ଅଗ୍ରୀମ ଟ ୩୯
ପଶ୍ଚାଦେୟ ଟ ୬୯

ବେଙ୍ଗଲ ନାଗପୁର ରେଲବେର ଚିଫ ଇଞ୍ଜିନିୟର ଅଡିଟର, ଏବଂ ଟ୍ରାଫିକ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କର ଷ୍ଟେଟ ମନ୍ତ୍ରୁମାନ ଆସନ୍ତା ଅକ୍ଟୋବର ମାସ ତା ୧୫ ଖଣ୍ଡମଧ୍ୟରେ ନାଗପୁରଠାରୁ କଲିକତାକୁ ଉଠିଯିବ । ଗାର୍ଡ଼ନ ରିଚଠାରେ ସେହି ଅଫିସମାନ ବସିବାର ସ୍ଥିର ହୋଇଅଛି ।

---

ଫରାସିଁ କପ୍ତାନ ଡ୍ରେଫ୍ୟୁସଙ୍କ ପ୍ରତି ସେ ଦେଶର ସୈନ୍ୟ ଅଦାଲତ କାରାବାସ ଦଣ୍ଡ ବିଧାନ କରିବାରେ ଦେଶ ବିଦେଶରେ ବିଶେଷ ଅସନ୍ତୋଷ ଏବଂ ଦୁଃଖ ଜାତ ହେବାର ଦେଖି ଫରାସି ଗବର୍ଣ୍ଣମେଣ୍ଟ ତାହାଙ୍କୁ କ୍ଷମା ପ୍ରଦାନ ପୂର୍ବକ ଜେଲରୁ ଛାଡ଼ି ଦେଇଅଛନ୍ତି । ଏଥିରେ ସୈନ୍ୟ ଅଦାଲତ ଏବଂ ଶାସନ ବିଭାଗ ଉଭୟର ମର୍ଯ୍ୟାଦା ରକ୍ଷା ହେଲା ଏବଂ ଜନସାଧାରଣ ଆନନ୍ଦିତ ହେଲେ ।

---

ଓଡ଼ିଶାର ବନ୍ଦରମାନଙ୍କୁ ସନ ୧୮୯୮।୯୯ ସାଲରେ ୪୩୪ ଜାହାଜ ଆସିଥିଲା । ତହିଁ ମଧ୍ୟରେ ୩୫୭ ଧୂଆଁକଲ ଏବଂ ୭୭ ପାଲଦାର ଥିଲା । ତହିଁ ପୂର୍ବ ବର୍ଷ ୪୬୧ ଜାହାଜ ଆସିଥିଲା । ଜାହାଜ ସଂଖ୍ୟା ପୂର୍ବ ବର୍ଷଠାରୁ ଗତବର୍ଷ ଊଣା ଥିଲେହେଁ ବହିର୍ବାଣିଜ୍ୟ ଅଧିକା ଆଦାୟ ହୋଇଥିଲା ଏବଂ ବାଣିଜ୍ୟ ଦ୍ରବ୍ୟର ମୂଲ୍ୟ ଟ ୧,୬୩,୪୦୪୯ କା ଊଣା ପଡ଼ିଥିଲା । କଟକରେ ଚାଉଳର ଦର ଶସ୍ତା ଥିବା ଏବଂ ବାଲେଶ୍ୱରରୁ ଅଳ୍ପ ଚାଉଳ ରପ୍ତାନି ହେବା ହେତୁ ସେପରି ଘଟିବାର ଜଣାଯାଇଅଛି

---

ଶ୍ରୀଯୁକ୍ତ ରଘୁନାଥ ପଟ୍ଟନାୟକ ଦେ ବିଲାତରେ ମହା ସୁଖ୍ୟାତିସହିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରୁ ଏ ନଗରର ଅନ୍ତଃକରଣ କ୍ଲବ ତାହାଙ୍କ ନିକଟକୁ ଏକ ଅଭିନନ୍ଦନ ପତ୍ର ଗତମାସ ତା ୧ ଖଣ୍ଡରେ ପଠାଇଥିଲେ । ଆଲିଗଡ଼ କଲେଜର ପ୍ରିନ୍ସିପଲ ଶ୍ରୀଯୁକ୍ତ ଥିଓଡ଼ର ବେକ ସାହେବଙ୍କ ମୃତ୍ୟୁରେ କେନ୍ଦ୍ରାପଡ଼ା ମୁସଲମାନ ଉବେଟିଂ କ୍ଲବ ଦୁଃଖିତ ହୋଇ ତାହାଙ୍କ ସହଧର୍ମିଣୀଙ୍କ ନିକଟକୁ ଏକଖଣ୍ଡ ଶୋକସାନ୍ତ୍ୱନା ପତ୍ର ପଠାଇଅଛନ୍ତି । ସ୍ଥାନାଭାବରୁ ସେହି ଦୁଇପତ୍ର ପ୍ରକାଶ କରି ନ ପାରି ଦୁଃଖିତ ହେଲୁଁ ।

---

କଲିକତା ମେଡ଼ିକାଲ ସାଇନ୍‌ସ୍ ଅଛନ କମ୍ପଛରେ ସେ ନଗରର ଟାଉନ ହଲରେ ଗତସପ୍ତାହରେ ଦେଶୀୟ ଲୋକଙ୍କର ଏକ ବଡ଼ ସଭା ହୋଇଥିଲା । ରାଜା ବିନୟକୃଷ୍ଣ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ରାଜାମହୋଦୟ ବୁଝାଇଦେଲେ ଯେ ସେମାନଙ୍କର ପ୍ରଭୃତି ପ୍ରତିବାଦ ବିଫଳ ହେଲେ ଶୁଦ୍ଧା ମାରବାଡ଼ିର ଦୃଢ଼ ଆପତ୍ତିମାନ ଅନୁଗ୍ରହ ପୂର୍ବକ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା ଉଚିତ ଏବଂ ତାହାଙ୍କର ଦୃଢ଼ବିଶ୍ୱାସ ଯେ ମ୍ୟୁନିସିପାଲ କମିଶନରମାନେ ଏହି ଆଇନଦ୍ୱାରା ସେମାନଙ୍କ ପ୍ରତି ଯେଉଁ ଅନ୍ୟାୟ ବିଚାର ହେଉଅଛି ତାହା ବୁଝିପାରିଲେ ତହିଁର ପ୍ରତିକାର ବିଧାନ କରିବାକୁ କଦାଚ ବିମୁଖ ହେବେ ନାହିଁ । ପ୍ରସ୍ତାବିତ ଆଇନର ପ୍ରଧାନ ଆପତ୍ତିଜନକ ବିଷୟମାନ ଅବଧାରିତ ହୋଇ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କୁ ଜଣାଇବାର ସ୍ଥିର ହୋଇଅଛି ।

---

ଏଥର ଗଣେଶ ପୂଜାରେ ବମ୍ବେଇ ନିକଟ କଲ୍ୟାଣଠାରେ ଦଙ୍ଗା ହଙ୍ଗାମା ହୋଇଥିଲା । ଗଣପତିଙ୍କୁ ଜଳଶାୟୀ କରିବା କାରଣ ନେଇ ଯାଉଥିବାବେଳେ ମସଜିଦରୁ ମୁସଲମାନମାନେ ଢେଲା ବୃଷ୍ଟି କରନ୍ତେ ଦଙ୍ଗା ହେଲା । ପୁଲିସ ଅନେକ ମୁସଲମାନଙ୍କୁ ଧରି ଚାଲାଣ ଦେବାରେ ଆସାମିମାନେ କଲ୍ୟାଣରେ ସେମାନଙ୍କର ମୋକଦ୍ଦମାର ବିଚାର ନ ହୋଇ ଥାନା ମୁକାମର ଇନ୍‌ସ୍‌ପେକ୍ଟର ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯିବାର ପ୍ରାର୍ଥନା କରିଅଛନ୍ତି । କଲ୍ୟାଣଠାରେ ଯେଉଁ ଦୁଇଜଣ ମାଜିଷ୍ଟ୍ରେଟ ଅଛନ୍ତି ସେମାନେ ହିନ୍ଦୁ ଏବଂ ଦଙ୍ଗା-

Digitized by srujanika@gmail.com

Split by PDF Splitter



ବେଳେ ମସଜଦପାରେ କେବଳ ହିନ୍ଦୁ ଉପସ୍ଥିତ ଥିଲେ । ହିନ୍ଦୁମାନେ ମୁସଲମାନଙ୍କର ବିଗ୍ରହ ହେବା ସେମାନେ ଭଲ ପାଇ ନାହାନ୍ତି ବମ୍ବେଇ ପ୍ଲେଗରେ ନାରଖାର ହେଉଥିବା ବେଳେ ଶୁଣା ସେଠା ମୁସଲମାନମାନଙ୍କର ଜାତୀୟ ବିଦ୍ୱେଷ ଘଟ ନାହିଁ ବଡ ଆଶ୍ଚର୍ଯ୍ୟର ବିଷୟ ଘଟେ ।

---

ଗତ ତା ୨୨ ଋଣର ଇଣ୍ଡିଆ ଗଜେଟରୁ ପ୍ରକାଶ ଯେ ଛଦକ୍ଷରେ ବୃଷ୍ଟି ହେବାରୁ ମାନ୍ଦ୍ରାଜ-ଉତ୍ତରପଶ୍ଚିମ ଏବଂ ମଧ୍ୟପ୍ରଦେଶର କୃଷିର ଲକ୍ଷଣ ସୁପରିବର୍ତ୍ତନ ଘଟିଅଛି, ମାତ୍ର ସମସ୍ତ ଆଶଙ୍କା ନିବାରଣ ହୋଇ ନାହିଁ । ବମ୍ବେଇ ପ୍ରଦେଶରେ ସାମାନ୍ୟ ବୃଷ୍ଟି ହୋଇଥିଲା ଏବଂ ଅଧିକ ବୃଷ୍ଟିର ଲକ୍ଷଣ ଦେଖା ଯାଉଥିଲା । ପକ୍ଷାନ୍ତରେ ସ୍ୱଚ୍ଛତାକାର ଦଶାକ୍ରମେ ମନ୍ଦରୁ ଅଧିକ ମନ୍ଦ ଦିଗକୁ ଯାଉଅଛି । ସାହାଯ୍ୟ କାର୍ଯ୍ୟରେ ପ୍ରାୟ ୪୭୦୦୦ ଲୋକ ଖଟୁଅଛନ୍ତି ଏବଂ ୧୬୦୦୦ ଲୋକ ଦେଶ ଛାଡ଼ି ପଳାଇଅଛନ୍ତି । ପଞ୍ଜାବରେ ଗୋରୁ ଘାସ ନ ପାଇ ଶୁଖି ଯାଉଅଛନ୍ତି ଏବଂ ସରକାର ଦାନ ନ ଥିଲେ ଲୋକଙ୍କର ଦୁଃଖର ସୀମା ନ ଥାନ୍ତା । ଏବା ହିସାର ଜିଲାରେ ୨୫୮୦୦ ଲୋକ ସାହାଯ୍ୟ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ମଧ୍ୟପ୍ରଦେଶରେ ସାମାନ୍ୟରେ ହେଲେ ସାହାଯ୍ୟ କାର୍ଯ୍ୟ ଫିଟିବାର ବିଗ୍ରହ ହେଉଅଛି ।

---

ଗତ ତା ୨୭ ଋଣ ବୁଧବାର ମହାତ୍ମା ରାଜା ରାମମୋହନ ରାୟଙ୍କ ସାମ୍ବତ୍ସରିକ ସ୍ମରଣ ଉପଲକ୍ଷେ ବ୍ରାହ୍ମସମାଜ ମନ୍ଦିରରେ ଏକ ସଭା ବାବୁ ମଧୁସୂଦନ ରାଓଙ୍କଦ୍ୱାରା ଆହୂତ ହୋଇଥିଲା । ବାବୁ ସୁଦାମଚନ୍ଦ୍ର ନାୟକ ସଭାପତିରେ ବରଣ ହୋଇଥିଲେ । ବାବୁ ରାଜନାରାୟଣ ବୋଷ ବଙ୍ଗଳାରେ ବାବୁ ବିଶ୍ୱନାଥକର ଓଡ଼ିଆରେ ଓ ବାବୁ ନନ୍ଦମାଳାନ୍ତ ଦତ୍ତ ଇଂରାଜୀରେ ବକ୍ତୃତା ପ୍ରଦାନ କରିଥିଲେ ଶେଷୋକ୍ତ ବକ୍ତା ଏଠା ରେଭେନ୍ସା କଲେଜର ୨ୟ ଶିକ୍ଷକ ପଦରେ ଅଳ୍ପଦିନ ହେଲା ନିଯୁକ୍ତ ହୋଇ ଆସିଅଛନ୍ତି । ବକ୍ତାମାନେ ସମସ୍ତରେ ରାଜା ମହୋଦୟଙ୍କ ବ୍ରାହ୍ମଧର୍ମ ସ୍ଥାପନର ମୂଳସୂତ୍ର ଓ ଅସାଧାରଣ ପ୍ରତିଭା ବଳରେ ଅନେକ ସାମାଜିକ ଓ ରାଜନୈତିକ ସଂସ୍କାର ସାଧନ କରିଥିବାର ପ୍ରକାଶ କରିଥିଲେ । ସୁଦାମ ବାବୁ ବ୍ରାହ୍ମ ନ ହୋଇ ସୁଦ୍ଧା ବାଧ୍ୟକଟ ବ୍ରାହ୍ମ ଓ ଅବ୍ରାହ୍ମ ହିନ୍ଦୁ ଦୁହିଙ୍କର ରକ୍ଷା କରି ସଭାପତିର କାର୍ଯ୍ୟ ସୁନ୍ଦର ରୂପେ ସମ୍ପାଦନ କରିବାକୁ ସକ୍ଷମ ହୋଇଥିଲେ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଗତ ବର୍ଷ ଗଲେ ଏକଜଣ ପଣ୍ଡିତମା ଜଟାଧାରୀ ତପସ୍ୱୀ ଏ ନଗର ତେଲଙ୍ଗାବଜାରରେ ସନ୍ଧ୍ୟା କସରତ ଦେଖାଇବାରୁ ଅନ୍ୟାନ୍ୟ ଲୋକଙ୍କ ପରି ପତ୍ରପ୍ରେରକ ତାହାଙ୍କର ଭକ୍ତ ଶ୍ରେଣୀଭୁକ୍ତ ହୋଇ ଖଣ୍ଡି ଏ ଗୃହଘର କରିଦେଇ ତାହାଙ୍କୁ ରଖିଥିଲେ । କିଛି କାଳ ଉତ୍ତାରୁ ବାବାଜି ଏକ ଶ୍ୟାଳିକୁ ନେଇ ବାହାର ଯାଇ କେଉଁ ଅଜ୍ଞାତ ରୂପେ ପୁନର୍ବାର ଆସି ସେହି ଗୃହଘରେ ମଠ ଜାଗତ କଲେ । ମାତ୍ର ପୂର୍ବପ୍ରାପ୍ତ ଭକ୍ତିଭାବ ଫଳଶା ନ ହେବାରୁ କଷ୍ଟରେ ପଡି ପତ୍ରପ୍ରେରକଙ୍କୁ ପ୍ରବର୍ତ୍ତାଇ ଏକ ଡିଷ୍ଟ୍ରିକ୍ଟ ଦୋକାନ କଲେ ଓ ତହିଁର ଲାଭରୁ ତାହାଙ୍କର ଦେଇଥିବା ଟଙ୍କା ଓ ଘରଭଡ଼ା ଆଦାୟ କରି ଦେବାର ଆଶା ଦେଇଥିଲେ । କେତେକଦିନ ପରେ ସେ ହିସାବ ଟଙ୍କା ମାଗିବାରୁ ବାବାଜୀ ଚଳନ୍ତମାସ ତା ୭ ଋଣରେ ଅନ୍ତର୍ଦ୍ଧାନ ହେଲେ । ତାହାଙ୍କ ପରି ଆଉ କେହି ଯେପରି ବାବାଜୀଦ୍ୱାରା ପ୍ରତାରିତ ନ ହେବେ ଏହି ଆଶାରେ ପତ୍ରପ୍ରେରକ ଏ ବିଷୟ ପ୍ରକାଶ କରିବା କାରଣ ଅନୁରୋଧ କରିଅଛନ୍ତି । କ୍ଷୀଣବିଶ୍ୱାସୀ ଲୋକେ ଜାଣି ଶୁଣି ଠକ ବାବାଜୀଙ୍କଦ୍ୱାରା ପ୍ରତାରିତ ହୁଅନ୍ତି । ସେମାନଙ୍କୁ କିଏ ରକ୍ଷା କରିବ ?

---

କୋଲ୍ହାପୁରର ପୋଲିଟିକଲ ଏଜେଣ୍ଟଙ୍କୁ ବଧ ଶୁଣିବାର ଉଦ୍‌ଯୋଗ ଘଟିତ ମୋକଦମାର ଅନୁସନ୍ଧାନ ଉପଲକ୍ଷେ ଘଣ୍ଟାଘଣ୍ଟି ଶେଷ ନ ହେଉଣୁ ଆଉ ଗୋଟିଏ ସାଧାରଣ ଅଶାନ୍ତିର ସମ୍ବାଦ ଆସିଅଛି ଗତ ତା ୧୮ ଋଣ ସୋମବାର ସେହି ସହର ମଧ୍ୟରେ କେତେ ଲୋକ ଜ୍ୱରରେ ପୀଡ଼ିତ ହେବାରୁ ପ୍ଲେଗର ସନ୍ଦେହରେ ସେ ବଜାରର ସମସ୍ତ ଲୋକଙ୍କୁ ମା ୧୫।୨୦ ଭିତରେ ଅନ୍ତରରେ ନିରୂପିତ ପୃଥକ୍ ରହିବାର ସ୍ଥାନକୁ ଯିବାର ଆଦେଶ ହେଲା । ସେ ଆଦେଶ ମାନିବାକୁ ଅସ୍ୱୀକାର କରି ସହସ୍ରାଧିକ ଲୋକ ମହାରାଜାଙ୍କ ପ୍ରାସାଦରେ ଉପସ୍ଥିତ ହୋଇ ଗୁହାରି କରନ୍ତେ ମହାରାଜା ସହରକୁ ଫେରେ କରି ଲୋକଙ୍କୁ ରକ୍ଷା କରିବେ ବୋଲି ଅଭୟ ବାକ୍ୟ ପ୍ରଦାନ କଲେ । ତହୁଁ ଲୋକେ ଶାନ୍ତ ହୋଇ ଦୋକାନାଦି ଯାହା ବନ୍ଦ କରିଥିଲେ ସେ ସବୁ ଫିଟାଇ ଆପଣା ୨ ବ୍ୟବସାୟ କରିବାରେ ପ୍ରବୃତ୍ତ ହେଲେ । ବଳପୂର୍ବକ ପୃଥକ୍ ନିବାସରେ ରହି ବାହାରା ରୋଗରୁ ମୁକ୍ତି ଲାଭ କରିବାଠାରୁ ଘରବାସିମାନେ ଆପଣା ୨ ଘରେ ପୀଡ଼ିତ ହୋଇ ମରିବାକୁ ଶ୍ରେୟସ୍କର ଜ୍ଞାନ କରନ୍ତି ଏବଂ ପୃଥକ୍ ନିବାସଦ୍ୱାରା ବମ୍ବେଇରେ ପ୍ଲେଗ ରୋଗ ଗତ ବର୍ଷରେ ନିବାରଣ ହୋଇ ପାରି ନାହିଁ ବୋଲି ତହିଁ ପ୍ରତି କାହାରି ବିଶ୍ୱାସ ହେଉ ନାହିଁ ଏମନ୍ତ ସ୍ଥଳେ ଲୋକଙ୍କୁ ଲିଣ୍ଡବନ୍ଦ୍ରି କରିବା ଉଚିତ ହେଉଅଛି କି ?

---

ଗତ ସୋମବାର ଅପରାହ୍ଣ ଘ ୪ ଘଣ୍ଟା ବେଳେ ଏ ନଗରର କଲେଜ ଗୃହରେ ପ୍ରଦର୍ଶନୀ ସମ୍ବନ୍ଧରେ ଗୋଟିଏ ସଭା ହୋଇଥିଲା । ଶ୍ରୀଯୁକ୍ତ ମାଉଣ୍ଟ୍ରିନ ସାହେବ କମିଶନର ସଭାପତିର ଆସନ ଗ୍ରହଣ କରିଥିଲେ । ନୂତନ କମିଶନର ... ଙ୍କର ଏହି ପ୍ରଥମ ସଭା ଏଥିରେ ଅନେକ ଲୋକ ଉପସ୍ଥିତ ହେବାର ଆଶା କରିଥିଲୁ । ମାତ୍ର ଇଉରୋପୀୟଙ୍କ ମଧ୍ୟରେ କେବଳ ଜ ୪ ଣ ଏବଂ ଦେଶୀୟଙ୍କ ମଧ୍ୟରେ ଜ ୨୦।୨୫ ଜଣରୁ ଅଧିକ ନ ଥିଲେ ଏବଂ ତହିଁ ମଧ୍ୟରୁ କେତେକ ଲୋକ ଅଳ୍ପ ବିଳମ୍ବରେ ଆସିଥିଲେ । ବିଗତ ପ୍ରଦର୍ଶନୀର ରିପୋର୍ଟ ଓ ହିସାବ ଗୃହୀତ ହୋଇ ଆସନ୍ତା ବର୍ଷ ଶୀତ କାଳରେ ପ୍ରଦର୍ଶନୀ ହେବାର ଧାର୍ଯ୍ୟ ଏବଂ ତହିଁ ନିମନ୍ତେ ଗୋଟିଏ କାର୍ଯ୍ୟକାରୀ କମିଟି ଗଠିତ ହେଲା । କମିଟିର ସଭ୍ୟ ଶ୍ରେଣୀରେ ବର୍ତ୍ତମାନ୍ ଯେଉଁମାନେ ଅଛନ୍ତି ସେହିମାନେ ରହିଲେ କେବଳ ଯେଉଁମାନେ ସ୍ଥାନାନ୍ତରିତ ହୋଇଅଛନ୍ତି ସେମାନଙ୍କ ସ୍ଥାନରେ ନୂତନ ଲୋକ ଏବଂ ଅଧିକା ଦୁଇ ଏକ ଜଣ ଭରତି ହେଲେ । ଯାଦୁ ବ୍ରାଉନ ବଳସ୍ଥବର ସାହେବ ସେକ୍ରେଟରୀ ଏବଂ ବାବୁ ଗୋପାଳବଲ୍ଲଭ ଦାସ ଅସିଷ୍ଟାଣ୍ଟ ସେକ୍ରେଟେରୀ ଏବଂ କୋଷାଧ୍ୟକ୍ଷ ନିଯୁକ୍ତ ହେଲେ । ବାବୁ ମଧୁସୂଦନ ଦାସ ଏବଂ ଶ୍ରୀଯୁକ୍ତ ଇଙ୍ଗଲିସ ସାହେବ ପ୍ରଦର୍ଶନୀ ଫଳପ୍ରଦ ହେବା ବିଷୟରେ କେତୋଟି ଉତ୍ତମ ସଙ୍କେତ ବାକ୍ୟ କହିଥିଲେ । ସେ ସମସ୍ତର ବିଗ୍ରହର ଭାର କମିଟିକୁ ଅର୍ପଣ କରି ସଭାପତି ମହୋଦୟ ସଭା ଭଙ୍ଗ କଲେ । ସେମାନଙ୍କର ମନ୍ତବ୍ୟର ମର୍ମ ବାସ୍ତବରେ ପ୍ରକାଶ କରିବାର ଇଚ୍ଛା ରହିଲା ।

---

ଭାରତର ସମଗ୍ର ସାହା ଭାରତବର୍ଷ ନାମକ ଖଣ୍ଡି ଏ ଓଡ଼ିଆ ଗଦ୍ୟପୁସ୍ତକ ଏ ନଗରର ଓଡ଼ିଆ

Digitized by srujanika@gmail.com

ପେଟ୍ରିୟଟ ଯନ୍ତ୍ରାଳୟରେ ମୁଦ୍ରିତ କରିଲ ପ୍ରକାଶ କରିଅଛନ୍ତି ଏବଂ ଅମ୍ଭେମାନେ ତହିଁର ଏକଖଣ୍ଡ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ବାମଣ୍ଡାର ବର୍ତ୍ତମାନ ରାଜା ଶ୍ରୀମନ୍ ମହାରାଜ ସୁଚଳ ଦେବଙ୍କୁ ଭାରତର ଜଣେ ଆଦର୍ଶ ରଜା ବୋଲି ପ୍ରତିପନ୍ନ କରିବା ଗ୍ରନ୍ଥକାରଙ୍କର ଅଭିପ୍ରାୟ ଏବଂ ତହିଁ ପାଇଁ ସେ ରାଜ ମହୋଦୟଙ୍କର ଯେସବୁ ଉତ୍କୃଷ୍ଟ ଗୁଣ ଏବଂ କାର୍ଯ୍ୟର ବର୍ଣ୍ଣନା ଏହି ପୁସ୍ତିକାରେ କରିଅଛନ୍ତି ତଦ୍ୱାରା ସେ ସ୍ୱ ମତ ସ୍ଥାପନରେ ସଫଳ ହୋଇଅଛନ୍ତି ଅବଶ୍ୟ ସ୍ୱୀକାର କରିବାକୁ ହେବ । ପରନ୍ତୁ ରାଜା ମହୋଦୟ ବହୁଦିନରୁ ଜଣେ ପ୍ରତିଭାଶାଳୀ ରାଜା ବୋଲି ସର୍ବସାଧାରଣରେ ଘୋଷିତ ଏବଂ ତହିଁ ପାଇଁ ଗବର୍ଣ୍ଣମେଣ୍ଟଙ୍କଠାରୁ ଶ୍ରେଷ୍ଠ ସମ୍ମାନସୂଚକ ପଦ ଏବଂ ଜନସାଧାରଣଙ୍କଠାରୁ ଯଥେଷ୍ଟ ପ୍ରଶଂସା ପ୍ରାପ୍ତ ହୋଇଥିବା ସ୍ଥଳେ ତାହାଙ୍କର ଗୁଣଗାୟନ ନିମନ୍ତେ ଆଉ ଏତାଦୃଶ ପୁସ୍ତକର ଆବଶ୍ୟକ ନାହିଁ ଅଥବା ତାହାଙ୍କ ଜୀବନୀ ଲେଖିବାର ସମୟ ହୋଇ ନାହିଁ ଅଥବା ଆତ୍ମ ପ୍ରଶଂସା ଶୁଣିବାକୁ କେହି ମହଲୋକ ସୁଖ ପାନ୍ତି ନାହିଁ ଏହିପରି କୌଣସି କାରଣରୁ ଅଥବା ଅନ୍ୟ କୌଣସି କାରଣରୁ ରାଜା ମହୋଦୟ ଗତ ସମ୍ବଲପୁର ହିତୈଷିଣୀ ଯୋଗେ ପ୍ରକାଶ କରିଅଛନ୍ତି ଯେ "ଶ୍ରୀଯୁକ୍ତ ରାମକୃଷ୍ଣ ସାହାଙ୍କ ପ୍ରଣୀତ 'ଭାରତାଦର୍ଶ' ଦେଖି ଅମ୍ଭେ ଅତ୍ୟନ୍ତ ଦୁଃଖିତ ଅଟୁଁ ।" ରାଜାଙ୍କର ସଦ୍‌ଗୁଣାବଳୀରେ ପ୍ରୀତ ହୋଇ ଯେ ସବୁ ସଂସାରରେ ... ଗ୍ରନ୍ଥ ରଚନା କରିବା ଗ୍ରନ୍ଥକାରଙ୍କର ପ୍ରଧାନ ... ଯ ତାହାଙ୍କୁ ଦୁଃଖ ଦେବା ଅଭିପ୍ରାୟ ଏହା ହିଁ ଆମ୍ଭମାନଙ୍କର ଧାରଣା ଏବଂ ... କରୁଁ ପାଠକମାନେ ଏଥିରେ ଐକ୍ୟ ହେବେ ଏବଂ ଦୁଃଖର କାରଣ ଜାଣିବାକୁ ... ମାନଙ୍କ ପର ବ୍ୟସ୍ତ ହେବେ ।

---

ରଙ୍ଗୁନର ଅତ୍ୟାଚାର ମୋକଦ୍ଦମା ଠାବ ... କାର ଅଶା ନାହିଁ ପରା । ଏକ ରମଣୀକୁ ୧୭ ଜଣ ଗୋରା ସିପାହି ବଳପୂର୍ବକ ବାଟରୁ ... ନେଇ ଅନ୍ଧକାରରେ ପକାଇ ପାଶବ ଅତ୍ୟାଚାର କରି ତାହାଙ୍କ ଅଚେତନ ଅବସ୍ଥାରେ ଛାଡ଼ି ... ଗଲେ ଏବଂ ସେ ସ୍ତ୍ରୀ ପରେ ଚେତନ ପାଇଲା ମାତ୍ର ଅନେକ ଦିନ ବାତୁଳାବସ୍ଥାରେ ରହିଲା । ପୁଲିସ ପ୍ରଥମେ ଏକଜଣ ସିପାହିକୁ ଧରି ଚାଲାଣ ଦେଲେ ମାତ୍ର ସେ କୌଣସି ଅତ୍ୟାଚାର କରି ନ ଥିବା ଏବଂ କେବଳ ସେଠାରେ ଉପସ୍ଥିତ ଥିବାର ପ୍ରମାଣ ହେବାରୁ ଖଲାସ ପାଇଲା । ଇଣ୍ଡିୟାଗବର୍ଣ୍ଣମେଣ୍ଟଙ୍କ ଆଦେଶମତେ ପୁନର୍ବାର ବିଶେଷ ଅନୁସନ୍ଧାନ ହେବାରେ ଅନେକ ସିପାହି ଧରାପଡ଼ି ଦଉରା ସୁପର୍ଦ୍ଦ ହେଲେ । ଏହି ଆସାମିମାନଙ୍କ ମଧ୍ୟରୁ ପ୍ରଥମ ଆସାମୀ ଏହି କାରଣରୁ ଖଲାସ ପାଇଲା ଯେ ତାହା ବିରୁଦ୍ଧରେ ଯେ ସବୁ ସିପାହି ସାକ୍ଷ ଦେଇଅଛନ୍ତି ସେମାନଙ୍କର ସାକ୍ଷ ଗ୍ରହଣ ଯୋଗ୍ୟ ନୁହେ ଯେ ହେତୁ ସେମାନେ ପଲଟନର ହାକିମମାନଙ୍କ ପ୍ରବର୍ତ୍ତନାରେ ବାଧ୍ୟ ହୋଇ ସେ ପ୍ରକାର କହୁଅଛନ୍ତି । ତହିଁ ଉତ୍ତାରୁ ଆଉ ଏକଜଣ ସିପାହିର ବିଚାର ହେଲା ଏବଂ ସେ ମଧ୍ୟ ଖଲାସ ପାଇଲା ଏବଂ ତହିଁର ହେତୁ ଏହି ଯେ ସ୍ତ୍ରୀ କୌଣସି ପ୍ରକାର ବାଧା ଦେଇ ନ ଥିବାରୁ ସେ ସମ୍ମତ ଥିବାର ଅନୁମାନ କରିବାକୁ ହେବ । ମୂର୍ଚ୍ଛିତା ସ୍ତ୍ରୀ ବାଧା ଦେବାର ସମ୍ଭବ ଥିଲା କି ? ଏପରି ଫଳ ଦେଖି ଅତଃପର ଅବଶିଷ୍ଟ ଆସାମିଙ୍କ ନାମରେ ମୋକଦ୍ଦମା ଚଳାଇବାକୁ ସରକାର ଉକିଲଙ୍କର ସାହସ ହେଉ ନାହିଁ । ଇଣ୍ଡିୟାଗବର୍ଣ୍ଣମେଣ୍ଟ କାଗଜପତ୍ର ତଲବ କରିଅଛନ୍ତି କି ବିଚାର କରିବେ ପରେ ଜଣାଯିବ । ମୋକଦ୍ଦମାର ଫଳ ଦେଖି କି ଇଉରୋପୀୟ କି ଦେଶୀୟ ସମସ୍ତ ଲୋକ ବିରକ୍ତ ଓ ଦୁଃଖିତ । ଏପରି ବିଚାର ବିଭ୍ରାଟଦ୍ୱାରା ବିଚାର ଅଦାଲତ କଳଙ୍କିତ ନ ହେଉ ସମସ୍ତଙ୍କର ଏହି କାମନା ।

---

ସମସ୍ତ ବଙ୍ଗପ୍ରଦେଶରେ ସନ ୧୮୯୪।୯୫ ସାଲରେ ଟ ୫୮,୯୪,୪୬୨୯ଙ୍କା ଇନ୍‌କମଟିକସର ନେଟ ଆୟ ହୋଇଥିଲା । ତହିଁ ପୂର୍ବବର୍ଷର ନେଟ ଆୟ ଟ ୫୭,୫୮,୫୬୨୯ ଙ୍କା ଥିଲା । ଅତଏବ ପୂର୍ବବର୍ଷଠାରୁ ଶତକଡ଼ା ପ୍ରାୟ ଟ ୩୯ ଙ୍କା ବୃଦ୍ଧି ହୋଇଅଛି । ଅଧିକାଂଶ ଜିଲ୍ଲାରେ ଇନ୍‌କମଟିକସର ଆୟ ବୃଦ୍ଧି ହୋଇଅଛି ଏବଂ ତହିଁର କାରଣ ବର୍ତ୍ତିତବର୍ଷର ସୁଫାଳକ ଏବଂ ବନ୍ଦୋବସ୍ତର ସାବଧାନତା ଓ କଡ଼ାକଡ଼ି ଅଟେ । ବର୍ଷ ଶେଷରେ ଉସୁଲ ହେବାକୁ ଯେତେ ବାକି ଥିଲା ତାହା ତହିଁର ପୂର୍ବବର୍ଷର ବାକିଠାରୁ ପ୍ରାୟ ଟ ୧୩୦୦୦ ଙ୍କା ଅଧିକା ଥିଲା ଅଥଚ ଉଭୟବର୍ଷରେ ବାକି ଆଦାୟ ନିମନ୍ତେ ପ୍ରାୟ ସମାନ ସଂଖ୍ୟା ଉଅରେଣ୍ଟ ଜାରି ଏବଂ ସମ୍ପତ୍ତି ନିଲାମ ହୋଇଥିଲା । ଟିକସ ବନ୍ଦୋବସ୍ତ ବିରୁଦ୍ଧରେ କେତେ ନମ୍ବର ଆପତ୍ତି ହୋଇଥିଲା । ଏବଂ ସେସବୁର ଫଳ କି ହେଲା ପୂର୍ବବର୍ଷମାନଙ୍କରେ ତହିଁର ଆଲୋଚନା ହେଉଥିଲା ମାତ୍ର ଏବର୍ଷ ହୋଇ ନାହିଁ । ଲୋକସଂଖ୍ୟା ଅନୁପାତରେ ବର୍ତ୍ତିତ ବର୍ଷରେ ପ୍ରତି ୫୬୬୫ ଜଣରେ ଏକଜଣ ଏବଂ ତହିଁ ପୂର୍ବବର୍ଷରେ ପ୍ରତି ୫୬୩୭ ଜଣରେ ଏକଜଣ ଉପରେ ଟିକସ ବସିଥିଲା । ମାନ୍ୟବର ଲେପ୍ଟେନାଣ୍ଟଙ୍କ ବିବେଚନାରେ ଏ ଟିକସ ସ୍ୱଭାବତଃ ସୁଖକର ହେବାର ବୋଲାଯାଇ ନ ପାରେ ଯଦ୍ୟପି ଏ ଏହାର ସୁଖକାରିତାରେ କିଛି ବୃଦ୍ଧି ଦେଖାଯାଇ ନାହିଁ ମାତ୍ର ସାଧାରଣ ଲୋକଙ୍କ ମନ ବିରକ୍ତ ହେବାର ଉହ୍ୟତ ହୋଇଅଛି ଏବଂ ଆସେସରଙ୍କର ଯୋଗ୍ୟତା ଏବଂ ସଫଳତା ଉପରେ ଏଥିର ସଫଳତା ନିର୍ଭର କରେ । ଏଥିରୁ ଆମ୍ଭେମାନେ କହୁଁ ଯେ ଇନ୍‌କମଟିକସ ବନ୍ଦୋବସ୍ତ ଦୋଷରୁ କେତେ ଲୋକଙ୍କୁ ବାଧିବାର ସୁବିଧା ପୂର୍ବପ୍ରାୟ ରହିଅଛି ଏବଂ ବର୍ତ୍ତମାନ ସମୟ ଦୃଷ୍ଟିରେ ବାର୍ଷିକ ସାମାନ୍ୟ ଆୟ ଅର୍ଥାତ୍ ଟ ୫୦୯ ଙ୍କା ଉପରେ ଟିକସ ନେବା ଅଧିକ କଷ୍ଟର କାରଣ ହୋଇଅଛି । ଦୁଃଖ କହୁ ଲୋକେ ଅବଧାରି ତାହା ନିରବରେ ଆଦର ନେଉଅଛନ୍ତି ମାତ୍ର ଏଥିରେ ଗବର୍ଣ୍ଣମେଣ୍ଟଙ୍କର ନିଶ୍ଚିନ୍ତ ହେବା ଭଲ ନୁହେ ।

—✻—

### ଓଡ଼ିଶାର ଲବଣ ମହଲୁମା ।

ସନ ୧୮୯୪।୯୫ ସାଲର ବଙ୍ଗଳାର ଲବଣ ମହଲୁମାର କାର୍ଯ୍ୟ ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱରଙ୍କର ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଅଛି ତହିଁରେ ଓଡ଼ିଶାର ଲବଣ ମହଲୁମାର ବିଷୟ ଲିଖିତ କଥାମାନ ଲେଖାଅଛି ଯଥା—

ଓଡ଼ିଶାର ଲବଣମହଲୁମା ଲବଣ ରାଜସ୍ୱର ଅସିଷ୍ଟାଣ୍ଟ କମିଶନରଙ୍କର ସାକ୍ଷାତ ତତ୍ତ୍ୱାବଧାନରେ ଅଛି ଓ ସେ ବଙ୍ଗପ୍ରଦେଶର ଏକସାଇଜ କମିଶନରଙ୍କ ଆଦେଶାଧୀନରେ କାର୍ଯ୍ୟ କରନ୍ତି । ସନ ୧୮୮୨ ସାଲର ଅ ୧୨ ଆଇନ ଏ ପ୍ରଦେଶରେ ଜାରିଅଛି । ବର୍ତ୍ତିତ ବର୍ଷରେ ଓଡ଼ିଶା ଲବଣ ମହଲୁମାର ଆୟ ଟ ୧,୬୬,୯୯୫ ଙ୍କା ଏବଂ ବ୍ୟୟ ଟ ୬୨,୬୪୧ ଙ୍କା ହୋଇଥିଲା । ତହିଁ ପୂର୍ବ ବର୍ଷର ଆୟ ଟ ୪୬,୧୬୦ ଙ୍କା ଏବଂ ବ୍ୟୟ ଟ ୧,୧୫,୫୮୨ ଙ୍କା ଥିଲା । ଗଞ୍ଜାମ ଲୁଣଇଜାରାଉ କାରି ଉଣା କରିଦେବାରେ ଅଧିକ ପରିମାଣରେ ଲୁଣ ବିକ୍ରୟ ହେବା ହେତୁ ଆୟ ଏତେ ବୃଦ୍ଧି ହୋଇଅଛି । ବର୍ତ୍ତିତ ବର୍ଷର ଚାଲିକା ଲୁଣ ବିକ୍ରି ୨୭,୬୫୫ ମହଣ ଏବଂ ତହିଁ ପୂର୍ବ ବର୍ଷର ବିକ୍ରି ୧୭,୦୪୭ ମହଣ ଥିଲା । ବ୍ୟୟ ଉଣା ହେବାର କାରଣ ଏହି ଯେ ଓଡ଼ିଶା ଲବଣ ମହଲୁମା ମାନ୍ଦ୍ରାଜର ଅଧୀନରେ ଥିବା

ବେଳେ ଅନ୍ୟାନ୍ୟ ଖର୍ଚ୍ଚ ଅତ୍ୟନ୍ତ ଅଧିକ ଥିଲା । ତାହା ବିଶେଷରୂପେ କଟି ଯାଇଅଛି ଏବଂ ତତ୍ପରେ ଯେତେ ଟଙ୍କା ବଞ୍ଚିଲା ତାହା ୨୪ ପରଗଣାର ଅମଳ ବୃଦ୍ଧିରେ ବ୍ୟୟିତ ହୋଇଅଛି । ଏକସାଇଜ କମିଶନର ଆଶା କରନ୍ତି କି ଇଷ୍ଟ-କୋଷ୍ଟ ରେଲୱେ ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହେଲେ ଲିଭରପୁଲ ଲୁଣ ଅପେକ୍ଷା ମାନ୍ଦ୍ରାଜର କରକଚ ଲୁଣ ଏବା ଓଡ଼ିଶାର ସବୁ ଜିଲ୍ଲାରେ କାହିଁ କି ତହିଁର ଉତ୍ତରରୁ କଲିକତା ପର୍ଯ୍ୟନ୍ତ ଅଧିକ ବିକ୍ରୟ ହେବ । କାରଣ ମାନ୍ଦ୍ରାଜ ଲୁଣର ସର୍ବୋଚ୍ଚ ଦର ଲିଭରପୁଲ ଲୁଣର ସର୍ବ ନିମ୍ନଦରଠାରୁ ସ୍ଥଳ ଏକଶତ ମହଣରେ ଟ ୫୧୫୮/୫ ଊଣା, ଅଟେ । ଗୋଟିଏ ଇଂରାଜ ବଣିକ ସଂପ୍ରତି ମାନ୍ଦ୍ରାଜରେ ଇଂରାଜୀ ପ୍ରଣାଳୀରେ ଲବଣ ପ୍ରସ୍ତୁତ କରି ତାହା ବିକ୍ରୟ ନିମନ୍ତେ ସ୍ଥାନେ ସ୍ଥାନେ ଗୋଲମାନ ସ୍ଥାପନ କରୁଅଛନ୍ତି ଏବଂ ସେହି ଲୁଣ ଲିଭରପୁଲ ବଲ୍ଲଭ ଲୁଣ ପରି ପରିଷ୍କାର ଅଥଚ ବିଲାତି ଲୁଣଠାରୁ ଶସ୍ତା ହୋଇଅଛି । ସମ୍ଭବତଃ ଏହା ବିଲାତି ଲୁଣକୁ ପରାସ୍ତ କରିବ । ଭଲ ଲୁଣ ଯୋଗାଇବାର ପ୍ରତ୍ୟେକ ନୂତନ ଉପାୟ ସଙ୍ଗେ ଦର ଶସ୍ତା ହେବାରୁ ଖାଉଟିମାନଙ୍କର ସୁବିଧା ହେଉଅଛି ଏବଂ ଇଷ୍ଟକୋଷ୍ଟ ରେଲୱେ ଯଥେଷ୍ଟ ପରିମାଣରେ ଉତ୍ତମ ଏବଂ ଶସ୍ତା ଲୁଣ ଆଣି ସ୍ଥାନେ ପହଞ୍ଚାଇବାରୁ ଓଡ଼ିଶାବାସୀମାନେ ନିଜ ଜିଲ୍ଲାରେ ପ୍ରସ୍ତୁତ ହେଉଥିବା ଅପରିଷ୍କାର ଲୁଣର ଆଦର କରୁ ନାହାନ୍ତି ଏବଂ ସେହି କାରଣରୁ ସ୍ବେସ ଲୁଣ ପୋଲ୍ଲାଙ୍ଗ କରିବାର ବ୍ୟବସାୟ ଊଣା ହେଉଅଛି । ସନ ୧୮୯୩।୯୪ ସାଲରେ ନ ୬୨୫ ମୁର ମୋକଦମାରେ ମ ୬୩୮ ଜଣ ସ୍ବେସ ଲୁଣ ଜବଦ ହୋଇଥିଲା ସନ ୧୮୯୪।୯୫ ସାଲରେ ନ ୬୩୧ ମୁର ମୋକଦମାରେ କେବଳ ମ ୭୩ ଜଣ ସ୍ବେସ ଲୁଣ ଜବଦ ହେଲା । ଅଥଚ ଲୋକସଂଖ୍ୟା ମଧ୍ୟୋଷ୍ଠରେ ଜଣ ପ୍ରତି ଗତବର୍ଷ ସେ ୪୵ ଲୁଣ ଖରଚ ହୋଇଥିବା ସ୍ଥଳେ ଏବର୍ଷ ସେ ୫୵ ହୋଇଅଛି ।

ଉପରଲିଖିତ ବିବରଣରୁ ପାଠକମାନେ ଅନାୟାସରେ ଜାଣି ପାରିବେ ଯେ ଓଡ଼ିଶା ଲବଣ କ୍ରମଶଃ ମାନ୍ଦ୍ରାଜରୁ ଆଉଜ ହୋଇ ତାହାର ସ୍ଥାନିକ ସ୍ଥାନ ବଙ୍ଗଳାଦେଶରୁ ଯେଉଁ ଆସିବାରୁ ପ୍ରଥମ ବର୍ଷ ମଧ୍ୟରେ ଅଳ୍ପ ଅଧିକ ବ୍ୟୟ ଅନେକ ଲାଭ, ସ୍ବେସ କାରବାର ବିଶେଷ ସ୍ଥଳମାନଙ୍କରେ ଦମନ, ସାଲି ମୋକଦମା ବିସ୍ତର ଊଣା ଏବଂ ଅଭଳସଙ୍ଗତ ଲୁଣର ଖଉଡ ଯଥୋଚିତ ବୃଦ୍ଧି ହେଉଅଛି । ସର୍ବୋପରି ଅଧିକ ଆନନ୍ଦର ବିଷୟ ଏହି କି ଦେଶୀୟ ଗ୍ରାହକଙ୍କୁ ମାନ୍ଦ୍ରାଜ କରକଚ ଲବଣ ବ୍ୟବସାୟ ଓଡ଼ିଶାରେ ବୃଦ୍ଧି ହୋଇ ବିଲାତି ଲୁଣର ବିସ୍ତାର ପ୍ରତି ସମୂଳ ବାଧା ଘଟାଇଅଛି । ଏହି ସମସ୍ତ ଶୁଭ ଫଳ ନିମନ୍ତେ ବଙ୍ଗଳାର ଏକସାଇଜ କମିଶନର ଅସ୍ମାକଙ୍କର ସ୍ୱଗଭୀର କୃତଜ୍ଞତା ଓ ଏ କି ଗୁପ୍ତ ସାହେବଙ୍କୁ ଗବର୍ଣ୍ଣମେଣ୍ଟ ଧନ୍ୟବାଦ ଦେଇଅଛନ୍ତି ଏବଂ ଆମ୍ଭେମାନେ ତହିଁରେ ଏକାନ୍ତ ଯୋଗ ଦେଉଅଛୁଁ ।

ପରିଶେଷରେ ବକ୍ତବ୍ୟ ଏହି କି ଓଡ଼ିଶାର ଲବଣ ପୋଲ୍ଲାଙ୍ଗ ବ୍ୟବସାୟ ପୁନର୍ଜ୍ଜୀବିତ ହେବା ପ୍ରସଙ୍ଗରେ କମିଶନର ମହୋଦୟ କିଛି କହି ନାହାନ୍ତି ମାତ୍ର ଅନ୍ନଦେଶୀୟଙ୍କର ତାହା ଚଳା କରିବାର ଆବଶ୍ୟକ । କାରଣ ତାହା ନ ହେବା ପର୍ଯ୍ୟନ୍ତ ଆମ୍ଭେମାନେ ନିଶ୍ଚିନ୍ତ ହୋଇ ନ ପାରୁଁ । ପଙ୍ଗା ଲୁଣ ସରକାର କରିଦେବେ ନାହିଁ ଏବଂ ତହିଁର ବ୍ୟୟାଧିକ୍ୟ ହେତୁ ପ୍ରତିଯୋଗିତାରେ ତାହା ତିଷ୍ଠିବା ଅସମ୍ଭବ । ତାହା ହେଲେ କଟକ ଓ ବାଲେଶ୍ୱରରେ ଲୁଣ ପୋଲ୍ଲାଙ୍ଗ ହେବାର ଆଶା ନାହିଁ । କେବଳ ପୁରୀଜିଲ୍ଲାର କରକଚ ଲବଣ ବାକି ରହିଲା ଏବଂ ତହିଁର ପ୍ରଧାନ ସ୍ଥାନ ପାରିକୁଦ । ସେଠା ଲୋକଙ୍କର ଲୁଣ ପୋଲ୍ଲାଙ୍ଗ ବିନା ଜୀବିକା ନିର୍ବାହର ଅନ୍ୟ ଉପାୟ ନାହିଁ । ସରକାର ସେଠାରେ କେତେକ ବର୍ଷ ଲବଣ ପ୍ରସ୍ତୁତ କରାଇଲେ ମାତ୍ର ଅପରିଷ୍କାର ହେବାରୁ ତହିଁର ଆଦର ହେଲା ନାହିଁ ଏବଂ ମୂଲ୍ୟ ଊଣା ହେଲେ ହେଁ ଅଦ୍ୟ ଅବଧି ପ୍ରାୟ ୫୦ ଲକ୍ଷ ମହଣ ଗୋଲାରେ ପଡ଼ି ରହିଅଛି । ମାନ୍ଦ୍ରାଜ କମ୍ପାନିର ଆଦର୍ଶରେ ପରିଷ୍କାର ଲବଣ ପ୍ରସ୍ତୁତ କରିବାର ଚେଷ୍ଟା ନ ହେଲେ ଓଡ଼ିଶାର ଲବଣ ପୋଲ୍ଲାଙ୍ଗ ବ୍ୟବସାୟ ଏକାବେଳେ ଲୋପ ହେବ । ଏ ବ୍ୟବସାୟରେ ଓଡ଼ିଶାବାସୀ କେହି ପ୍ରବୃତ୍ତ ହେବେ କି ?

---

# ସାପ୍ତାହିକସମ୍ବାଦ ।

## କଲିକତା-ଗେଜେଟ ।

ମିଃ ଲ, ଏଫ୍ ପ୍ରିଜ୍ସ୍ ଦଶମାସର ଅଧିକା ଫର୍ଲୋ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ଛୁଟିଥିବା ଭେ ମାଜେଷ୍ଟ୍ରେଟ ଓ ଭେ କଲେକ୍ଟର ବାବୁ ଶଶିଭୋଷଣ ବାନାର୍ଜ୍ଜି ବାଙ୍କୁଡ଼ା ସଦର ମହକୁମାରେ ଉପସ୍ଥିତି ହୋଇଅଛନ୍ତି ।

ଡେ କଲେକ୍ଟର ବାବୁ ସୁରେନ୍ଦ୍ର ସେନ ବାଲେଶ୍ୱର ସଦର ଇନ୍‌କମଟାକ୍ସ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଭେଃ କଲେଜର ହେଡମାଷ୍ଟର ବାବୁ ପ୍ରମଥନାଥ ସ୍ୱର ଦରମାରେ ୧୦ ଦିନର ଛୁଟି ପ୍ରାପ୍ତ ହୋଇଥିଲେ । ଉକ୍ତ କଲେଜର ଉପ୍ରେରଶିକ ବାବୁ ଅର୍ଦ୍ଧେନ୍ଦୁ ଘୋଷ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇଥିଲେ ।

୧୮୯୫ ମସିହାର ପରୀକ୍ଷାରେ କଟକ ସର୍ଭେ ସ୍କୁଲର ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

୧ମ ବିଭାଗ ।

| | |
|---|---|
| ୧ ପୂର୍ଣ୍ଣଚନ୍ଦ୍ର ଜନ | ୨ ଲୁହେନ୍ଦ୍ରମୋହନ ଘୋଷ |

୨ୟ ବିଭାଗ ।

| | |
|---|---|
| ୧ କାଳୀମୋହନ ଜନ୍ନ | ୮ ନନ୍ଦମୋହନ ଦସ୍ତ |
| ୨ ବନୋବଦିହାରୀ ଦତ୍ତ | ୯ ଅପୂର୍ବମୋହନ ଚକ୍ରବର୍ତ୍ତୀ |
| ୩ ଶରତ୍ଚନ୍ଦ୍ର ଦେ | ୧୦ ସୁରେନ୍ଦ୍ରନାଥ ଗୁପ୍ତ |
| ୪ ଉମାନାଥ ମଜୁମଦାର | ୧୧ ଜଳଧର ଭୌମିକ |
| ୫ ମୋହିନୀମୋହନ ତାଲୁକଦାର | ୧୨ ଉମେଶଚନ୍ଦ୍ର ଜେନା |
| ୬ ଶରତ୍ଚନ୍ଦ୍ର ଗୁହ | ୧୩ ମଙ୍ଗଳଚନ୍ଦ୍ର ଅଗ |
| ୭ କାଳୁଚରଣ ଦଳ | ୧୪ ପ୍ରମୋଦନ ସେନ |

୩ୟ ବିଭାଗ ।

| | |
|---|---|
| ୧ ଲକ୍ଷ୍ମୀକାନ୍ତ ଦତ୍ତ | ୧୧ ଜଗବନ୍ଧୁ ମହାନ୍ତି |
| ୨ ଜାନକୀକୁମାର ବସୁ | ୧୨ ହରେକୃଷ୍ଣ ଦାସ |
| ୩ ହରିଶଙ୍କର ଦାସ | ୧୩ ସୁରେନ୍ଦ୍ରନାଥ ବାନାର୍ଜ୍ଜି |
| ୪ ମହେନ୍ଦ୍ରଚନ୍ଦ୍ର ବାଗଚି | ୧୪ ଫଣୀନ୍ଦ୍ରନାଥ ମୁଖାର୍ଜ୍ଜି |
| ୫ ବିମଳେନ୍ଦୁ ମିର୍ଦ୍ଧା | ୧୫ ପ୍ରବେନ୍ଦ୍ରଲାଲ ଭୌମିକ |
| ୬ କମଳାଚରଣ ଚକ୍ରବର୍ତ୍ତୀ | ୧୬ ନରେନ୍ଦ୍ର ସରକାର |
| ୭ ଗୁରୁନ୍ଦ୍ର ଦତ୍ତ | ୧୭ ଯୋଗେନ୍ଦ୍ରନାଥ ଦତ୍ତ |
| ୮ ଜଗନ୍ନାଥ ଦାସ | ୧୮ ମଦନମୋହନ ଜାଦବ |
| ୯ ଉମେଶଚନ୍ଦ୍ର ଘୋଷ | ୧୯ ପଞ୍ଚାନନ ମହାନ୍ତି |
| ୧୦ ହରିଭୂଷଣ ଘୋଷ | ୨୦ ପ୍ରମଥନାଥ ମିତ୍ର |

---

ଗତ ସୋମବାର ଏଠା ଭରିଶାଳା ଠାରୁ ପଞ୍ଚାଶ ଟଙ୍କା ଚୋରି ହୋଇଅଛି ।

ଗତ ଶୁକ୍ରବାର ଏଠାର ଦୌଡ଼ ଶେଷ ହେଲା । ଉକ୍ତ ଦୌଡ଼ରେ ଶ୍ରୀ ସହିତ ବାଜି ଲାଗିଥିବା ଯେଉଁ ସୃଜନ ଘୋଷ ହୋଇଥିଲେ ସେମାନେ ଉଦ୍ଧାର ପାଇଲେ । ଦୌଡ଼ ଜଣେ ଶ୍ରୀ କଲିକତା ମାଜିଷ୍ଟ୍ରେଟ ମିଥ୍ୟା ଜାଲିୟାତି କରି ବର୍ଷ ଜେଲଦଣ୍ଡ ପାଇଲେ ଓ ଜଣେ ଧାର୍ମିକ ଭଦ୍ରଲୋକଙ୍କୁ ପୁଲିସ ଗ୍ରେପ୍ତାର କରିଥିବାରୁ ପାଞ୍ଚବର୍ଷ କଏଦ ପାଇଲେ ।

ଏ ସପ୍ତାହରେ ଏ ନଗରରେ ଅନେକ ବୃଷ୍ଟି ହୋଇ ଗତ ପୂର୍ବ ଶୁକ୍ରବାର ଓ ଶନିବାର ବୃଷ୍ଟି ଏଠାରେ ହୋଇଥିଲା । ମାତ୍ର ବାଲେଶ୍ୱରରେ ୨ ୭ ଇଞ୍ଚ ବର୍ଷିଥିଲା ।

ଓଡ଼ିଆଠାରୁ ଏ ସପ୍ତାହରେ ଜଣ ଷ୍ଟବଳ ହୋଇଅଛି ନୂଆ ଦର ସ୍ଥାୟୀ ରହୁଅଛି ।

ଦୁର୍ଗୋତ୍ସବାର୍ଥ ପୂଜା ଉପଲକ୍ଷରେ ସେବାମାନ ୪ ଦିନର ଅଧିକା ଛୁଟିବାର ବନ୍ଦ ହେବ ଏବଂ କଲେଜର ତା ୭ ଦିନରେ ଫିଟିବ । ଏଠା କଲେଜ ମଧ୍ୟ ସେହି ଦିନଠାରୁ ବନ୍ଦ ହେବ ।

ଅଗ୍ରିମ ସୋମବାର ରେଲ ଦେଉଳର ପ୍ରଧାନ ଇଞ୍ଜିନିୟର ଏଠାକୁ ଆସି ମହାନଦୀର ଉତ୍ତରରେ ପର୍ଯ୍ୟନ୍ତ ରେଲବାଟ ଯାଇ ଖୁଲିବା ନିମନ୍ତେ ପ୍ରସ୍ତୁତ ହେବାର ଦେଖିବେ । ସମ୍ଭବତଃ ଅଳ ତ ୧୦।୧୫ ଦିନରେ ଷ୍ଟୋର୍ଠାରୁ ଷ୍ଟେସନ୍ ପର୍ଯ୍ୟନ୍ତ ରେଲ ଚାଲୁ ହେବ ।

Split by PDF Splitter
Digitized by srujanika@gmail.com

କାଠଯୋଡ଼ି ନଦୀରେ ଗତ ଦୁଇ ଦିନରୁ ଜଳ ହୋଇଅଛି ଅଳ୍ପ ଦିନରେ ନାରଙ୍ଗଠାରୁ ଗୃହଠାକୁର ପର୍ଯ୍ୟନ୍ତ ରେଲ ଗାଡ଼ି ଯିବ ।

ଗତ ତା ୮ ରିଖ ସନ୍ଧ୍ୟା ସମୟରେ ଶୋନପୁରକୁ ରେମ-ଣ୍ଟକୁ ଡାକ ନେଇ ଯାଉଥିବା ହରକରା ଉଠାଏଇଦ୍ୱାରା ହତ ହୋଇଅଛି । ପୋଲିସ ତଦନ୍ତ ଯାଇଅଛି । ଡାକ ଥଳରେ ପ୍ରାୟ ୫ଙ୍କା ଏବା ଥିବା କରେ ତାହା ଅପହରଣ କରିବା ଉଦ୍ଦେଶ୍ୟର ପରସ୍ପର ଜଣା ଯାଏ ।

ଆଶାନୁରୂପ ବୃଷ୍ଟି ନ ହେବାରୁ ସମ୍ବଲପୁରର ନାନାସ୍ଥାନରେ ଧର୍ମଶାସ୍ତ୍ର ପାଠ ଓ ନାମସଙ୍କୀର୍ତ୍ତନ ଅନୁଷ୍ଠିତ ହେଉଅଛି ଦ୍ରବ୍ୟର ଶସ୍ୟ ପରିବାକୁ ଆରମ୍ଭ ହେଲାଣି ।

କଲିକତା ଓ ବମ୍ବେଇରେ ପ୍ଲେଗ ରୋଗ ପୂର୍ବପ୍ରାୟ ରହିଅଛି ।

ସନ ୧୯୦୧ ସାଲରେ ପୁନର୍ବାର ଭାରତର ଲୋକସଂଖ୍ୟା ଗୃହୀତ ହେବ । ଶ୍ରୀଯୁକ୍ତ ରିଜଲି ସାହେବ ସେନସସ କମି-ଶନର ନିଯୁକ୍ତ ହୋଇଅଛନ୍ତି । ସେ ଅକ୍ଟୋବରରେ ବିଲାତରୁ ଫେରି ଆସି ସେନସସ ନମୁନା ଫର୍ମ ଛପାଇବେ ।

ବେଙ୍ଗଲୁର ନଗରର ଜଣେ ମୁସଲମାନ ବେଙ୍କରେ ବହୁଲକ୍ଷ ଟଙ୍କା ଜମା କରିଥିଲା । ସମ୍ପ୍ରତି ତାହାର ମୃତ୍ୟୁ ହୋଇଅଛି । ମୃତ ବ୍ୟକ୍ତିର ବୋଲଙ୍କରେ ଉଦ୍ଦେଶ୍ୟ କୌଣସି ସେ ଉକ୍ତ ଟଙ୍କା ସୂଦ ନେବେ ନେଇ ନାହିଁ । ତନ୍ନିମିତ୍ତ ଏତେ ଟଙ୍କା ଜମା କରିବା କି ଧର୍ମଶାସ୍ତ୍ର ସଙ୍ଗତ ?

କଥିତ ହୁଏ ଯେ କଲିକତାର ପୋଷ୍ଟମାଷ୍ଟର ଜେନେ-ରଲ ପଦ ସ୍ଥାୟୀଭାବ ପ୍ରାପ୍ତ ହେଉଅଛନ୍ତି ଏବଂ ସେ ପଦରେ ଏକ୍ଟିଂ ଥିବା ଶ୍ରୀଯୁକ୍ତ ଜେ, ଡି, ଲଭଲକ ସାହେବ ତାହାଙ୍କୁ ହେବେ ।

ସ୍ୱାମୀ ଅଭେଦାନନ୍ଦ ମୂରସିଦାବାଦ ଜିଲ୍ଲାର ମହୁଲା ଗ୍ରାମରେ ଗୋଟିଏ ଅନାଥାଶ୍ରମ ଫିଟାଇ ଅନାଥମାନଙ୍କୁ ନାନା ଶିଳ୍ପକର ଶିକ୍ଷା ଦେଉଅଛନ୍ତି । ସରକାର କର୍ମଚାରୀମାନେ ତାହାଙ୍କର ସାହାଯ୍ୟ କରୁଅଛନ୍ତି ।

ନାଗପୁର ବିଭାଗ ଅନ୍ତର୍ଗତ ବରଡ ଓ ମିତ୍ର ସ୍ଥାନରେ [illegible] ଅବସ୍ଥାମାନଙ୍କର କଷ୍ଟ ଦୂରୀକରଣ କର୍ମଚାରୀମାନେ [illegible] ଉଦ୍ଦେଶ୍ୟରେ ପ୍ରଚଳିତ ଦଣ୍ଡବିଧି ଓ କାର୍ଯ୍ୟବିଧି ଅନୁ-ସାରେ [illegible] ଦେବେ ବୋଲି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଘୋଷଣା କରିଅଛନ୍ତି । ମାତ୍ର କଶିଆ ଗବର୍ଣ୍ଣମେଣ୍ଟଙ୍କ ଅଦେଶ ଅଥବା ଇଂରେଜ କୌଣସି ଅଧିକ କଷ୍ଟ ବ୍ୟବହାରଦ୍ୱାରା ଉପରଲିଖିତ ଅଞ୍ଚଳର ସୁବନ୍ଦୋବସ୍ତ ରହିତ ହୋଇଥିବ ତାହା ମାନିବାକୁ ହେବ ।

ଡାକବିଭାଗର କଣ୍ଟ୍ରୋଲିଙ୍ଗ ଅଫିସର ଏବଂ ଶାଖା ନାଗପୁରରୁ ଏବଂ ଏକ ଶାଖା ବମ୍ବଇରୁ ପଠାଯିବାରୁ ତାହାର ଯିବାର ଆଦେଶ ହୋଇଅଛି । ଅନେକ କେରାଣି ବଡ଼ ବିପଦରେ ପଡ଼ିଅଛନ୍ତି ।

## ଯାଜପୁର-ସମ୍ବାଦ ।

ବୃଷ୍ଟି ଅଭାବରୁ ଏବର୍ଷ ଏ ଅଞ୍ଚଳରେ ଆଶାପ୍ରଦ ଫସଲ ଯାଇ ହୋଇ ନାହିଁ ଏବଂ ଶାରଦ ଧାନ୍ୟ ଶେଷ ଶୁଷ୍କ ପ୍ରାୟ, ଶୀଘ୍ର ପ୍ରଚୁର ଜଳ ବର୍ଷା ନ ହେଲେ ଅନେକ ପରିମାଣରେ ନଷ୍ଟ ହୋଇଯିବ ।

ଗତ ସେପ୍ଟେମ୍ବରମାସ ତା ୨୭ ରିଖ ମଙ୍ଗଳବାର ଠାରୁ ଏଠା H. C. E. ସ୍କୁଲ ଗୃହରେ ମାଟ୍ରିକ ଓ ତା ୨୭ ରିଖ ବୁଧବାରଠାରୁ ଇଣ୍ଟରମିଡ଼ିଏଟ ଓ ଲୋଅରପ୍ରାଇମେରି ପରୀକ୍ଷା ଆରମ୍ଭ ହୋଇଅଛି । ମାଟ୍ରିକରେ ୫୧ଣ ଇଣ୍ଟରମିଡ଼ିଏଟରେ ୭୫ଣ ଓ ଅପରପ୍ରାଇମେରିରେ ୫୨ଣ ଛାତ୍ରଙ୍କ ୭୮ ଣ ଛାତ୍ର ପରୀକ୍ଷା ଦେଉଅଛନ୍ତି ।

ହସ୍ତୀ ପ୍ରଭୃତି ପଶୁମାନଙ୍କ ପ୍ରତି ଅତ୍ୟାଚାର କଲେ ସେ-ମାନଙ୍କ ଯେଉଁ ଉଦ୍ୟୋଗ ଏର ପ୍ରତିଶୋଧ ନେଇଥାଆନ୍ତି ତାହା ନିମ୍ନଲିଖିତ ଘଟନାରୁ ସ୍ପଷ୍ଟ ପ୍ରମାଣ ହେଉଅଛି । ଉତ୍-କଳ ସବ୍‌ଡିଭିଜନ ଅନ୍ତର୍ଗତ ବାଲିପୁର ଗ୍ରାମନିବାସୀ ଜମିଦାର ଶ୍ରୀଯୁକ୍ତ ମହାଶୟ ରଘୁନାଥ ଜମିଦାରଙ୍କର ଏକ ପୁରୁଷ ହାତୀ ଥିଲା, ମାହୁନ୍ତ ନାମକ ପ୍ରାୟ ୨୦ ବର୍ଷବୟସର ମୁସଲମାନ ଯୁବକ ତାହାର ମେଣ୍ଟ ଅର୍ଥାତ୍ ସେବକ ଥିଲା ସେ କେତେ କାରଣରେ ଅନେକଥର ଅଙ୍କୁଶ ଓ କର୍ଣ୍ଣହାସ ହାତୀକୁ ମାରି-ବାରେ ହାତୀ ତାହା ଉପରେ ଏକପ୍ରକାର ବିରକ୍ତ ଥିଲା ଗତ ସେପ୍ଟେମ୍ବର ମାସ ତା ୨୯ ରିଖ ଶୁକ୍ରବାର ଦିନ ସେ ହାତୀକୁ ସାଲଦୀଜଣାରେ ସ୍ନାନ କରାଇ ଦେବା ନିମନ୍ତେ ଶାଳକୁ ଫିଟାଇବା ବେଳେ କୌଣସି କାରଣରେ ଏକ କର୍ଣ୍ଣ-ହାସ ତାହାକୁ କେତେଥର ମାରି ନଥିବ୍ଲୁ କେଉଁ ଜାଗାରେ ଯାଇ ବସିଲା ଅଣିବାବେଳେ ହାତୀ ପିଠିରୁ ମେଣ୍ଟକୁ ତଳେ ପକାଇ ଦୃଢ଼ ଦନ୍ତାଘାତରେ ତାହାର ପ୍ରାଣ ନାଶ କରି ପକାଇଅଛି ।

ଏଠା ଦେଓ୍ୱାନି ଅଦାଲତର ସିରସ୍ତାଦାର ଶ୍ରୀ ଉପେନ୍ଦ୍ର ହୁଣ୍ଡାଙ୍କୁ ଶୁଷ ନେବା ଅପରାଧରେ ସସପେଣ୍ଡ କରି ମୁନସଫ ବାବୁ ତଦନ୍ତ କରିବାରେ ଅଦାଲତର ଓକିଲ ଓ ମାମଲତି-କାରମାନେ ପ୍ରକାଶ୍ୟ ହେକଲ ପରସ୍ପରରେ ଶୁଣି ଥିବାର ପ୍ରକାଶ କଲେ ଜଜ୍. ସେ ଜଜ ସାହେବଙ୍କ ନିକଟକୁ ରିପୋର୍ଟ କରିବାରେ ସାହେବ ମହୋଦୟ ଶୁଣା କଥା ଅଗ୍ରାହ୍ୟ କରି ସେରସ୍ତାଦାରଙ୍କୁ ପୁନର୍ବାର ତାଙ୍କ କାର୍ଯ୍ୟରେ ନିଯୁକ୍ତ କରି ଅଛନ୍ତି ।

ଭଦ୍ରକରେ ଏକ ମୁନସଫି ଅଦାଲତ ସ୍ଥାପନ କରିବା-କାରଣ ଭଦ୍ରକବାସିମାନେ ଅନେକ ଦିନରୁ ଚେଷ୍ଟା କରି ଆସିଥିଲେ ଅଦ୍ୟାବଧି କୌଣସି ସୁଫଳ ଫଳି ନ ଥିଲା ଏଥିନିମନ୍ତେ ଏକ ଦରଖାସ୍ତ କରିବାରେ ଜଜ ସାହେବ ଓ ହାଇକୋର୍ଟଙ୍କ ପରାମର୍ଶ ମତେ ମହାମାନ୍ୟ ଗବର୍ଣ୍ଣମେଣ୍ଟ ଓଡ଼ିଶାର ଏଡ଼ିସନ ମୁନସଫଙ୍କୁ ଭଦ୍ରକରେ ନିଯୁକ୍ତ କରି ସେଠାରେ ନୂତନ ମୁନସଫି ଅଦାଲତ ସ୍ଥାପନ କରିବାର ମଞ୍ଜୁର କରିଅଛନ୍ତି । ବଡ଼ ଆନନ୍ଦର ବିଷୟ ଅଟେ ।

---

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

To

The Editor of the Utkal Dipika.

SIR,

It is the unanimous verdict of those who have lived in this town for some years that the Municipality was never so unsympathetic as at present. There is cholera here and there and the victims are mostly poor and helpless people; but who cares for them? The municipality does absolutely nothing and virtually its existence is doubted. Formerly we would find infected houses distinguished by red flags, coal tar kept burning, disinfectants freely used, the dispensary open day and night and medical help provided. The discontinuance of the practice does not seen to be a move in the right direction. When Mehters carry nightsoil from an infected house to all other houses they subsequently visit, do they not simply spread the infection? I have never known an infected house being disinfected this season. Can you tell me whether all this is due to the stingy management or to the callous disposition of the present *regime*?

26-9-99 Rate Payer.

---

To THE EDITOR UTKAL DIPIKA,

Dear Sir,

You know there is a Games Club, in connection with the Mission High School, consisting mainly of its present and former students. The members play regularly by the permission of the Station Staff officer, in the open maidan, near the Barbati fort. During the last two months, we have on different dates, played friendly matches with several different Clubs of this town, and in some of these matches, we have gained the day, and in the rest, we have proved ourselves equal to our opponents. On Saturday last we played a foot-ball match, with the members of the Station Club. It was certainly very inspiring and full of promise to see the young native boys, struggling hard with the strong and sturdy European officials. The time fixed for the match was 90 minutes. The place of meeting was crowded with school boys. The several minor Rajas and many European ladies and gentlemen and native officers, favoured us with their presence. The match was so close, that all along it was difficult to tell which side would win. The ball was by turn, taken just near to the opposite goals, where there were many vehement and obstinate contests. Just about half time, the Europeans made

Split by PDF Splitter

Digitized by srujanika@gmail.com

a goal. Then the contest gradually became hotter and hotter, till in the end, to our great credit, our Captain MUNSI FAIZALLY made a very fair goal. The field rung with loud shouts of joy and praise to both the parties. It was a very pleasing and promising sight, to see the young Raja of Kanika playing in our team. He has recently joined us and we are very grateful to his ever-generous mother, who being aware of the needs of our Games Club, has contributed Rs. 15 and held out a hope of helping us in future when necessary.

25—9—99. M. E. H. School Cuttack. } Very truely Yours K. C. Nanda. *President of the Club.*

---

ମୂଲ୍ୟପ୍ରାପ୍ତି ।

ଶ୍ରୀବାବୁ ବ୍ରଜଭୂଷଣ ଦାସ ... ଦେଓ ... ଟ ୩,
" ଦଯାନିଧି ସ୍ୱାଇଁ ମହାପାତ୍ର ହେଡ଼ ପଣ୍ଡିତ ... ପୁରୀ ଟ ୩୯
" ... ଓ ଭରଶୀପୁର ମଧୁବନ ଟ ୩୯
ଡେଃ ଇନ୍‌ସ୍ପେକ୍ଟର ... ଟ ୧।
ଶ୍ରୀବାବୁ ... ଟ ୩୯
" ... ଟ ୩୯
" ... ଟ ୩୯

---

# ବିଜ୍ଞାପନ ।

# FOR SALE.

## Two accomodation Boats, one 45 ft. by 8 ft. and the other about 80 ft. by 7 ft. Apply to

Cuttack 29-9-99 } Alex H. Young, *Missionary.*

ଦୁଇ ଗୋଟି ସୁନ୍ଦର ନୌକା ବିକ୍ରୟ ହେବ । ଗୋଟିକର ଦୀର୍ଘ ଫୁ ୪୫ ଓ ପ୍ରସ୍ଥ ଫୁ ୮ ଓ ଏବଂ ଅନ୍ୟଟିର ଦୀର୍ଘ ଫୁ ୮୦ ଓ ପ୍ରସ୍ଥ ଫୁ ୭ ଓ । ମିଷ୍ଟର ୟାଙ୍ଗସାହେବଙ୍କ ନିକଟରେ ଆବେଦନ କଲେ ସମସ୍ତ ବିଷୟ ଜାଣି ପାରିବ ।

କଟକ ୨୯।୯।୯୯ } ଏ, ଏଚ, ୟଙ୍ଗ, ସାହେବ ପାଦ୍ରୀ

---

# ବିଜ୍ଞାପନ ।

—o—

ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର, ଜଗତସିଂହପୁର, ଭର୍ଣ୍ଣୋଲି, ଶାଲେପୁର ଓ କାଙ୍କା ଥାନା ମଧ୍ୟସ୍ଥିତ ନିମ୍ନଲିଖିତ ସମସ୍ତ ଫାଟିଘାଟସ (ଘାଟଗୁ) ସନ ୧୮୯୯ ମସିହା ଅକ୍ଟୋବର ମାସ ତା ୧ ରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ଏକବର୍ଷ ଛଅ ମାସ ନିମନ୍ତେ ସନ ୧୮୯୯ ମସିହା ଅକ୍ଟୋବର ମାସ ତା ୪ ରିଖ । ମୁ । ସନ ୧୩୦୭ ସାଲ ଆଶ୍ୱିନ ମାସ ଦି ୨୦ ଦିନ ଦିବା ଘ ୧୨ ଟା ସମୟରେ କଟକ ଲୋକେଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ତାଙ୍କ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉକ୍ତ ଉପରଲିଖିତ ନିର୍ଦ୍ଦିଷ୍ଟ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ । ଏବଂ ନିଲାମ ସ୍ଥିର ହେବା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲା କ୍ଷଣି ନିଲାମି ଜଉସମନର ଚତୁର୍ଥାଂଶ ଯାମିନସ୍ୱରୂପ ଅବିଲମ୍ବେ ଦାଖଲ କରିବେ ବାକି ଜଉସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ର ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ ବ୍ୟକ୍ତିର ଖଜଣା ସେହି ବ୍ୟକ୍ତିର ପ୍ରଥମ ଡାକରେ ଅଗାମୀ ହେବାକୁ ହେବ ନ ହେଲେ ତହିଁର ଯେ କ୍ଷତି ହେବ ତାହା ନୁକ୍‌ସାନଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ପ୍ରତ୍ୟେକ ନିୟମିତ ଷ୍ଟାମ୍ପ କାଗଜରେ କେବଳ ଡେପୁଟିମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ସାଦାରେ କବୁଲିୟତ ଲେଖି ଦେଇ ରେଜେଷ୍ଟ୍ରୀ କରି ଦେବେ । ଉପରୋକ୍ତ ନିଲାମ ଅବ ସମ୍ବନ୍ଧୀୟ କୌଣସି ସମାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝିପାରିବେ । ଇତି

ଥାନା କଟକ

୧ । ବରବାଟୀ ୨ । ତେଲେଙ୍ଗାପେଣ୍ଠ
୩ । ଲହରକଣ୍ଡା ୪ । କାଇଙ୍ଗ
୫ । ପାଥପୁର ୬ । ଝାଙ୍ଗି

ଥାନା କାଙ୍କ ।

୧ । ଉଚଳା ୨ । ଭୁଞ୍ଜିପୁର
୩ । ପଥୁରିଅପଡ଼ା ୪ । ଭଗୀପୁର

ଥାନା ସାଲେପୁର ।

୧ । ବିଶ୍ୱନାଥପୁର ୨ । ମୌଦା
୩ । କୁହଣ୍ଡା ଜଲପୁର ୪ । ଓଡ଼ୋଳ
୫ । ଅସୁରେଶ୍ୱର ୬ । ଦଲଇପୁର
୭ । ଭରେନ୍ଦ୍ରପୁର

ଥାନା ଜଗତସିଂହପୁର ।

୧ । କାଲରଙ୍ଗ ୨ । ଖଣ୍ଡାଉଥାଲ
୩ । ତୋଳଙ୍ଗପୁର ୪ । ଜଗତସିଂହପୁର
୫ । କସର୍ଦ୍ଦା ୬ । ଝଗଡ଼େଇ
୭ । ମାଧବ ୮ । କୃଷ୍ଣପୁର
୯ । ରଘୁନାଥପୁର ୧୦ । ବଲିକୁଦା

ଥାନା ଭର୍ଣ୍ଣୋଲି ।

୧ । ଝଙ୍କଡ଼ କସୁପୁର ୨ । କନକପୁର
୩ । ଭସ୍ମାପାଟଣା ୪ । ପଙ୍କପାଳ

ପ୍ରକାଶ ଥାଉକି ଫାଟିଘାଟମାନ କେବଳ ଉକ୍ତ ଓ ପଞ୍ଚାୟତ ଲୋକମାନେ ଡାକ ପାରିବେ ତବକ୍ତିରେ ଯଦ୍ୟପି ନିଲାମଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ [ତାହା... ତତ୍‌କ୍ଷଣାତ୍ ତାହାର ଡାକ ଖାରଜ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଗନ୍ଧ ଉତ୍ ସର୍ବସାଧାରଣ ଲୋକଙ୍କୁ ଖାଲି ବନ୍ଦୀ କରାଯିବ ।"

GOKULANAND CHOWDHURY,
*Chairman*
*Suder Local Board,*

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକର ପ୍ରସିଦ୍ଧ କବିରାଜ ଶ୍ରୀ ନାରାୟଣ ମିଶ୍ର ଶର୍ମା ମହାଶୟ ନିମ୍ନଲିଖିତ ସ୍ଥାନରେ ଏକ ପୁସ୍ତକାଳୟ ଓ ଦେଶୀୟ ଔଷଧାଳୟ ସ୍ଥାପନ କରିଅଛନ୍ତି । ଏଠାରେ ସର୍ବ ପ୍ରକାର ସ୍କୁଲପାଠ୍ୟ ଓ ସାଧାରଣ ପୁସ୍ତକ ଏବଂ ଦେଶୀୟ କବିରାଜୀ ସର୍ବ ପ୍ରକାର ସେବନ ଔଷଧ, ତୈଳ ସୁବାସିତ ତୈଳ, ଘୃତ, ବହୁ ଉତ୍କୃଷ୍ଟ ମକରଧ୍ୱଜ ବଟିକା, ଚୂର୍ଣ୍ଣ, ଚ୍ୟବନପ୍ରାଶ ପ୍ରଭୃତି ସୁଲଭ ମୂଲ୍ୟରେ ବିକ୍ରୟ ହୁଏ । ମୋଫସଲ ଗ୍ରାହକମାନଙ୍କ

Split by PDF Splitter
Digitized by srujanika@gmail.com

କଟକଠାରୁ ଭାଃ ପିରେ ଔଷଧ ପ୍ରେରିତ ହୁଏ । ଦୁରସ୍ଥିତ ରୋଗୀ ରୋଗର ଲକ୍ଷଣ ଆନୁପୂର୍ବିକ ଜଣାଇଲେ ଚିକିତ୍ସା କରାଯାଏ ।

ଗ୍ରାହକମାନେ ନିର୍ଦ୍ଦିଷ୍ଟ ଠିକଣାରେ ପତ୍ର ଲେଖିଲେ ସକଳ ବିଷୟ ଜାଣି ପାରିବେ । ବିଶେଷ ଆଡ଼ମ୍ବର ବାହୁଲ୍ୟ ମାତ୍ର । "ଫଲେନ ପରିଚୀୟତେ" ।

ଚୌଧୁରୀବଜାର, କଟକ, ୨୧-୯-୯୯ — ଶ୍ରୀ ମୋହନ ନାୟକ, ଏଜେଣ୍ଟ

## ବିଜ୍ଞାପନ ।

ଯେହେତୁ ଅତ୍ର ଜିଲ୍ଲା କୋଡ଼ିଙ୍ଗା ତହସିଲସ୍ଥ କେତେକ ପ୍ରଜାଙ୍କ ଜମିର ବନ୍ଦୋବସ୍ତ ହେବାର ଥିବାରୁ ନ ୪୦ ଣ ଅମିନ ଓ ମୋହରରର ଆବଶ୍ୟକ; ତହିଁ ମଧ୍ୟରୁ ନ ୧୭ ଣ ଅମିନ ଆସନ୍ତା ଅକ୍ଟୋବର ମାସ ତା ୧୦ ଖ (ଦଶହରା ସମୟ) ରୁ ନିଯୁକ୍ତ ହେବା ଆବଶ୍ୟକ, ଅପର ମାନେ ଆସନ୍ତା ନବେମ୍ବର ମାସ ତା ୧୫ ଖ ସୁଦ୍ଧା ନିଯୁକ୍ତ ହୋଇ କାର୍ଯ୍ୟ କରିବେ । ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯେକେହି ଉପରୋକ୍ତ କାର୍ଯ୍ୟ ପାଇବା ନିମନ୍ତେ ଇଚ୍ଛା କରନ୍ତି ସେମାନେ ତଳଲିଖିତ ସ୍ୱୟଂ ଲିଖିତ ଆପଣା ଆପଣା ପ୍ରଶଂସା ପତ୍ର ସହ ଦରଖାସ୍ତ ନିମ୍ନଲିଖିତ ଠିକଣାରେ ପଠାନ୍ତୁ । ସେମାନେ ଦରଖାସ୍ତ ପଠାଇଲାରୁ ତହିଁର ମଞ୍ଜୁରୀ ଆଦେଶ ଦିଆଗଲେ ଏଠାରେ ଆସି ଉପସ୍ଥିତ ହୋଇ କାର୍ଯ୍ୟଭାର ଗ୍ରହଣ କରିବେ । ଇତି । ୧୮ । ୯ । ୯୯

ଶ୍ରୀ ଭଗବାନଙ୍କ ଦାସ
ଷ୍ଟେଟ୍ ସୁପରିଣ୍ଟେଣ୍ଡେଣ୍ଟ । କ । ବାମଣ୍ଡା
ପୋ: ଅଃ ଦେବଗଡ଼ । ଜି । ସମ୍ବଲପୁର

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସୀ

ବିଶେଷ ସୁବିଧା ।

ଶାଢ଼ୀ, ଧୋତି, ଇତ୍ୟାଦି ଅମ୍ଭର କୋଠିରେ ସଂଖ୍ୟା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ କିଣି ପାରିବେ ଏବଂ ଭିନ୍ନ ପ୍ରକାର ବସ୍ତ୍ର ଦେଲେ ଅବିଲମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣରେ ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ । ବସ୍ତ୍ରସଙ୍ଗେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ମାଲଫର୍ଦ୍ଦରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଅମ୍ଭର କାରବାର ବହୁକାଳରୁ ରହିଅଛି ଅମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, ନୟାଗଡ଼, ଅଠମଲ୍ଲିକ, ସରେଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଇଜାନଗର, ମଞ୍ଜୁଷା ପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ ଯେଉଁ ସ୍ଥାନକୁ ଯେ ଉପାୟରେ ( ଅର୍ଥାତ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ଦିଆଯିବ ଲଫାପା ଉପରେ ଅମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଅମ୍ଭର ହସ୍ତଗତ ହେବ ।

ରେଲ୍ୱେପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଲ ଦାସ ମୁରଲୀଧର
ମହଲ ବିଶ୍ୱେଶ୍ୱରୀ ବନାରସ ସିଟି

## ନୂତନ ! ନୂତନ ! ନୂତନ !

## ସହଜ ଇଂରାଜୀଶିକ୍ଷା ।

An Easy guide to Translation from Oria to English

ଶ୍ରୀ ବିଶ୍ୱନାଥ ମିଶ୍ର ପ୍ରଣୀତ

ଓଡ଼ିଶା, ଗଞ୍ଜାମ, ସମ୍ବଲପୁର ପ୍ରଭୃତିର ଉଚ୍ଚ ଇଂରାଜୀ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କ ପଠନୋପଯୋଗୀ । ସାଧାରଣ ଲୋକେ ଅତି ସହଜରେ ଏଥିରୁ ଇଂରାଜୀ ଶିକ୍ଷା କରିପାରିବେ । ଶିକ୍ଷା ବିଭାଗୀୟ ଇନ୍‌ସ୍ପେକ୍ଟର ମ ନେପଲ ପ୍ରଭୃତି ଭଲ ମତ ଦେଇଅଛନ୍ତି । ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ କଲେଜ ଘରରେ ଗ୍ରନ୍ଥକର୍ତ୍ତାଙ୍କ ନିକଟରେ ମିଳିବ ।

## NOTICE.

Wanted an Uriya Proof Reader and Uriya compositors for the Newul Kisore Press, Lucknow. Applications with copies of testimonials and statement of terms should be made to proprietor, Newul Kishore Press Lucknow.

ଜନ୍ମପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟାରୀ ।

( ସାର୍ବକାଳର ପରୀକ୍ଷିତ । )

## ଯାଦୁର ଅବ୍ୟର୍ଥ ମହୌଷଧ ।

( ମୂଲ୍ୟ ପ୍ରତି ଡବା ଟ ୦ ।୮ ଅଣା ମାତ୍ର )

ଯେ କେହି ଯେ କୌଣସି ପ୍ରକାର ଯାଦୁ ରୋଗରେ ଆକ୍ରାନ୍ତ ସେ ଥରେ ଏହି ଔଷଧ ନେଇ ସେହି ପତ୍ରରେ ବ୍ୟବହାର କରନ୍ତୁ କ୍ଲାନ୍ତ, ଯନ୍ତ୍ରଣା ସ୍ଥାନ ଏମନ୍ତ ମହୋପକାରୀ. ପୁଣି ନିର୍ଦ୍ଦୋଷ ଔଷଧ ଏଯାଏ ଆଉ ଦ୍ୱିତୀୟ ବାହାର ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସାପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ସ୍ୱତନ୍ତ୍ର ମୁଦ୍ରିତ ହୋଇ ରହିଅଛି, ତାହାର ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀ ମାନଙ୍କୁ ଆପଣାର ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାର କେତେ ଡବା ଆବଶ୍ୟକ ଏସବୁ ସ୍ପଷ୍ଟକରି ନିମ୍ନ ଠିକଣାକୁ ପତ୍ର ଲେଖିବେ । ଏହାକେବଳ ଯେଉଁମାନେ ଛଗୋଟା ଡବାରୁ ଊର୍ଦ୍ଧ୍ୱ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି ।

ଶ୍ରୀସୁମତୀଲାଲ ସେନ
ଦେଶଉତ୍କଳପ୍ରେସ୍, ବାଲେଶ୍ୱର ।

## ବନାରସି ମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସବୁପ୍ରକାର ବନାରସୀ ମାଲ ସାରଙ୍କର ନାନାସ୍ଥାନର ରାଜା,

Split by PDF Splitter
Digitized by srujanika@gmail.com

ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଆଠମଲ୍ଲିକ, ସ୍ୱପୁଗଡ଼, ସଢ଼େଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଚେଳା, ଡଂଗପ, ବାପ୍ତା ଶର୍ଜୀ ଦୋପଟ୍ଟା ମନ୍ଦିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରଙ୍ଗିନ ବସ୍ତ୍ର ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୁପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ଯଦି ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ଚିଠି ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ କେବଳ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରାଇ ନିଆଯାଏ ।

ଶ୍ରୀ ପାଲୁଆଲ ଭୋଲାନାଥ
ଲୁଞ୍ଜଗଲ ଫାଟକ ବନାରସ ସିଟି

---

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଓ ୦/୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୫୭ ନମ୍ବର ଅପର ଚିତପୁର ରୋଡ଼ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଆମେରିକାରୁ ଔଷଧ ଆମଦାନୀ ହୁଏ ଏଣୁ ବର୍ଦ୍ଧ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ ଡଲେର୍ ବାକ୍ସ ପୁସ୍ତକ ବ୍ୟାଖ୍ୟାନ ଡ୍ରପାର୍ ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩/୪, ୬ ଗୃହ ଚିକିତ୍ସାର ବାକ୍ସ ୧୨, ୨୪, ୩, ୪୧ ୬୦, ୭୨ ୧୪ ଶିଶି ୨.୩ ୩, ୪ ୬ ୭୨୧୮୨ [illegible]

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନରିଆ) ଖଣ୍ଡକାଳ ଭୁଲ୍ୟ ପ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ଯୋଡ଼ା ଜଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନିରସ୍ତ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/୬, ପ୍ୟାକିଂ ଟ ୦ /୬, ଡାକମାଶୁଲ ଟ ୦ ।

---

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କର୍ମ୍ମ ଅନ୍ୟବିଧ ଦୂଷିତ କ୍ଷତ। ଗଳିତକୁଷ୍ଠ, ଆମବାତ, ବିସ୍ଫୋଟକ, ଗଣ୍ଡମାଳା, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିରସ୍ତ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ /୬, ପ୍ୟାକିଂ ଟ ୦ /୬, ଡାକମାଶୁଲ ଟ ୦ ୫ ।

---

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିରସ୍ତ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୫, ଭି, ପି, ଟ ୦/୬ ପ୍ୟାକିଂ ଟ ୦ /୬ ଡାକମାଶୁଲ ଟ ୦ ୫ ।

---

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଉତ୍କଟ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଖଣ୍ଡଜଳବତ୍ ପ୍ରସ୍ରାବ ପ୍ରଭୃତି ନିରସ୍ତ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ /୬, ପ୍ୟାକିଂ ଟ ୦ /୬, ଡାକମାଶୁଲ ଟ ୦ । ।

---

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୁପା ଲୁହା ପ୍ରଭୃତିର ଭସ୍ମାଦି ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ । ପ୍ରତ୍ୟହ ପ୍ରାତଃ ୭ ଘଣ୍ଟାଠାରୁ ୮ ଘଣ୍ଟା ପର୍ଯ୍ୟନ୍ତ ଚିକିତ୍ସା ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଉକ୍ତ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରତ୍ନ, ବାଲୁବଜାର କଟକ ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ /୬
ଅର୍ଦ୍ଧସ୍ତମ୍ଭ ଟ ୨ ୮
ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩ ୮

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଶୁଳ୍କ ଟ ୦ ୭ ଠାରୁ ନ୍ୟୁନ ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଯଥା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା [illegible]

REGISTERED No. C. 8.

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଭାଗ ୪୨ ସଂଖ୍ୟା ... ତା ୭ ଦଶ ମହେନ୍ଦ୍ର ଅନୁକର ସନ ୧୮୧୪ ମର୍ସିଠା। ମ। ତା ୧୩ ନ ଅପ୍ରିଲ ସନ ୧୯୦୭ ସାଲ ଶନିବାର। ଅସ୍ତମ, ୫ ୩୯ ସୂର୍ଯ୍ୟୋଦୟ ୫ ୬୧
ପୃ ୪୦ ଖଣ୍ଡ

ଦୁର୍ଗୋତ୍ସବ ଉପଲକ୍ଷରେ ଏଠାର ସକଳ ମାସ ୨୦ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଅବକାଶ ଜରେଶ ମାଜ ହନ ଦେବ ଏବଂ ସେହି ସମୟ ରେ କଟକ ପ୍ରିଣ୍ଟିଂକମ୍ପାନିଙ୍କର କାର୍ଯ୍ୟାଳୟ ବନ୍ଦ ରହିବ। ଏଣୁ ଅର୍ଦ୍ଧ ... ଏଠାରୁ ଅମ୍ଭେମାନେ ଦୁଇ ସପ୍ତାହ ନିମନ୍ତେ ବିଦାୟ ନେଲୁଁ।

---

ମୃତ ସନ୍ତାନ।— ପଟିଆ ଖାଲିସ୍ପୁର ଗ୍ରାମରେ ଗୋଟିଏ ସ୍ତ୍ରୀ ଏକକାଳରେ ଦୁଇଟି ମୃତସନ୍ତାନ ପ୍ରସବ କରି ନିଜେ ମରିଗଲା। ପୂର୍ବରୁ ଏହିପ୍ରକାର ଜାତଶୌଚ ନିଥିଲା। ଚିକିତ୍ସା ଗ୍ରନ୍ଥରେ ଉଲ୍ଲେଖ ଅଛି ଗର୍ଭିଣୀ ସ୍ତ୍ରୀ ସହିତ ଅଷ୍ଟମମାସରେ ସହବାସ ହେଲେ ଏହିପରି ଘଟଣା ହୁଏ, ସର୍ବସାଧାରଣ ଏପରି ଅବସ୍ଥାରେ ସାବଧାନ ହେବାର ଉଚିତ।

---

ଭୁବନେଶ୍ୱରର ଅଧିକାର ମହାରାଜା ନୃସିଂହ-ନାରାୟଣ ଭୂପ ବାହାଦୁର ଗ୍ରୀନିଭାଲ ରାଜ୍ୟକୁ ଯୁଦ୍ଧ ... ଭାରତରୁ ପ୍ରେରିତ ହେଉଥିବା ସେନାସଙ୍ଗରେ ଗମନ କରିବାର ଇଚ୍ଛାପ୍ର ପ୍ରକାଶ କରି ଅନୁମତି ଆଶାରେ ମହାମାନ୍ୟ ଗବର୍ଣ୍ଣର ... ଙ୍କ ନିକଟରେ ଆବେଦନ ... ବଡ଼ଲାଟ ମହୋଦୟ ସେହି ଆବେଦନ ପତ୍ରର ପୋଷକତା କରି ବିଲାତର ରଣବିଭାଗକୁ ପ୍ରେରଣ କରିଅଛନ୍ତି। ମହାରାଜାଙ୍କର ସାହସ ଓ ରାଜଭକ୍ତିକୁ ଧନ୍ୟ! ଭାରତରେ ଏ ବିଷୟରେ ସେ ଅଗ୍ରଗଣ୍ୟ ଅଟନ୍ତି।

---

ଚୋରୀ।— ବାମହସ୍ତରେ ପଡ଼ଇଟି ଟଙ୍କା ଧରି ଭଗବତୀ ବାବୁ ମୁନସଫି କୋର୍ଟରେ ବକ୍ତୃତା କରୁଥିବା ସମୟରେ ତାଙ୍କ ହାତରୁ ଉକ୍ତ ଟଙ୍କା ନେଇଗଲା ସେ ଜାଣି ପାରିଲେ ନାହିଁ। ଅନ୍ୟ ଦିନରେ ଜଣେ ଉକିଲ ମୋକ୍ତାରଙ୍କ ପକେଟରୁ ଏକ ମୁସଲମାନ ଅଗେଇ ଟଙ୍କା କାଢ଼ି ନେଇ ବାଖରଗଞ୍ଜ ପ୍ୟାକେଟ୍‌ରେ ଯାଇଥିଲା। ଏ ଧସ୍ତ ପଡ଼ି ଖଲାନ ହୋଇଅଛି। ତାହା ପର ହସ୍ତଦସ୍ତ ବାହାରେ ଥିବାର ପ୍ରକାଶ କରେ। ମୁନସଫଙ୍କ ମିସିଲରେ ଅତ୍ୟନ୍ତ ଭିଡ଼ ହୁଏ। ଏଣୁ ଉକ୍ତ ଘରଟି ବଢ଼ାଇବା ଆବଶ୍ୟକ।

---

ଅନାଟନ୍ତ୍ର କ୍ରମେ ପ୍ରବଳ ହୋଇ ଉଠିଲା। ଗତ ମାସର ଶେଷ ଦିନରେ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଉତ୍ତରବଙ୍ଗ ଏବଂ ସଂଯୁକ୍ତ ପ୍ରଦେଶର ଅବସ୍ଥା ଭଲ ନୁହେଁ ଓ ପଞ୍ଜାବରେ ଗହମ କାଳ ... ଶୁଖିବାର ଆଶଙ୍କା ହୋଇଅଛି। ଉତ୍ତରପଶ୍ଚିମର କେବଳ ପଶ୍ଚିମ ପାଶକୁ ମଙ୍ଗଳ ବାର୍ତ୍ତା ଅଛି। ସଂଯୁକ୍ତପ୍ରଦେଶରେ ନ ୧୨୨୭୮ ଜଣ, ପଞ୍ଜାବରେ ନ ୧୨୧୨୦ ଜଣ, ବମ୍ବେରେ ନ ୩୧୦୨୪ ଜଣ ଏବଂ ମଧ୍ୟପ୍ରଦେଶରେ ନ ୨୨୮୧୦ ଜଣ ସରକାରୀ ସାହାଯ୍ୟ କାର୍ଯ୍ୟରେ ଖଟୁଅଛନ୍ତି।

---

ଗଲତ ମ୍ନ ୧୯୦୭ ସାଲ ଆରମ୍ଭରୁ ଓଡ଼ିଶାର ମୋଫସଲ ଗ୍ରାମମାନଙ୍କରେ ଚୌକିଦାରୀ ଆଇନ ଅନୁସାରେ ଟିକସ ଆଦାୟ ହେବାର ଆଦେଶ ପ୍ରଚଳିତ ହୋଇଅଛି ଏବଂ ଗ୍ରାମ୍ୟ ପଞ୍ଚାୟତମାନେ କାର୍ଯ୍ୟାରମ୍ଭ କରି ଦେଇ ଅଛନ୍ତି। ଏଥି ମଧ୍ୟରେ ପଞ୍ଚାୟତ ନିୟମ ସମ୍ବନ୍ଧରେ ସ୍ଥାନେ ସ୍ଥାନେ ଅସନ୍ତୋଷ ପ୍ରକାଶ ହେବାର ଜଣା ଯାଏ। ମାଜିଷ୍ଟ୍ରେଟ ସାହେବଙ୍କର ବିଶେଷ ଦୃଷ୍ଟି ଥିଲେ ଏବଂ ଲୋକେ ପ୍ରକୃତ କଥା ତାହାଙ୍କୁ ଜଣାଇଲେ ଆଶା ହୁଅଇ ସେ ଅସନ୍ତୋଷ ଅଧିକ ଦିନ ରହିବ ନାହିଁ।

---

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ କଲିକତା ଆଦି ବ୍ରାହ୍ମ ସମାଜର ଜଣେ ପ୍ରଧାନ ସଭ୍ୟ ଧର୍ମପ୍ରାଣ କୃଷ୍ଣାନ ବାବୁ ସଜ୍ଜନାସ୍ପୃଣ ... ଗତ ସେପ୍ଟେମ୍ବରମାସ ତା ୧୭ ରଖରେ ଏ ସଂସାରରୁ ବିଦାୟ ହୋଇଗଲେ। ତାହାଙ୍କର ବୟସ ପ୍ରାୟ ବ ୭୦ ବର୍ଷ ହୋଇଥିଲା ଏବଂ ଗତ ବ ୩ ବର୍ଷରୁ ପକ୍ଷାଘାତ ରୋଗରେ ଅତ୍ୟନ୍ତ ପୀଡ଼ିତ ଥାଇ

Split by PDF Splitter



ବୈଦ୍ୟନାଥରେ ଅବସ୍ଥାନ କରୁଥିଲେ । ସେହି-ଠାରେ ଜୀବନ ଲୀଳା ଶେଷ ହେଲା । ସେ ଯେମନ୍ତ ବିଦ୍ୱାନ୍ ତେମନ୍ତ ଧାର୍ମିକ ଓ ସାଧୁ ଥିଲେ ଏବଂ ବ୍ରାହ୍ମ ସମାଜର ଉନ୍ନତି ସାଧନ ତାହାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା ।

— — —

ଅନ୍ନକଷ୍ଟ ।—ଆଦ୍ୟରୁ ଅଳ୍ପ ବୃଷ୍ଟି ଏବଂ ଗତ ତା ୧୫ ଋରୁ ଏକା ବେଳେ ମେଘ ଛାଡି ଦେବାରୁ ଅନ୍ନକଷ୍ଟ ଘନୀଭୂତ ହୋଇ ଆସୁଅଛି । କଲି ଛମପଡ଼ାରୁ ଗୋଟିଏ ୨ ଅନ୍ନକଷ୍ଟ ପୀଡ଼ିତ ଲୋକ ଏ ନଗରକୁ ଆସୁଅଛନ୍ତି । ତାଳବସ୍ତ ଗ୍ରାମର ଯୋଡ଼ିଏ ଭଣ୍ଡପିଲା ଗୃହ ଦଳରେ ଦଶ କୋଶ ପଥ ଚାଲି ଏ ନଗରରେ ପ୍ରବେଶ ହେଲେ । ସେ-ମାନଙ୍କ ଅବସ୍ଥା ଦେଖିଲେ ଦୁଃଖ ହେଉଅଛି ସେ-ଠାରେ ତାଙ୍କର ମାତା ଓ ଗୋଟିଏ ଜ୍ୟେଷ୍ଠ ଭଉଣୀ ଅଛି । ମାତା ପିଲାଙ୍କର କଷ୍ଟ ଦେଖି କହିଲା ପୃଥିବୀରେ ମାଗି ଯାଚି ଖାଇ ପ୍ରାଣରକ୍ଷା କର ମୁଲକ ସୁସ୍ଥ ହେଲେ ଘରକୁ ଆସିବ । ପିଲାଙ୍କର ନାମ ବିଦ୍ୟାଧର ଓ ଗୋବର୍ଦ୍ଧନ ।

— — —

ପୁରୀର ରଥଯାତ୍ରା ସେଉଠା ସମୟରେ ଏ ନଗରରେ ଏବଂ ମୋଫସଲର ନାନାସ୍ଥାନରେ ଓଲାଉଠା ବ୍ୟାପିଥିଲା ଏବଂ କେତେ ଲୋକ ନଷ୍ଟ ହୋଇ ଥିଲେ । ସେହି ସମୟରୁ ଏ ପର୍ଯ୍ୟନ୍ତ ସେ ରୋଗ ଏ ନଗରରୁ ଅନ୍ତର ହୋଇ ନ ଥିଲେହେଁ ତହିଁର ପ୍ରକୋପ ସାମାନ୍ୟ ଥିଲା ଅର୍ଥାତ୍ ଅଧିକାଂଶ ରୋଗୀ ସାମାନ୍ୟ ଚିକିତ୍ସାରେ ଆରୋଗ୍ୟ ହେଉଥିଲେ । ଗତ ସପ୍ତାହରୁ ଏ ରୋଗ ଏମନ୍ତ ବିଷାକ୍ତ ହୋଇଅଛି ଯେ ଚିକିତ୍ସା ମାନୁ ନାହିଁ ଏବଂ ଯାହାକୁ ଧରୁଅଛି ପ୍ରାୟ ସେହି ଦିନ ତାହାକୁ ନେଇ ଯାଉଅଛି । ଗତ କେତେକ ଦିନର ଦୈନିକ ମୃତ୍ୟୁ ୮।୧୦ ରୁ ଊଣା ନୁହେ । ଅଜ-କାଲିର ଅସହ୍ୟ ଗ୍ରୀଷ୍ମ ହେତୁ ଏ ରୋଗ ପ୍ରବଳ ହୋଇ ଥିବାର ଅନେକ ଲୋକ ବିଶ୍ୱାସ କରନ୍ତି ।

— — —

କଲିକତା ମ୍ୟୁନିସିପାଲିଟୀ ପାଣ୍ଡୁଲିପି ଗତ ପୂର୍ବ ବୁଧବାର ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ପାସ ହୋଇଗଲା । ମହାମାନ୍ୟ ଗବର୍ଣ୍ଣର ଜେନ-ରଲ ସମ୍ମତି ପ୍ରଦାନ କଲେ ଆଇନରୂପେ ଜାରି ହେବ । ତାହାଙ୍କର ଅଭିପ୍ରାୟ ପୂର୍ବରୁ ଜଣା ଯାଇଅଛି ସୁତରାଂ ମଞ୍ଜୁରୀରେ ବିଲମ୍ବ ହେବ ନାହିଁ । ଆଇନ ହିଁ ଅବଶ୍ୟ ସମସ୍ତଙ୍କ ମାନିବାକୁ ହେବ ମାତ୍ର ନଗରବାସୀଙ୍କର ପ୍ରତିନିଧି ମାନେ ପୂର୍ବେ ଯେମନ୍ତ ଅନୁରାଗ ସହିତ କାର୍ଯ୍ୟ କରୁଥିଲେ ତେମନ୍ତ କରିବାକୁ ଆଉ ପ୍ରବୃତ୍ତ ହେବେ ନାହିଁ । ଲୋକେ ଆତ୍ମଶାସନ ପ୍ରଣାଳୀର ପ୍ରସାର କାମନା କରୁଥିଲେ ମାତ୍ର ସରକାର ତାହା ଖର୍ବ କରିବା ଆବଶ୍ୟକ ବିବେଚନା କଲେ ବଡ଼ ଦୁଃଖର ବିଷୟ ଅଟେ ।

— — —

ଦକ୍ଷିଣ ଆଫ୍ରିକାର ଟ୍ରାନ୍ସଭାଲ ରାଜ୍ୟ ସଙ୍ଗେ ଇଂଲଣ୍ଡର ମନାନ୍ତର ଘଟିଅଛି । ଇଂଲଣ୍ଡ ଚାହନ୍ତି ସେ ରାଜ୍ୟବାସିମାନେ ସମସ୍ତ ଶାସନ ଭାର ଅବାଧରୂପେ ନିଜେ ଚଳାଇବେ ମାତ୍ର ଇଂରାଜ ସାମ୍ରାଜ୍ୟର ଅଧୀନତା ସ୍ୱୀକାର କରିବେ । ସେହି ଅଧୀନତା ସ୍ୱୀକାର କରିବାକୁ ସେମାନେ ଅସମ୍ମତ ଏବଂ ସେହି କାରଣରୁ ଯୁଦ୍ଧ ନିମନ୍ତେ ଉଭୟ ପକ୍ଷ ପ୍ରସ୍ତୁତ ହେଉଅଛନ୍ତି । ଅନେକ ଇଂରାଜ ସେନା ଏଥି ମଧ୍ୟରେ ସେଠାକୁ ପ୍ରେରିତ ହୋଇ ଅଛନ୍ତି ଏବଂ ଅଧିକ ଯିବାର ବନ୍ଦୋବସ୍ତ ଲାଗି-ଅଛି । ଇଂରାଜ ଗବର୍ଣ୍ଣମେଣ୍ଟ ଶେଷ ଯେଉଁ ପତ୍ର ଲେଖିଅଛନ୍ତି ତହିଁର ଉତ୍ତରକୁ ଚାହିଁ ବସି ଅଛନ୍ତି । ତାହା ସନ୍ତୋଷଜନକ ନ ହେଲେ ଯୁଦ୍ଧର ଘୋଷଣା ହୋଇଯିବ ।

— — —

ବଙ୍ଗଳାର ସମସ୍ତ ଜିଲାମଧ୍ୟରେ ପୁରୀଜିଲା ଇଂରାଜୀ ଟୀକାର ପ୍ରଚଳନ ବିଷୟରେ ପୁରୀଜିଲା ବଙ୍ଗଳାର ସମସ୍ତ ଜିଲାର ତଳେ ପଡ଼ିଅଛି ଏବଂ ଏ ଜିଲାରେ ବସନ୍ତରୋଗର ମୃତ୍ୟୁ ସଂଖ୍ୟା ଅଧିକ ଅଟେ । କଟକ ଜିଲାରେ ମଧ୍ୟ ଟୀକାର ଆଦର ଊଣାଥିଲା । ମାତ୍ର ଗତବର୍ଷ ସନ୍ତୋଷଜନକ ବୃଦ୍ଧି ଦେଖାଯାଇ ଅଛି । ପୁରୀରେ ଇଂରାଜୀ ଟୀକାର ବିସ୍ତାରର ଅଭିପ୍ରାୟରେ ସ୍ୱାସ୍ଥ୍ୟ କମିଶନର କେତେଗୁଡ଼ିଏ ପ୍ରସ୍ତାବ କରିବାରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ସେ ସବୁ ପୃଥକରୂପେ ବିବେଚନା କରିବା ନିମନ୍ତେ ରଖିଦେଇ ଆପାତତଃ ଆଦେଶ ଦେଇଅଛନ୍ତି ଯେ କଟକ ନଗରରେ ଇଂରାଜୀ ଟୀକା ଦେବା କାର୍ଯ୍ୟ ଶିକ୍ଷା ଦେବା କାରଣ ଗୋଟିଏ ବିଦ୍ୟାଳୟ ଶୀଘ୍ର ସ୍ଥାପିତ ହେବ ଏବଂ ଗଡ଼ଜାତ ରାଜାମାନଙ୍କୁ ଆପଣା ୨ ରାଜ୍ୟରେ ଶିକ୍ଷିତ ସର୍ଟିଫିକେଟର ଅର୍ଥାତ୍ ଟୀକାଦାର ନିଯୁକ୍ତ କରିବା ବିଷୟରେ ପରାମର୍ଶ ଏବଂ ଉପଦେଶ ଦେବା କାରଣ କମିଶନର ସାହେବଙ୍କୁ ଅନୁରୋଧ କରାଯିବ । ଶିକ୍ଷିତ ଟୀକାଦାର ଅଭାବରେ ଅନେକ ସ୍ଥାନରେ ଟୀକାଦିଆ କାର୍ଯ୍ୟ ବୃଦ୍ଧି ହୋଇପାରୁ ନାହିଁ ।

— — —

ଗତମାସ ତା ୨୭ ରଖର ସମ୍ବଲପୁର ହିତୈଷିଣୀରୁ ଜଣା ଯାଏ ଯେ ସମ୍ବଲପୁରର କଚେରୀ-ମାନଙ୍କରୁ ଓଡ଼ିଆଭାଷା ଉଠିଯାଇ ହିନ୍ଦୀଭାଷା ପ୍ରଚଳନ ହେବାରେ ଅମ୍ଭେମାନେ ଯେଉଁ ଅନିଷ୍ଟର ଆଶଙ୍କା କରିଥିଲୁ ତାହା କିଛି ପ୍ରତ୍ୟକ୍ଷ ହୋଇ ନାହିଁ । ବରଂ ସହଯୋଗିଙ୍କ ମତରେ ତଦ୍ୱାରା ସ୍ଥାନୀୟ ଲୋକଙ୍କର ଉପକାର ହୋଇ ପାରିବ । ଅମ୍ଭ-ମାନଙ୍କୁ ସେ ସ୍ଥାନର ଅବସ୍ଥା ଗୋଚର ନାହିଁ । କେବେ କ ଉପକାର ହେବ ଏବଂ ତହିଁର କ ଲକ୍ଷଣ ଜଣା ପଡ଼ିଅଛି ଜାଣିପାରିଲେ ଅମ୍ଭମାନଙ୍କର ଭ୍ରମ ଦୂର ହେବ । ଇଂରାଜୀ ରାଜଭାଷା ତାହା ସମସ୍ତ କଚେରୀରେ ଅବଶ୍ୟ ଚଳିବ, ଆଉ ଯେଉଁ ପ୍ରଦେଶର ଯେ ଭାଷା ସେହି ପ୍ରଦେଶର କଚେରୀରେ ସେହି ଭାଷା ଚଳିବା ଏବଂ ତାହା ଶିକ୍ଷାକରିବାର ଉପାୟ କରିବା ଓ ଅପର ଭାଷା ଶିକ୍ଷା ନିମନ୍ତେ ଲୋକଙ୍କର ଆଗ୍ରହ ହେଲେ ତହିଁପାଇଁ ସାହାଯ୍ୟ କରିବା ସରକାର-ଙ୍କର ନୀତି ବୋଲି ଅମ୍ଭେମାନେ ବିଶ୍ୱାସ କରୁଁ । ଏ ବିଷୟରେ ସହଯୋଗିଙ୍କର ନିଃସ୍ୱାର୍ଥତା ପ୍ରଶଂସ-ନୀୟ ହୋଇପାରେ । ତଥାପି ଏ ପ୍ରସଙ୍ଗରେ ତ୍ରିଲ ତଥ ଓ ହିନ୍ଦୀ ଶିକ୍ଷାର ସମ୍ୟକ ବୁଝିବାକୁ ଅମ୍ଭେମାନେ ଅକ୍ଷମ ।

— — —

ବାଲେଶ୍ୱରରେ ଗୋଟିଏ ପଶୁ ଚିକିତ୍ସାଳୟ ଏକବର୍ଷ ହେଲା ସ୍ଥାପିତ ହୋଇଅଛି ଏବଂ ଭଟିହିଲ ଆସିଷ୍ଟାଣ୍ଟ ବାବୁ ସୁଧାମୋହନ ଚନ୍ଦ୍ର ତହିଁର ଚିକିତ୍ସକ ନିଯୁକ୍ତ ହୋଇଅଛନ୍ତି । ବାଲେଶ୍ୱରର ଲୋକାଲ ବୋର୍ଡ ମାସିକ ବୃତ୍ତି ପ୍ରଦାନ ପୂର୍ବକ ସୁଧାମୋହନ ବାବୁଙ୍କୁ କଲିକତା ବାଟେ ବେଲଗାଛିଆର ସରକାରୀ ପଶୁ ଚିକିତ୍ସା ବିଦ୍ୟାଳୟକୁ ପଠାଇଥିଲେ । ସେ ତିନିବର୍ଷ ଶିକ୍ଷା, କରି ଶେଷପରୀକ୍ଷାରେ ଏହିବର୍ଷ ଉତ୍ତୀର୍ଣ୍ଣ ହୋଇ ଆସିଅଛନ୍ତି । ଚିକିତ୍ସାଳୟକୁ ଯେ କେହି ଗବାଦ ପଶୁ ପଠାଇବେ ଡାକ୍ତର ସେ ସବୁ ପଶୁର ଚିକିତ୍ସା କରିବେ ଏବଂ ମୋଫସଲର ଯେଉଁଠା-ରେ ପଶୁ ମଡ଼କ ଉପସ୍ଥିତ ବା ରୋଗର ପ୍ରାଦୁର୍ଭାବ ହେବ ସେଠାକୁ ଯାଇ ଚିକିତ୍ସା କରିବେ । ଓ ଜରସ୍ମାଦର ଜଣେ ପତ୍ରପ୍ରେରକ ୪ଷ ନଗର ବାସିଙ୍କର ଏହି ଚିକିତ୍ସାଳୟ ପ୍ରତି ଆଶାନୁରୂପ ଆଗ୍ରହ ଏବଂ ସହାନୁଭୂତି ନ ଦେ ଦଇଅଛନ୍ତି । ମାତ୍ର ଅ ହେତୁ କିଛି ହେଲୁ ନାହିଁ ଜମାଜେ ନୂତନ ବିଷୟ

Digitized by srujanika@gmail.com

ସ୍ୱଭାବତଃ ଅବଲମ୍ବ କରନ୍ତୁ । ସୁଫଳ ଦେଖିବା କ୍ରମେ୨ ଅବଶ୍ୟ ହେବେ । ଅପାତତଃ ଏକ୍ଷେତ୍ର ଫଳ ପ୍ରଦାନର ସୁବନ୍ଦୋବସ୍ତ କରିବା ଆବଶ୍ୟକ ।

---

ଓଡ଼ିଶା କମିଶ୍ନରଙ୍କ କଚେରିର ଜଣେ କିରାଣୀ ଓ ସାମୁଏଲସ୍ ସାହେବ ଅନ୍ୟ କେତେକ କିରାଣୀ ସହିତ ପରିହାସ କରୁ୨ ତାହାଁର ମାଥା ଏତେ ବଢ଼ାଇଲେ ଯେ ଅବଶେଷରେ ତାଙ୍କର ଚସମା ଛୋପି ଦୂରରେ ଫିଙ୍ଗି ଯିବାରୁ କମିଶ୍ନର ସାହେବଙ୍କଠାରେ ଗୁହାରି ହେଲା । ସାହେବ ମହୋଦୟ ବିଶେଷ ତଦନ୍ତ କରାଇଲେ ମଧ୍ୟ ଅପରାଧକାରୀମାନେ ଧରା ପଡ଼ିଲେ ନାହିଁ । କେବଳ ଯେଉଁମାନେ ତାହାଙ୍କ ସଙ୍ଗେ ପରିହାସ କରୁଥିଲେ ସେହିମାନେ ଠକାଗଲେ । ପ୍ରକୃତ ଦୋଷୀ ଧରା ନ ପଡ଼ିବାରୁ ଉକ୍ତ ଅଧିକାରୀ ସମସ୍ତ କିରାଣୀ ଏଥିରେ ଲିପ୍ତ ଥିବାର ବିବେଚନା କରି ସାମୁଏଲସ୍ ଙ୍କର ସେହି କୋଠରିରେ ଯେଉଁମାନେ ବସି କାର୍ଯ୍ୟ କରନ୍ତି ସେମାନଙ୍କ ମଧ୍ୟରୁ ଏକଜଣ ଉପରେ ଏକମାସ ଏବଂ ଅନ୍ୟମାନଙ୍କ ଉପରେ ଟ ୧୧ ନର ବେତନ ଅର୍ଥଦଣ୍ଡ ଏବଂ ପୂର୍ବୋକ୍ତ ଛୁଟି କର୍ତ୍ତନ ଏବଂ ଆଉ ସମସ୍ତଙ୍କ ଉପରେ କେବଳ ଟ ୧ ନର ବେତନ ଜରିମାନା ହେଲା । ସବୁକାର୍ଯ୍ୟର ସୀମା ଅଛି । ଉକ୍ତ କିରାଣୀମାନେ ପରିହାସର ସୀମା ଲଙ୍ଘନ କରି ଦଣ୍ଡ ପାଇଲେ ଏଥିରେ କିଛି ଅନ୍ୟାୟ ହେଲା ନାହିଁ । ମାତ୍ର ଦୁଃଖର ବିଷୟ ଯେ କମିଶ୍ନର ସାହେବ ମହୋଦୟ ଦୋଷୀ ନିର୍ଦ୍ଦୋଷୀ ସମସ୍ତଙ୍କୁ ସମାନ ଦଣ୍ଡ ଏବଂ ଅର୍ଥଦଣ୍ଡ ଉପରେ ଅବକାଶ କର୍ତ୍ତନ ଦଣ୍ଡ ବିଧାନ କରି ନ୍ୟାୟର ସୀମାକୁ ଲଙ୍ଘନ କଲେ । ଏଣିକି ସାମୁଏଲସ୍ ସାହେବଙ୍କୁ ଜଗିବା ତାହାଙ୍କ ପାଖରେ ଥିବା କିରାଣୀମାନଙ୍କର ଗୋଟିଏ କାର୍ଯ୍ୟ ହେଲା ପରା !

---

## ଦାର୍ଜିଲିଂରେ ଭୀଷଣ ଉତ୍ପାତ ।

ଗତମାସ ତା ୨୧ ଓ ୨୨ ଦିନରେ ଏ ଅଞ୍ଚଳରେ ମେଘୁଆପାଗ ହୋଇ ସାମାନ୍ୟ ବୃଷ୍ଟି ହୋଇଥିଲା । ତା ୨୩ ରିଖ ଶନିବାର ମେଘ ଛାଡ଼ିଗଲା । ମାତ୍ର ସେହି ଶନିବାର ଅପରାହ୍ଣ ଘ ୨ ଟା ଠାରୁ ସୋମବାର ସକାଳ ଘ ୮ ଟା ପର୍ଯ୍ୟନ୍ତ ଦାର୍ଜିଲିଂଠାରେ ତୋଫାନ ଘୋର ବୃଷ୍ଟି ହୋଇଥିଲା । ତହିଁମଧ୍ୟରେ ପ୍ରଥମ ଘ ୨୪ ଟା ମଧ୍ୟରେ ୧୨ ଇଞ୍ଚ ଏବଂ ଶେଷ ଘ ୧୪ ଘଣ୍ଟା ମଧ୍ୟରେ ୧୨ ଇଞ୍ଚ ଜଳ ଛାଡ଼ିଥିଲା । ରବିବାର ପ୍ରବଳ ବୃଷ୍ଟି ଅତ୍ୟନ୍ତ ଟାଣ ଥିଲା ଏବଂ ତହିଁ ସଙ୍ଗେ ବେଳେ୨ ଭୂମିକମ୍ପ ହୋଇଥିଲା । ଦାର୍ଜିଲିଂ ପାହାଡ଼ିଆ ସ୍ଥାନ । ପ୍ରବଳ ବେଗରେ ଜଳ ଗଡ଼ିବା ଏବଂ ତହିଁ ସଙ୍ଗେ ଭୂମିକମ୍ପ ହେବାରୁ ବଡ଼୨ ପଥର ଖଣ୍ଡମାନ ଗଡ଼ିଆସିଲା ଏବଂ ଠାଏ୨ ବଡ଼୨ ଅଡ଼ଡ଼ାମାନ ଧସି ପଡ଼ିଲା । ଏଥିରେ ଦାର୍ଜିଲିଂ ଏବଂ ନିକଟସ୍ଥ ଅନେକ ଗ୍ରାମର କ୍ଷତି ହୋଇଅଛି । ଅନେକ ଘର ଭାଙ୍ଗି ଯାଇଅଛି ଅଥବା ବିଶେଷ ଆଘାତ ପାଇଅଛି । ଗୋଟିଏ ସ୍କୁଲଘର ଭାଙ୍ଗି ପଡ଼ିବାରୁ ତହିଁରେ ଥିବା ଇଉରୋପୀୟ ପିଲାମାନଙ୍କ ମଧ୍ୟରୁ ନ ୯ ଣ ମରି ପଡ଼ିଅଛନ୍ତି । କେତେ ସଡ଼କ ଗୋଡ଼ ପଡ଼ିଲା ଏବଂ ଟେଲିଗ୍ରାଫ ତାର ଚିରି ଛିଡ଼ିଯି । ଓ ରେଲବାଟ ଧୋଇ ଯିବାରୁ ତ ୨ ନ ପର୍ଯ୍ୟନ୍ତ ସମ୍ବାଦ ଓ ଲୋକ ଗତାଗତ ବନ୍ଦ ହୋଇଥିଲା । ଅନୁମାନ ହୁଏକି ପ୍ରାୟ ନ ୪୦୦ ଣ ଦେଶୀୟ ଲୋକ ଏହି ଦୁର୍ଘଟଣାରେ ମରି ପଡ଼ିଅଛନ୍ତି । ସମ୍ପତ୍ତି କେତେ ନଷ୍ଟ ହୋଇଅଛି ଅବଧି ଜଣା ପଡ଼ୁ ନାହିଁ । ଏତା ସ୍ପଷ୍ଟ ଯେ ତାର ଲୋକମାନେ ଏକକୋଟି ଟଙ୍କାରୁ ଊଣା ହେବ ନାହିଁ । ମହାମାନ୍ୟ ଗବର୍ଣ୍ଣର ଜେନେରଲ ଏବଂ ବଙ୍ଗୀୟ ଲେଫ୍ଟେନାଣ୍ଟ ଅତ୍ୟନ୍ତ ଦୁଃଖିତ ହୋଇ ସହାନୁଭୂତି ପତ୍ରମାନ ପଠାଇଅଛନ୍ତି ଏବଂ ଲେଫ୍ଟେନାଣ୍ଟ ଦୁଃଖୀ ସାହାଯ୍ୟଦାନ ନିମନ୍ତେ ଇଞ୍ଜିନିୟର ପ୍ରଭୃତି ପଠାଇଅଛନ୍ତି । ସେ ସ୍ୱୟଂ ଗତ ମଙ୍ଗଳବାର କଷ୍ଟରେ ସେଠାକୁ ଯାତ୍ରା କରିଅଛନ୍ତି କାରଣ ଶେଷ ମା ୩୪ ଇଞ୍ଚ ରେଲବାଟ ଏପରି ଭାଙ୍ଗି ଯାଇଅଛି ଯେ ସଜଡ଼ା ହେବାକୁ ପ୍ରାୟ ମା ୩ ସ ଲାଗିବ । ଶ୍ରୀମତୀ ଲେଫ୍ଟେନାଣ୍ଟ ପତ୍ନୀ ସେ ସମୟରେ ସେଠାରେ ଥିଲେ । ଗୋଟିଏ ଇଉରୋପୀୟ ବାଳିକା ବିଦ୍ୟାଳୟ ଭାଙ୍ଗି ପଡ଼ିବାରୁ ସେଠାରେ ଥିବା ନ ୬୦ ଣ ବାଳିକାଙ୍କୁ ସେ ଆପଣା କୋଠରେ ରଖି ଖୁଆଉଅଛନ୍ତି ଏବଂ ତହିଁ ପାଇଁ ତାହାଙ୍କର ଭୂରି ଭୂରି ପ୍ରଶଂସା ହେଉଅଛି । ଏହି ବୃଷ୍ଟି ଛାଡ଼ିବା ବେଳେ ଅର୍ଥାତ୍ ସୋମବାର ପ୍ରାତଃକାଳରେ ଏକ ନୌକାରେ ଜଲପାଇଗୁଡ଼ିଠାରେ ଜଣେ ମାନେଜର ବଧୂ ଓ କେତେଜଣ ସାହେବ ତିସ୍ତା ନଦୀ ପାର ହେଉଥିଲେ । ଜଳ ଏତେ ପ୍ରବଳ ବେଗରେ ମାଡ଼ି ଆସିଲା ଯେ ନୌକା ଜଳମଗ୍ନ ହେଲା ଏବଂ ସମସ୍ତେ ଭାସିଗଲେ । କେବଳ ଏକଜଣ ମଞ୍ଜି ମା ୧୪ ଇଞ୍ଚ ଭାସିଯାଇ ପ୍ରାଣରକ୍ଷା ପାଇଅଛି । ଅନ୍ୟମାନଙ୍କର ଅନୁସନ୍ଧାନରେ କିଛି ଜଣା ଯାଇ ନାହିଁ । ଏପରି ଭୟଙ୍କର ଉତ୍ପାତ ସେ ପ୍ରଦେଶରେ କେବେ ଦେଖା ନ ଥିଲା । ସମସ୍ତ ଈଶ୍ୱରଙ୍କ ଇଚ୍ଛା ।

---

## ପୁରୀଯାତ୍ରୀଙ୍କର ପୀଡ଼ାର ବିଦାନ ।

ପୁରୀ ରଥଯାତ୍ରା ସମ୍ବନ୍ଧରେ ବାଲେଶ୍ୱରର 'ଉତ୍କଳପ୍ରଦୀପ ଓ ନବସମ୍ବାଦ'ରେ କେତେଗୁଡ଼ିଏ ପ୍ରବନ୍ଧ ବାହାରିଅଛି । ଯାତ୍ରୀଙ୍କର ସ୍ୱାସ୍ଥ୍ୟ ଓ ସୁବିଧା ସକାଶେ ପୁରୀ ବସାଘର ଆଇନ ଜାରି ହୋଇଅଛି ଏବଂ ସେ ଆଇନ ଚଳାଇବା ନିମନ୍ତେ ଉପଯୁକ୍ତ କର୍ମଚାରୀ ନିଯୁକ୍ତ ଅଛନ୍ତି । ମାତ୍ର ଯାତ୍ରୀମାନଙ୍କର ନାନା କଷ୍ଟ ଯେରୂପ ବର୍ଣ୍ଣିତ ହୋଇଅଛି ତାହା ସତ୍ୟ ହେଲେ ଅବଶ୍ୟ କୋହିବାକୁ ହେବ ଯେ ବନ୍ଦୋବସ୍ତ ଦୋଷରୁ ସେ ସବୁ ଅନେକ ପରିମାଣରେ ଘଟିଥିଲା । ଅନେକ ଯାତ୍ରୀ ଭଡ଼ାଘର ନ ପାଇ ପଦାରେ ପଡ଼ିରହି ଖରା ବର୍ଷା ଭୋଗ କଲେ । ନରେନ୍ଦ୍ରପୁଷ୍କରିଣୀର ବ୍ୟବହାର ଏକାବେଳେ ବନ୍ଦ କରାଗଲା । ନଗରର ନାନାସ୍ଥାନରେ ଥିବା କୂପମାନଙ୍କରେ ମଧ୍ୟ ସ୍ନାନ କରିବାର ନିଷେଧ ହେଲା । କେତେକ କୂଅର ଜଳ ବିଶୁଦ୍ଧ ବୋଲି ନଗରବାସୀ ଅନେକ ଲୋକ ସେହି ଜଳ ପାନ କରନ୍ତି । ଲୋକେ ନିଜର ମାଟି ବା ପିତ୍ତଳମାଠିଆ ସେ କୂଅରେ ବୁଡ଼ାଇଲେ ଜାଲେ ଜଳ ଦୂଷିତ ହେବ ଏଥିପାଇଁ ସେ କୂଅରୁ କେହି ଜଳ ନେବାର ନିଷେଧ ହେଲା । ସରକାରୀ ପିତ୍ତଳ ବା ତମ୍ବାର ପାତ୍ର ସେ କୂଅପାଖରେ ଜଣେ ଲୋକ ଜିମାରେ ରଖାଇ ଦେଇଥିଲେ ସେଥିରେ ଜଳ କାଢ଼ି ଆପଣା୨ ପାତ୍ରରେ ଲୋକେ ନେଇପାରନ୍ତେ ଏହା କାହାରି ଦେନ ହେଲା ନାହିଁ । ବିଶେଷ ଯାତ୍ରୀର ସମାଗମ ଦେଖି ମିଉନିସିପାଲିଟି ଅଧିକା ପାଇଖାନା କରିବାର ଉଚିତ ଥିଲା । ମାତ୍ର ତାହା ହୋଇ ନାହିଁ । ପାଇଖାନା ନ ପାଇ ଯାତ୍ରୀମାନେ ମଳ ମୂତ୍ରର ବେଗ ଧାରଣ କରିବାକୁ ଅଥବା ଅନ୍ୟ ସ୍ଥାନରେ ତାହା ତ୍ୟାଗ କରିବାକୁ ବାଧ୍ୟ ହେଲେ । ସେମାନେ ବିଦେଶୀ ମିଉନିସିପାଲିଟିର ସୀମା ଅଥବା କେଉଁଠାରେ ମଳ ମୂତ୍ର ତ୍ୟାଗ କରିବା ନିଷେଧ ଜାଣନ୍ତି ନାହିଁ । ବାଲିଚର ବା ପଡ଼ିଆ ଦେଖି ମଳତ୍ୟାଗ କଲେ ପୁଲିସ ହାବୁଡ଼ରେ ପଡ଼ି ଅ ୫ ଜରିମାନାରେ ଦଣ୍ଡିତ ହେଲେ । ଥାନାରୁ

କଟେଶ୍ୱର ଯଉ ଜଣାଯାଉଛି ଅସୁସ୍ଥ ସନ୍ଧ୍ୟା ହୋଇଗଲ ସ୍ୱଚ୍ଛଂ ସ୍ଥାନାଦିର ବଳା ସଶଙ୍କିତ ବରେ ଯନଷ୍ଟ କଟାଇଲେ । ମଳ ମୂତ୍ର ତ୍ୟାଗ, ସ୍ନାନ ଏବଂ ପାନୀୟ ଜଳ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ନିତାନ୍ତ ଆବଶ୍ୟକ । ଯେବେ ଏ ଉପଦେଶପୂର୍ବରେ ବ୍ୟାପାର ଦେଖ ଏବଂ ବିଶେଷତଃ ଏବର୍ଷ ଉଥଯାଶା ସମସ୍ତ ଅସହ୍ୟ ଗ୍ରୀଷ୍ମରେ ଲୋକେ ଷଗରେ ପଡ଼ରହି ଜଳକଷ୍ଟ ଭୋଗ କଲେ ତେବେ ପୀଡ଼ା ବୃଦ୍ଧି ହେବା ଆଶ୍ଚର୍ଯ୍ୟ ନୁହେ ଯାତ୍ରୀସଂଖ୍ୟା କ୍ରମଶଃ ବୃଦ୍ଧି ହେବାର ଦେଖି କର୍ତ୍ତୃପକ୍ଷମାନେ ତେଉଁନ୍ତ ସାବଧାନ ହୋଇ ବିଶେଷ ବନ୍ଦୋବସ୍ତ କରି ନ ପାରିଲେ ଏହି ସେମାନଙ୍କର ତ୍ରୁଟି ବୋଲା ଅଉ କ ବୋଲାଯିବ ? ସେମାନେ ଚେଷ୍ଟା କରୁଥିଲେ ଆଶା ହେଉଅଛି ଯେସବୁ କଷ୍ଟ ଏବଂ ଅସୁବିଧା ଅନେକ ପରିମାଣରେ ନିବାରଣ ହୋଇ ପାରନ୍ତା । କଳସ୍ପୃଷ୍ଟ-ଋଷୀଲ ବ୍ୟବହାର ଏକବେଳେ ବନ୍ଦ ନ କଲେ କେବଳ ଯେ ଜଳ ପାନ କରିବାର ନିଷେଧ କଲେ ଯଥେଷ୍ଟ ହୋଇଥାନ୍ତା ଏବଂ କେତେଗୁଡ଼ାଏ କ୍ଷଣସ୍ଥାୟୀ ନିମନ୍ତେ ପଡ଼ିଆଟିର ପାଇଖାନା ପ୍ରସ୍ତୁତ କରି ଦେଇ ଅଥବା ପଡ଼ିଆ ଷଉଡ଼େଇ ଠିକା ହାଉ ନିଯୁକ୍ତ କରିଥିଲେ ଅନାୟାସରେ ପ୍ରଭୂତ ପରିଷ୍କାର ହୋଇପାରନ୍ତା । ଏଥିରେ ଅଧିକା ବ୍ୟୟ ହୁଅନ୍ତା ସତ୍ୟ ମାତ୍ର ମିଉନିସିପାଲିଟି ବା ଲଙ୍ଗ ହାଉସଫଣ୍ଡର ଟଙ୍କା ତହିଁପାଇଁ ଖର୍ଚ୍ଚ ହେଲେ ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦେବାକୁ କୁଣ୍ଠିତ ହୁଅନ୍ତେ ନାହିଁ । କାରଣ ଦୟାବାନ୍ ଇଂରାଜ ଗବର୍ଣ୍ଣମେଣ୍ଟ ଲୋକଙ୍କର ସ୍ୱାସ୍ଥ୍ୟରକ୍ଷା ପ୍ରତି ସର୍ବଦା ମନୋଯୋଗୀ ଏବଂ ସେ ବିଷୟରେ ବ୍ୟୟ କାତର ନୁହନ୍ତି । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ସହଯୋଗୀଙ୍କର ଉପରଲିଖିତ ପ୍ରବନ୍ଧମାନ ଗବର୍ଣ୍ଣମେଣ୍ଟ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିବ ଏବଂ ଭବିଷ୍ୟତରେ ଯାତ୍ରୀଙ୍କର ଏପରି ଦୁର୍ଦ୍ଦଶା ନ ଘଟିବା ନିମନ୍ତେ ଉପାୟ ଅବଲମ୍ବିତ ହେବ । ରେଲବାଟ ଖୋଲିଗଲେ ଯିବାଆସିବା ଅଧିକ ଲୋକ ଯିବା ହେତୁ ତାହା ନ ହେଉ ପ୍ରଥମ ଷଣେକ ଯାତ୍ରୀ ଅଧିକେ ଏଥିରେ ସନ୍ଦେହ ନାହିଁ ଏବଂ ତହିଁପାଇଁ ବିଶେଷ ବନ୍ଦୋବସ୍ତ କରିବା ଏକାନ୍ତ ଆବଶ୍ୟକ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଭାବନଗରର ଡାଃ ମାନ୍ ଷ୍ଟ୍ ଓ ଡାଃ କଲେକ୍ଟରଙ୍କ ଛାମୁ କଟକରୁ ଯାଇ ଗୁପ୍ତ ୪୦ ଦିନକୁ ଛୁଟି ଦାଖଲ କରିଅଛନ୍ତି ।

ଯେଉଁ ମାଗଣର ରେଲବେ ଏଜେଣ୍ଟ ବାବୁ ନନ୍ଦ ଗୁରୁ ଉତ୍କଳର ସବୁ ଡାଃ ଡାକ୍ତର ବାବୁ ରମେଶ ଚନ୍ଦ୍ର ସେନ, ହୁଗୁଳି ହାବଡ଼ା ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ୧୮୫୪ ସନରୁ ଅସ୍ଥାୟୀ ଡେପୁଟି କଲେକ୍ଟର ପଦ ପ୍ରାପ୍ତ ହୋଇଅଛନ୍ତି ।

ତୃତୀୟ ଶ୍ରେଣୀର ଅବୈତନିକ ମାଜିଷ୍ଟ୍ରେଟ ବାବୁ ଜଗବନ୍ଧୁ ... ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ବାବୁ ମଧୁସୂଦନ ଗୁପ୍ତ ଅସ୍ଥାୟୀ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହେଲେ ।

---

କଟକ ମେଡିକାଲର ଛାତ୍ରମାନେ ... ପରୀକ୍ଷା ଦେଉଅଛନ୍ତି ।

କାଠଯୋଡ଼ି ନଦୀରେ ବଡ଼ ଅପରିଷ୍କାର ଅବସ୍ଥାରେ ଅଛି ... ଜଳ ନିଷ୍କାସନ ... ମୁନିସିପାଲିଟି ... ସ୍ଥାନରେ ... ।

ଅଧିକନ୍ତୁ ... ଏ ନଗରରେ ... ବୃଦ୍ଧି ହେଉଅଛି । ... ୧୦ ... ୧୫ ... ।

ପଣ୍ଡିତ ... ଦିନକରେ ... ଶୁଣାଯାଉଅଛି । ... ଗୋଟିଏ ସ୍ତ୍ରୀଲୋକ ... ହୋଇଅଛି । ... ଦେଖାଯାଉଅଛି ।

ଦୁଃଖର ବିଷୟ । — ... ଗ୍ରାମରେ ... ଜଣ ... ମୃତ୍ୟୁ ହୋଇଅଛି । ... ଲୋକ ... ଭୟରେ ... ।

ଏ ... ଗ୍ରାମରେ ... ଗୋଟିଏ ... ବ୍ୟାଘ୍ର ... ଉପଦ୍ରବ ... ।

... ଭାଇମାନଙ୍କ ... ଶ୍ରୀମତୀ ... ମୃତ୍ୟୁ ହେଲା । ... ।

ଦୁର୍ଭିକ୍ଷର ସମ୍ଭାବନା ।— ... ବର୍ଷା ... ଧାନ ... ।

---

... ଲକ୍ଷଣ ... ଧରି ଯାଏ ... ସେ ସ୍ଥାନରେ ... ପ୍ରବେଶ ହୋଇ ... ।

ଭୂତପୂର୍ବ ... ବାବୁ ... ମାସିକ ୧୫୦ ଟଙ୍କା ... ମଞ୍ଜୁର କରିଅଛନ୍ତି ।

... ପ୍ରାୟ ... ଅସୁସ୍ଥ ଥିବା ... ।

... ।

ବାବୁ ... ଅଗାମୀ ... ।

ବାବୁ ... ।

... ୧୫୦ ... ।

... ।

... ।

... ।

... ।

... କ୍ଲୋରୋଫର୍ମ ( Chloroform ) ... ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ଏସପ୍ତାହରେ ଏଠାରେ ପ୍ରବଳ ବର୍ଷା ହୋଇଅଛି । ଗରମି ପ୍ରଚଣ୍ଡ ରହିଅଛି ।

ଗତ ସପ୍ତାହରେ ଏଠାରେ କଲେରାର ପ୍ରବଳ ପ୍ରକୋପ ଥିଲା । ଜୋଡ଼ାଏ ଲୋକ ଏବଂ ପ୍ରାୟ ପଚାଶ ମୃତ୍ୟୁ ସମ୍ବାଦ ଶୁଣାଯାଉଅଛି । ଏଠା ପ୍ରଦୁମ ଇସ୍କୁଲ ପଣ୍ଡିତମାନେ ଏହି ରୋଗରେ ପ୍ରାଣତ୍ୟାଗ କରିଅଛନ୍ତି ।

ଏଠାର ସ୍ଥାନୀୟ କମିଟିର ସାହାଯ୍ୟରେ ଡାକ୍ତରଖାନା ଗୋପାଳପୁର ମଫସଲ ଗ୍ରାମମାନଙ୍କରେ ଏଠାରୁ ଅତି ଶୀଘ୍ର ଔଷଧ ଯାଉଅଛି ।

ଗତ ମଙ୍ଗଳବାରଠାରୁ ଏଠା ହାଇ ସ୍କୁଲ ଗୃହରେ ମଧ୍ୟମ ଓ ଉଚ୍ଚ ଓ ଇଂରାଜୀ ସ୍କୁଲର ଓ ଛାତ୍ର ପ୍ରାଇମେରି ପରୀକ୍ଷା ଗ୍ରହଣ ହୋଇଅଛି । ସର୍ବସୁଦ୍ଧା ୨୦୦ ଛାତ୍ର ଉପସ୍ଥିତ ହୋଇଥିଲେ ।

କଟକରୁ ... ବାବୁ ... ଙ୍କୁ ... ୫୨ ଟି ... ପ୍ରଦାନ କରିବାକୁ ... ଯାଉଅଛନ୍ତି ।

ଏଥିପୂର୍ବେ କେନ୍ଦ୍ରାପଡ଼ା ... ଠାରେ ୪ ର୍ଥ ... ଏକଟିମାନ ... ଏଠାରେ ... ଯାଇଅଛି । ଅର୍ଥାତ୍ ... ଏକଦିନ ... ହେଉଅଛି । ... ପର୍ଯ୍ୟନ୍ତ ... ଶୀଘ୍ର ଦେଖାଯିବ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ମାନ୍ୟବର "ଉତ୍କଳଦୀପିକା"
ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

କଟକ ଜିଲ୍ଲା ଅନ୍ତର୍ଗତ । କ । କାଳୀ ଅଠା ଗଡ଼ର ଶ୍ରୀରାଜା ମହୋଦୟ ତୀର୍ଥାଟନ କରିବା ଅଭିପ୍ରାୟରେ ନିଜ ପରିବାରବର୍ଗ ଓ ବଂଶର ଜଣ ଅନେକର ବର୍ଗ ସହ ଗତ ବୈଶାଖ ପୂର୍ଣ୍ଣିମା ପରଦିନ ନିଜ ରାଜଧାନୀରୁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ବହିର୍ଗମନ ହୋଇ ସେଠାରେ ଏକ ମାସ ଅବସ୍ଥାନ କରି ଜଗନ୍ନାଥ ଦର୍ଶନ ଓ ସେବନ ନିମନ୍ତେ ଥିବା ପ୍ରସିଦ୍ଧ ହୋମ, ଦାନ ଓ ଅଭ୍ୟାଗତ, ଦୀନ, ପଙ୍ଗୁ, ଅନ୍ଧ ପ୍ରଭୃତିଙ୍କୁ ଅନ୍ନ ବସ୍ତ୍ର ବିତରଣ ଏବଂ ଏକ ପଣ୍ଡିତ ସଭା କରି ଶାସ୍ତ୍ର ବିଚାରରେ ଯଥୋପଯୁକ୍ତ ସମ୍ମାନ ଏବଂ ସେମାନଙ୍କୁ ଟ ୪୦୦ ଙ୍କା ପ୍ରଦାନ କରି ଗତ ଜୁନ ମାସ ତା ୨୦ ରିଖରେ ଇଷ୍ଟକୋଷ୍ଟ ରେଲ ଗାଡ଼ିରେ ଶନିବାର ଦିନ ଶ୍ରୀରାଜା ମହୋଦୟ କଲିକତା ପୁରକୁ ଯାତ୍ରା କଲେ । ସେଠାରେ କ ୩ ଦିନ ରହି ନଗର ପରିଦର୍ଶନ ଓ ନବଦ୍ୱୀପ ଦେଶ ଦିଗ୍ ବିହାରର ଅଭିଷ୍ଟ ... ବାବୁ ... ଗୃହଠାରେ ଗୋଟିଏ ପଣ୍ଡିତସଭା କରାଇଥିଲେ । ସଭାରେ ଦାକ୍ଷିଣାତ୍ୟ ଓ ଔଦିଚ୍ୟ ଓ ୧୦ ଜଣ ପଣ୍ଡିତ ଉପସ୍ଥିତ ହୋଇଥିଲେ ଏବଂ ଶସ୍ତ୍ରର ପଣ୍ଡିତମାନଙ୍କୁ ସ୍ଥଳରେ ... ଟଙ୍କା ପୁରସ୍କାର ବିତରଣ ହୋଇ ସଭା ଭଙ୍ଗ ହେଲା । ଉକ୍ତ ବାବୁ ମହାଶୟ ଓ ପଣ୍ଡିତମାନେ ଶ୍ରୀରାଜା ମହୋଦୟଙ୍କର ଶାସ୍ତ୍ରଚର୍ଚ୍ଚାରେ ଦକ୍ଷତା ଓ ବଦାନ୍ୟତା ସନ୍ଦର୍ଶନ କରି ଚମତ୍କୃତ ହୋଇ ଧନ୍ୟବାଦ ପ୍ରଦାନ କରିଥିଲେ ।

କଲିକତାଠାରୁ ଯାତ୍ରା କରି ବର୍ଦ୍ଧମାନ ହୋଇ ବାଙ୍କୁ ନଗର ପ୍ରଭୃତି ସ୍ଥାନମାନ ପରିଦର୍ଶନ, ପିଠପୁର ପାଦଗୟା ତୀର୍ଥରେ ପିଣ୍ଡଦାନାଦି କ୍ରିୟା ଓ ରାଜମହେନ୍ଦ୍ରୀଠାରେ ଗୋଦାବରୀ ତୀର୍ଥରେ ସ୍ନାନ ଦାନାଦି ଓ ପଣ୍ଡିତ ସଭା ଇତ୍ୟାଦି ଶେଷ କଲେ । ପରେ ବେଜବାଡ଼ାଠାରେ କୃଷ୍ଣାନଦୀରେ ସ୍ନାନଦାନ କ୍ରିୟା ଓ ଭଗବାନଙ୍କ ପଣାନୃସିଂହଙ୍କୁ ଦର୍ଶନ କରି ହାଇଦ୍ରାବାଦରେ ଉପସ୍ଥିତ ହେଲେ । ସେଠାରେ ଦୁଇ ଦିନ ରହି ନଗରମାନ ପରିଦର୍ଶନ ଉତ୍ତାରୁ ବମ୍ବେଇ ପ୍ରେସିଡେନ୍ସି ଅନ୍ତର୍ଗତ ପୁନା, ନାସିକ, ...ବଲ ... ର ରାଜଧାନୀ ଅମରାବତୀ ନଗରୀ, ମଧ୍ୟପ୍ରଦେଶର ପ୍ରଧାନ ନଗର ନାଗପୁର ଓ ବିଳାସପୁର ଓ ଶ୍ରୀବାବା ବୈଦ୍ୟନାଥ ଦେବଙ୍କୁ ଦର୍ଶନ କରି ଗୟାରେ ଉପସ୍ଥିତ ହୋଇ ଏକ ସପ୍ତାହ ଅବସ୍ଥାନପୂର୍ବକ ଶ୍ରାଦ୍ଧ କାର୍ଯ୍ୟ ଶେଷ କରି ଜୁଲାଇ ମାସ ତା ୩୦ ରିଖରେ ଏହି କାଶୀ ଧାମରେ ଉପସ୍ଥିତ ହେଲେ । ସେଠାର ନାନା ତୀର୍ଥରେ ସ୍ନାନ, ଦାନ ଦର୍ଶନାଦି କରି ପ୍ରତ୍ୟହ ପଞ୍ଚବିଂଶତି ପରିମିତ ବ୍ରାହ୍ମଣ ଓ ସନ୍ନ୍ୟାସୀମାନଙ୍କୁ ଭୋଜନ କରାଇ ସେମାନଙ୍କୁ ଯଥୋପଯୁକ୍ତ ଦକ୍ଷିଣା ଦାନ କରୁଥିବାରୁ ସମସ୍ତେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଓ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଗତ ମାସ ତା ୧୧ ରିଖ ଶୁକ୍ରବାର ଦିନ ଏହି କାଶୀଧାମସ୍ଥ ବ୍ରାହ୍ମଣ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ଗୋଟିଏ ପଣ୍ଡିତ ସଭା କରିଥିଲେ । ଏଥିରେ ମହାମହୋପାଧ୍ୟାୟ ପଣ୍ଡିତ ଶ୍ରୀ କୈଳାସ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓ ମହାମହୋପାଧ୍ୟାୟ ପଣ୍ଡିତ ଶ୍ରୀ ଶିବକୁମାର ଶାସ୍ତ୍ରୀ ଓ ପଣ୍ଡିତ ଶ୍ରୀ ଶଙ୍କର ଶାସ୍ତ୍ରୀ ପ୍ରଭୃତି ଚତୁଃଷଷ୍ଠି ଏକଶତ ପ୍ରଧାନ ପଣ୍ଡିତମାନେ ମଧ୍ୟାହ୍ନ ୨ ଘଣ୍ଟା ସମୟରେ ଉପସ୍ଥିତ ହୋଇ ସଭାସ୍ଥାନଟିକୁ ପୂର୍ଣ୍ଣ କରିଥିଲେ । ଶ୍ରୀରାଜା ମହୋଦୟ ସେମାନଙ୍କୁ ଅଭିବାଦନପୂର୍ବକ ସାଦରେ ସ୍ୱାଗତ ଏବଂ ଗନ୍ଧ ପୁଷ୍ପ ତାମ୍ବୁଳାଦି ପ୍ରଦାନ କଲେ ଅନନ୍ତର ନାନା ଶାସ୍ତ୍ରର ବିଚାର ଉତ୍ତାରୁ ଶ୍ରୀରାଜା ମହୋଦୟ ଗୋ ୩ ଟି ସମସ୍ୟା ପୂରଣର ପ୍ରଶ୍ନ କରିଥିଲେ । ପ୍ରଶ୍ନ ପୂରଣାନନ୍ତର ସେମାନଙ୍କୁ ଉପଯୁକ୍ତ ଦକ୍ଷିଣା ଟ ୧୫୦ ଙ୍କା ପ୍ରଦାନପୂର୍ବକ ସଭା ଭଙ୍ଗ କରୁଥିବା ପଣ୍ଡିତମାନେ ଶ୍ରୀରାଜା ମହୋଦୟଙ୍କର ବିଦ୍ୱତ୍ତା ଓ ବିଦ୍ୟାନୁରାଗିତା ଏବଂ ତଦୁପଯୁକ୍ତ ବିନୟ ଭାବକୁ ସନ୍ଦର୍ଶନ କରି ମୁକ୍ତକଣ୍ଠରେ ଧନ୍ୟବାଦ ପ୍ରଦାନ ପୂର୍ବକ ସ୍ୱ ସ୍ୱ ଭବନକୁ ପ୍ରତ୍ୟାଗମନ କଲେ ।

ଅତଃପର ଶ୍ରୀ ରାଜା ମହୋଦୟ ଚଳିତ ମାସ ତା ୧୮ ରିଖ ଶନିବାର ଅପରାହ୍ନରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କଲେ । ଇତି କ୍ରମଶଃ ।

୧୦।୯।୯୫ } କାଶୀବାସସ୍ଥ ଉତ୍କଳ ପଣ୍ଡିତ
ଶ୍ରୀ କାଶୀଧାମ } ଶ୍ରୀ ଶଙ୍କର ଶାସ୍ତ୍ରୀ

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ ସ୍ୱର୍ଣ୍ଣଚରଣ ମହାନ୍ତି | ଟ ୧ |
| ... ଶ୍ରୀ କୃଷ୍ଣଦାସ ... | ଟ ୩ |
| ଶ୍ରୀ ବାବୁ [illegible] | ଟ ୩ |
| ମହନ୍ତ ଶ୍ରୀ ... | ଟ ୩ |

---

## ବିଜ୍ଞାପନ ।

ନଂ ୩୭୮୦ ମୁରସିଦାବାଦ
ସନ ୧୮୯୮ ମସିହା

କଟକ । ମୁ । ମୁନସଫି ଅଦାଲତ

୧ ମଦନ ଦାସ । ସା । ... ଦେଶର
। ପ୍ର । ଅଣାବର୍ଦ୍ଧିକ

୨ ଉଦୟ ଦାସ } । ସା । ...
୩ ମଧୁ ମିଶ୍ର } ସାମଲ ...
୪ ... } । ପ୍ର । ... } ବାଦୀମାନେ

ବନାମ ।

୧ ଜଗେଶ୍ୱର ପଟ୍ଟନାୟକ
୨ କୃଷ୍ଣଚରଣ ପଟ୍ଟନାୟକ
୩ ମହେଶ୍ୱର ଷଡ଼ଙ୍ଗୀ } । ସା । ପଙ୍କପାଳ । ପ୍ର । ... ପ୍ରତିବାଦୀମାନେ
୪ ... ଚରଣ ଷଡ଼ଙ୍ଗୀ
୫ ... ଚରଣ ଷଡ଼ଙ୍ଗୀ

( ନୋଟିସ )

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ଲେଖିତ ନମ୍ବର ମୋକଦ୍ଦମାରେ ... ସମ୍ବନ୍ଧେ ସମସ୍ତ ଗ୍ରାମବାସୀମାନଙ୍କ ତରଫରୁ ସାଧୁଚରଣ ... ଓ ... ଓ ... ମହାନ୍ତି ଓ ଉପେନ୍ଦ୍ର ... ଓ ... ମହାନ୍ତି ଓ ମୁକୁନ୍ଦ ପତି ଓ ... ଦାସ । ସା । ... । ପ୍ର । ... ମାନେ ମୋକଦ୍ଦମା ଚଳାଇବା ନିମନ୍ତେ ବାଦୀମାନେ ଅଦାଲତରୁ ଅନୁମତି ପାଇଅଛନ୍ତି ଉକ୍ତ ଅସାମୀମାନେ ଉକ୍ତ ମୋକ-

Split by PDF Splitter

Digitized by srujanika@gmail.com

Split by PDF Splitter



ଦମା ସମସ୍ତଙ୍କେ ଜେଉଁ ଜଣଙ୍କ ଅପତ୍ତି ଥିଲେ ସନ ୧୮୯୯ ମସିହା ନମ୍ବର ମାସ ତା ୮ ଋଣରେ ଉପସ୍ଥିତ ହୋଇ ଏଥିମଧ୍ୟରେ ମୋକଦମା ଚଳାଇବେ ଉତେତୁ ତାହାଁର କାରଣ ଦର୍ଶାଇବେ ।

ତାଗ ।

ବର୍ତ୍ତମାନ ଜଣର ଅନ୍ତର୍ଗତ ସ୍ତ ଉ ପ୍ରଗଣ ଝଙ୍କୋଲ ଓ ୫୫ ଡେ । ମୂ । ଜଲେଶ୍ୱର ବ୍ୟୁର ଇଲକାଧୀନ । ତ । ତା । ନାଲିଅପାଲ ନଂ ୧୦ ମହ ଡଲ୍ଲଭରୁ । ପ୍ର । ବାରଣଙ୍କ । ମୌ । ଖୁଣ୍ଡପୁର ଜେବାରେ ଥିବା ନିମ୍ନଲିଖିତ ଉତ୍ଭଗ ଓ ଜମାର ନମ୍ବର ଅନୁସାରେ ପାଇଜା ମା ୧୮ ଜମ ବ ଯାହା ଚଳତ ବନ୍ଦୋବସ୍ତ କାଗଜା ଅନୁସାରେ ଏ ୧୯।୩୪ ଭଗମାଲ ଜମି ଅଛେ ।

। ଯ । ଉଦ୍ଦୀଲ ଅଲଗା ପୂର୍ଣ୍ଣଦେବୀ ଓ ରୂପାଦେବୀ ଓ ସରକାରୀ ଦଲ ।

| | | |
|---|---|---|
| ଉ ୫୧୯ ମହ ସ୍ମୁ ମା | ୧୧୯ | |
| ନ ୫୨୦ ମହ ସ୍ମୁ ମା | ୧୬୧୦ | |
| ଡା | ମା ୧୮ ଶ | |
| ତାଲ ଖରଚା | | |
| ଉ ୩ ମହ | ଏ ୧୬୨୦ | |
| ନ ୧୮ ମହ | ଏ ୧୧୨୪ | |
| ଡା | ଏ ୧୯।୩୪ | |

। ଯ । ବେଶମାଣସ୍ୱର ସରଚଦ

## NOTICE.

*For the information of Railway Companies and Contractors.*

The Forest Department of Athmalik would undertake to supply sleepers to Contractors working in the Railway lines. For particulars apply to the undersingned.

Athmalik, 1—10—99 } Maharajah of Athmalik.

## NOTICE,

Wanted by the Cuttack District Board a Sub Inspector of schools on a salary of Rs. 50 a month with usual travelling allowance. None need apply who is not qualified in accordance with the rules promulgated with the Bengal Government Notification No. 456 T. G. dated 2nd September 1893.

Applications with testimonials will be received by the undersigned up to the end of 25th October 1899.

Cuttack District Board's office The 30th September 99 } J. C. C. Bahadoor, Vice Chairman

## ଫଟୋଗ୍ରାଫ ।

( ମନୁଷ୍ୟର ନାନାଜାତ ଓ ଦୃଶ୍ୟାଦର ଛବି ବା ଛବ ) ସୁଲଭ ମୂଲ୍ୟରେ ଅଙ୍କିତ ହେଉଅଛି । ଯାହାଙ୍କର ନିଜର ଛବି ଅବା ସ୍ୱଜନ ବନ୍ଧୁ ପୁତ୍ର ଓ ଗୃହ ଦିଗ ଅଦ ଗୁରୁଜନମାନଙ୍କର ଛବି ଦ୍ୱାରା ତାଙ୍କର ସ୍ମରଣ ନିମନ୍ତେ ସ୍ମୃତରେ ରକ୍ଷିବାର ବାସନା ଥାଏ ସେମାନେ ଏଠାରେ ଉପସ୍ଥିତ ହୋଇ ଜଣାଇଲେ ଶୀଘ୍ର କାର୍ଯ୍ୟ ପାଇ ପାରିବେ ।

ପ୍ରତ୍ୟହ ଉପରେଉକ୍ତ ସ ୧୦ ଘ ରୁ ଏ କାର୍ଯ୍ୟ ହେବାର ଧାର୍ଯ୍ୟ ହୋଇଅଛି । ଏଠା ଛଡ଼ା ଯାହାଙ୍କର ଦିଗ ମତ ସ୍ଥାନ ଭର୍ତ୍ତଙ୍କ ଯୁକ୍ତ କଲାପର ସମସ୍ତ ପଠାଇବାଙ୍କର ଛବି ନଜଂ ସ୍ଥାନରେ ମୁଦ୍ରିତ କରାଇବାର ଆବଶ୍ୟକ ହେବ ସେମାନେ ତାହାଁର ସ୍ୱତନ୍ତ୍ର ବନ୍ଦୋବସ୍ତ କଲେ ସଫଳ କାମ ହୋଇ ପାରିବ । ଉଚିତ ବସ୍ତୁ ଅମର କାର୍ଯ୍ୟ କରିବା ପ୍ରଣାଳୀ ଛବି ପ୍ରିଣ୍ଟିଙ୍ଗମାନଙ୍କ ଯନ୍ତ୍ରାଳୟରେ ଅଥବା ଅଲମନ୍ଦର ବଜାର ଅମ ଘରଠାରେ ଅମଠାରୁ ବୁଝିବେ ।

ଶ୍ରୀ ଭଗୀରଥୀ ପାଟ୍ଟିସ୍ତା ।

## ବିଜ୍ଞାପନ ।

ଏ ଜିଲ୍ଲାର ବନ୍ୟଜାତ ଦ୍ରବ୍ୟ ଅର୍ଥାତ୍ ବଉଳା, ବାଦାମ, ଗ୍ଲାସ, ଅର୍ଜୁନ, ବୋଉଲା, ଡହଳ, ଅଷ୍ଟା, ଜାମୁଳ, ମହୁଲ, କ୍ରସଣ, ଶୋଳ, ବଡ଼ୁଗ ଓ ଇତ୍ୟାଦିର ଅବଦାନ କରିବା କାରଣ ପ୍ରତି ସନ ୧୩୦୭ ସାଲ ଲାଗି ଏହି ଅକ୍ଟୋବର ମାସ ତା ୩୦ ରିଖ । ମୂ । ବ ଦିନ ଦ ୧୫ ଦ ସୋମବାର ବ । ଘ ୧୧ ଘ ସମୟ ଏଠା ସବର ଅଫିସରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ଅତଏବ ଇଚ୍ଛା କରିଲେ ଇଚ୍ଛୁକ

ଯଥା ସମୟେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ଇତି ।

ପୁରୀ କାଳେକ୍ଟର } K. B. H. Mahapatra,
୩୦।୯।୯୯ } ଘଟ । ତ । ପୁରୀ

## ବିଜ୍ଞାପନ ।

ଅମୀନ ଆବଶ୍ୟକ ।

ବାମଣ୍ଡା, କଲାହାଣ୍ଡି ବୋଉଣ୍ଡା ଇତ୍ୟାଦିର ଜଣେ ଜମାବନ୍ଦୀ କାର୍ଯ୍ୟ ସକାଶେ ଦ ୩୦ ଣ ଅମୀନ ଓ ଗୋଟିଏ ଅଦେୟର ଆବଶ୍ୟକ ପ୍ରକାର ବଶ୍ଚପତ୍ର ଦଅ ଯାଇଥିଲା, ବର୍ତ୍ତମାନ ଜଣାଇ ଦଅ ଯାଉଅଛି ଯେ ଅନାବୃଷ୍ଟି ନିବନ୍ଧନ ଉତ୍କଳଦେଶରେ ଦୁର୍ଭିକ୍ଷ ଅବସ୍ଥା ଶୋଚନୀୟ ଥିବା ହେତୁ ଉକ୍ତ ଉତ୍ତଭଙ୍କର ଜମାବନ୍ଦୀ ହେବା ପ୍ରସ୍ତାବ ରହିତ କରାଗଲା । ଅତଏବ ଉପରୋକ୍ତ କାର୍ଯ୍ୟ ପାଇବା ସକାଶେ ଅମ ନିକଟକୁ ଆଉ କେହି ଅବେଦନପତ୍ର ପଠାଇବେ ନାହିଁ ।

ଶ୍ରୀ ଜଗଦାନନ୍ଦ ଦାସ

ଷ୍ଟେଟ୍ ସୁପରିଣ୍ଟେଣ୍ଡେଣ୍ଟ

ବାମଣ୍ଡା ।

# FOR SALE.

## Two accomodation Boats, one 45 ft. by 8 ft. and the other about 80 ft. by 7 ft. Apply to

Cuttack 29-9-99 } Alex H. Young, *Missionary.*

ଦୁଇ ଗୋଟି ସୁଅର ନୌକା ବିକ୍ରୀ ହେବ । ଗୋଟିକର ଦୀର୍ଘ ଫୁ ୪୫ ଓ ପ୍ରସ୍ଥ ଫୁ ୮ ଓ ଏବଂ ଅନ୍ୟଟିର ଦୀର୍ଘ ଫୁ ୮୦ ଓ ପ୍ରସ୍ଥ ଫୁ ୭ ଓ । କ୍ରୟ ଇଚ୍ଛାକାରୀଙ୍କ ନିକଟରୁ ଅବେଦନ କଲେ ସମସ୍ତ ବୃତ୍ତାନ୍ତ ଜାଣି ପାରିବ ।

କଟକ } ଶ୍ରୀ ଏ, ଏଚ, ୟଙ୍ଗ, ସାହେବ
୨୯।୯।୯୯ } ପାଦ୍ରୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦଅ ଯାଉଅଛି ଯେ କଟକର ଟ୍ରେନିଂ ଟୁଲର ଅ କାଷ୍ଠପୁଣ ଚୈ ଚର୍ମ ମହାଶୟ ଅନ୍ନରକ୍ଷିତ ସ୍ଥାନରେ ଏକ ପୁସ୍ତକାଳୟ ଓ ଦେଶୀୟ ଔଷଧାଳୟ ସ୍ଥାପନ କରିଅଛନ୍ତି । ଏଠାରେ ସବୁ ପ୍ରକାର ସ୍କୁଲପାଠ୍ୟ ଓ ଧର୍ମବିଷୟ ପୁସ୍ତକ ଏବଂ ଦେଶୀୟ

Digitized by srujanika@gmail.com

ବିବିଧ ସର୍ବ ପ୍ରକାର ରୋଗର ଔଷଧ, ତୈଳ ସୁବାସିତ ତୈଳ, ଘୃତ, ବସ୍ତୁ ଉତ୍କୃଷ୍ଟ ମକରଧ୍ୱଜ ବଟିକା ଚୂର୍ଣ୍ଣ, ଚ୍ୟବନପ୍ରାସ ପ୍ରଭୃତି ସୁଲଭ ମୂଲ୍ୟରେ ବିକ୍ରୟ ହୁଏ । ମୋଫସଲ ଗ୍ରାହକମାନଙ୍କ ନିକଟକୁ ଭିପି ରେ ଔଷଧ ପ୍ରେରିତ ହୁଏ । ଦୁରାରୋଗ୍ୟ ରୋଗୀ ରୋଗର ଲକ୍ଷଣ ଆନୁପୂର୍ବିକ ଜଣାଇଲେ ବ୍ୟବସ୍ଥା କରାଯାଏ ।

ଗ୍ରାହକମାନେ ନିର୍ଦ୍ଧାରିତ ଠିକଣାରେ ପତ୍ର ଲେଖିଲେ ସକଳ ବିଷୟ ଜାଣି ପାରିବେ । ବିଶେଷ ଆଡ଼ମ୍ବର ବାହୁଲ୍ୟ ମାତ୍ର । "ଫଲେନ ପରିଚୀୟତେ" ।

ଚୌଧୁରୀବଜାର
କଟକ
୨୧-୯-୯୫

ଶ୍ରୀ ମୋହନ ନାୟକ
ଏଜେଣ୍ଟ

## ନୂତନ ପୁସ୍ତକ ।

ଶୂଦ୍ରମୁନି ସାରଳାଦାସଙ୍କ
ରଚିତ

# ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାରକୁ ଟ ୧୨ଙ୍କା ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଛି ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୲ |
| ୨ ମଧ୍ୟ ପର୍ବ | ଟ ୨୲ |
| ୩ ସଭା ପର୍ବ | ଟ ୨୲ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୶ |
| ୧୦ ଶଲ୍ୟ ପର୍ବ | ଟ ୦ ॥ |
| ୧୧ ଗଦା ପର୍ବ | ଟ ୦। |
| ୧୨ ସାଉଁତିଳା ବା ସୌପ୍ତିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ॥ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୲ |
| ୧୭ ମୂଷଲୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

ଗ୍ରାହକେ କଟକ ଦରଗାବଜାରସ୍ଥ କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇ ପାରିବେ ।

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସି

ବିଶେଷ-ସୁବିଧା ।

ଶାଢ଼ୀ, ଧୋତି, ଇତ୍ୟାଦି ଆମ୍ଭର କୋଠିରେ ସର୍ବଦା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ ଜିନିଷ ପାଇବେ ଏବଂ ଭିନ୍ନ୨ ପ୍ରକାର ବରାତ ହେଲେ ଅବିଲମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ । ବରାତସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି । ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, ନୟାଗଡ଼, ଆଠମଲ୍ଲିକ, ସରାଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଭିଜାନଗର, ମଞ୍ଜୁସା ପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ ( ଅର୍ଥାତ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାଫା ଉପରେ ଅମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ରେଲ୍ୱେପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଲ ଦାସ ମୁରଲୀଧର
ମହଲ୍ଲ ସିଦ୍ଧେଶ୍ୱରୀ ବନାରସ ସିଟି

## NOTICE.

Wanted an Uriya Proof Reader and Uriya compositors for the Newul Kisore Press, Lucknow. Applications with copies of testimonials and statement of terms should be made to proprietor, Newul Kishore Press Lucknow.

ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ;
ସେକ୍ରେଟରୀ ।

( ଦୀର୍ଘକାଳର ପରୀକ୍ଷିତ । )

# ଯାଦୁର ଅବ୍ୟର୍ଥ ମହୌଷଧ ।

( ମୂଲ୍ୟ ପ୍ରତି ଡବା ଟ ୦।୵ ଅଣା ମାତ୍ର )

ଯେ କେହି ଯେ କୌଣସି ପ୍ରକାର ଯାଦୁ ରୋଗରେ ଆକ୍ରାନ୍ତ ସେ ଥରେ ଏହି ଔଷଧ ନେଇ ସେହି ଦଦ୍ରୁରେ ବ୍ୟବହାର କରନ୍ତୁ ଜ୍ୱଳା, ଯନ୍ତ୍ରଣା ସ୍ଥାନ ଏମନ୍ତ ମହୋପକାରୀ ପୁଣି ନିର୍ଦ୍ଦୋଷ ଔଷଧ ଏଯାଏ ଆଉ ଦ୍ୱିତୀୟ ବାହାରି ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସାପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ସ୍ୱତନ୍ତ୍ର ମୁଦ୍ରିତ ହୋଇ ରହିଅଛି, କାହାରି ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀ ମାନଙ୍କେ ଆପଣା୨ ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାର କେତେ ଡବା ଆବଶ୍ୟକ ଏସବୁ ସ୍ପଷ୍ଟକରି ନିମ୍ନ ଠିକଣାକୁ ପତ୍ର ଲେଖିବେ । ଏକାବେଳକେ ଯେଉଁମାନେ ଛଗୋଟା ଡବାରୁ ଊର୍ଦ୍ଧ୍ୱ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି ।

ଶ୍ରୀରାମତାରକ ସେନ
ହେଡ଼ଙ୍କ ଉତ୍କଳପ୍ରେସ; ବାଲେଶ୍ୱର ।

## ବନାରସି ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା ରସୀ ମାଲ ଭାରତର ନାନାସ୍ଥାନର ରାଜା,

Split by PDF Splitter
Digitized by srujanika@gmail.com

ଜମିଦାରମାନଙ୍କୁ ଯଥେଷ୍ଟଭାବରେ ବନ୍ଧୁକାଦି ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଆଠମଲ୍ଲିକ, ସମ୍ବଲପୁର, ସଢ଼େଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଁଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ହୁଗଳୀ ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋଟି, ମେଖଳା, ଚଂଦ୍ରାପ, ବାପ୍ତା ସଙ୍ଗୀ ଟୋପର । ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଇଂରାଜୀ ଖଟର ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ପତ୍ରରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାନ୍ନାଲାଲ ଭୋଲାନାଥ
ଚୁଖମ୍ବଲ ଫାଟକ ବନାରସ ସିଟି

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦/୧୦ ପଇସା ଏମ୍ ଜେ ମଜୁମଦାର ଏଣ୍ଡ କୋଂ ନ ୨୫୭ ନଇ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଆମେରିକାରୁ ଔଷଧ ଆମଦାନୀ ହୁଏ ଏହି କର୍ଡ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ ବଟେ । ବାକ୍ସ ପୁସ୍ତକ କ୍ୟାଟାଲଗ ଚୁପାଇ ସହ ୧୨, ୨୪, ୩୦, ୪୮ ହିଁ ୨, ୩, ୩୪, ୪ ଶିଶି ଔଷଧର ବାକ୍ସ ୧୨, ୨୪, ୩, ୪୧ ୬୦, ୭୨ ୧୪ ହିଁ ୨, ୩, ୩ ୬୨ ୧୯୫ ।

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନେରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂୟମେହ (ଗନେରିଆ) ଈଷଜଳ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ାଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/୬, ପ୍ୟାକିଂ ଟ ୦/୬, ଡାକମାସୁଲ ଟ ୦ ।

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଆମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ଋଷିବୁଦ୍ଧିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, ରମ୍ଭା ଅବ୍ୟବସ୍ଥ ଦୂଷିତ କ୍ଷତ ଗଳିତକୁଷ୍ଠ, ଆମବାତ, ଭଗନ୍ଦର, ଗଣ୍ଡମାଳ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିବାରଣ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସହସ୍ର ଲୋକଙ୍କର ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତୀ ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦/୬, ପ୍ୟାକିଂ ଟ ୦/୬, ଡାକମାସୁଲ ଟ ୦/୫ ।

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ସ୍ନାୟୁଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶ୍ୱଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୫, ଭି, ପି, ଟ ୦/୬ ପ୍ୟାକିଂ ଟ ୦/୬ ଡାକମାସୁଲ ଟ ୦/୧ ।

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ କେଉଁ ଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାନେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଶରୀରଜଳବତ୍ ସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦/୬, ପ୍ୟାକିଂ ଟ ୦/୬, ଡାକମାସୁଲ ଟ ୦ ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ।

ପ୍ରତ୍ୟହ ପ୍ରାତଃ ଘ ୭ ଟାରୁ ଘ ୮ ଟା ପର୍ଯ୍ୟନ୍ତ କବିରାଜ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରନ୍ତି ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାରେ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦/୬
ଅଧସ୍ତମ୍ଭକୁ ଟ ୨୮
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୫୮

ମାତ୍ର କୌଣସି ବିଜ୍ଞାପନ ସେତେ ଛୋଟ ହେଲେ ହେଁ ତାହାର ଦର ଟ ୦/୫ ରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହା ପ୍ରଥମ ଥରର ତେହାଇ ଓ ଚଉଠେଣି ଯଥାକ୍ରମେ ହେବ ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ଉତ୍କଳ ପ୍ରେସରେ ଗୌରୀଶଙ୍କର ରାୟଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 8.

345

m 8?

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୨୬ ଶ | ତା ୨୮ ତଶ ମାହେ ଅକ୍ଟୁବର ସନ ୧୮୯୧ ମସିହା । ମ । ତ ୧୩ କାର୍ତ୍ତିକ ସନ ୧୨୯୯ ସାଲ ଶନିବାର | ଅଗ୍ରୀମ ଟ ୩୧
ସଂ ୪୧ ସଂଖ୍ୟା | ପଶ୍ଚାଦେୟ ଟ ୨୧

ଦଶହରା ପର୍ବ ଶେଷ ହେଲା । ମା ଜଗଜ୍ଜନନୀ ଅସ୍ମମାନଙ୍କଠାରୁ ବିଦାୟଗ୍ରହଣ କରି ଗଲେ । ପୁଣି ବର୍ଷାନ୍ତେ ତାଙ୍କ ଦର୍ଶନ ପାଇବୁଁ ଏହି ଆଶା କରି ସମସ୍ତେ ସାଂସାରିକ କାର୍ଯ୍ୟରେ ଉପସ୍ଥିତ ହେଲେଣି, ହେଉ ଅଛନ୍ତି ଓ ହେବେ । ଅମ୍ଭେମାନେ ଉକ୍ତ ପଥ ଅନୁସରି ସ୍ୱକାର୍ଯ୍ୟରେ ଉପସ୍ଥିତ ହୋଇଅଛୁଁ । ପୂର୍ବ ପ୍ରଚଳିତ ପ୍ରଥାନୁଯାୟୀ କାର୍ଯ୍ୟାରମ୍ଭ ପୂର୍ବରୁ ଅମ୍ଭେମାନେ ଅସ୍ମମାନଙ୍କ ଗ୍ରାହକ ଅନୁଗ୍ରାହକ ଓ ପାଠକବର୍ଗଙ୍କୁ ଯଥାବିଧି ଅଭିବାଦନ କରୁଅଛୁଁ । ଆଶା କରୁଁ ସମସ୍ତେ ଅସ୍ମମାନଙ୍କ ପ୍ରତି ପୂର୍ବପରି ସ୍ନେହଦୃଷ୍ଟି ରଖି କାର୍ଯ୍ୟରେ ଉତ୍ସାହ ପ୍ରଦାନ ପୂର୍ବକ ନିଜ ନିଜ ଉଦାର ଗୁଣର ପରିଚୟ ଦେବେ ।

---

ମୋଲଟନର ଜଜସାହେବ ଜଣେ ଉକିଲର ଦରଖାସ୍ତ ଉପରେ ସ୍ୱହସ୍ତରେ ଏହି ଆଦେଶ ଲେଖିଅଛନ୍ତି କି ମୋଜା ଏବଂ ଜଲ୍ଲଡ଼ଯୋଡ଼ି ପିନ୍ଧି ମିସଲକୁ ଆସିବାର ନିଷେଧ ନାହିଁ ମାତ୍ର ଦେଶି ଯୋତା କାଢ଼ି ଆସିବାକୁ ହେବ । ଉକିଲ ଏବଂ ମୁକ୍ତାର ସମସ୍ତଙ୍କ ପ୍ରତି ଏହି ଆଦେଶ ଖଟିବ । ଏହାକୁ ସ୍ୱଜାତି ବତ୍ସଳତା ଜଣା ଥାଉ ବୋଲି ଯିବ ? ଯେଉଁ ଦେଶରେ ଗୃହସ୍ଥ କରି ପ୍ରତିପାଳନ ହେବ ସେ ଦେଶକୁ ଏତେ ଘୃଣା କରିବା ଭଲ ନୁହେ ।

---

କଲିକତା ମ୍ୟୁନିସିପାଲିଟିର ୨୫ ଗୋଟି ୱାର୍ଡ଼ରେ ୨୮ ଗୋଟି କମିଶନର ପଦ ଖାଲି ଥିଲା । ପୁନଃ ନିର୍ବାଚନରେ ୧, ୨, ୩, ୪, ୧୧ ଓ ୧୨ ୱାର୍ଡ଼ରେ କେହି ପ୍ରାର୍ଥୀ ହୋଇ ନ ଥିଲେ ୫, ୭, ୨୨ ଓ ୨୩ ୱାର୍ଡରେ ନିର୍ବାଚନ ହେବା ପୂର୍ବରୁ ପ୍ରାର୍ଥୀମାନେ ବାହାରି ଯାଇଥିଲେ, ୯ ୱାର୍ଡରେ ଭୟାନକ ଲଢ଼ାଇ ହେବାରେ ଜଣେ ହିନ୍ଦୁ ଜଣେ ମୁସଲମାନଠାରୁ ୨୦୦ ଭୋଟ ବେଶି ଗ୍ରହଣ କଲାରୁ ମୁସଲମାନ ବାହାରି ଯିବା ଉତ୍ତାରେ ହିନ୍ଦୁ ମଧ୍ୟ ବାହାରି ଯାଇଥିଲେ । ଏହିପରି ୨୫ ୱାର୍ଡ ମଧ୍ୟରୁ ୧୧ ୱାର୍ଡ଼ରେ କେହି ନିର୍ବାଚିତ ହେଲେ ନାହିଁ ୧୭ ଗୋଟି କମିଶନରଙ୍କ କାର୍ଯ୍ୟ ଖାଲି ରହିଲା ବାକୀ ୧୨ ଜଣ ମଧ୍ୟରୁ ଜ ୩ ଣ ମୁସଲମାନ ଜ ୭ ଣ ଫିରିଙ୍ଗି ବା ଇଂରେଜ ଓ ଜ ୨ ଣ ଏତଦ୍ଦେଶୀୟ ନିର୍ବାଚିତ ହୋଇଥିଲେ ।

---

ବଙ୍ଗପ୍ରଦେଶକୁ ପ୍ରତିବର୍ଷ ୧୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅଧିକ ମୂଲ୍ୟର ଦିୟାସିଲିଇ ବିଦେଶରୁ ଆମଦାନି ହୁଅଇ । ପୂର୍ବେ ବିଲାତରୁ ଅଧିକାଂଶ ଦିୟାସିଲିଇ ଆସୁଥିଲା ମାତ୍ର ତାହା କ୍ରମାଗତ ଊଣା ହୋଇ ଗତବର୍ଷର ଆମଦାନିର ମୂଲ୍ୟ କେବଳ ଟ ୭୭୬୩୯ ଙ୍କା ଥିଲା । ବର୍ତ୍ତମାନ ଯେତେ ଦିୟାସିଲିଇ ଆମଦାନି ହେଉଅଛି ତହିଁର ଅର୍ଦ୍ଧେ ଏଠାଁ ବେଲଜିୟମଦେଶରୁ ଏବଂ ଏକଚତୁର୍ଥାଂଶ ଜର୍ମାନୀରୁ ଆସୁଅଛି । ଜାପାନରୁ ଗତବର୍ଷ ହେତଲସ ଏବଂ ଷ୍ଟ୍ରେଟସେଟଲମେଣ୍ଟରୁ ଏକ-ଲକ୍ଷ ଟଙ୍କାର ଦିୟାସିଲିଇ ଗତବର୍ଷ ଆସିଥିଲା । ଜାପାନର ଦିୟାସିଲିଇ ଇଉରୋପୀୟ ଦ୍ରବ୍ୟଠାରୁ ଶସ୍ତା ମାତ୍ର ଶୁଖିଲା ରହିଥରେ ନାହିଁ ବୋଲି ଶୀଘ୍ର ଜ୍ୱଳଇ ନାହିଁ । ସମ୍ଭବତଃ ସେହି କାରଣରୁ ତହିଁର ଆଦର କ୍ରମାଗତ ଊଣା ହୋଇଆସୁଅଛି । ଏଦେଶରେ ଦିୟାସିଲିଇ ପ୍ରସ୍ତୁତ କରିବାର ଚେଷ୍ଟା ସଫଳ ନ ହେବାର କାରଣ ଏହିକି ଜଳିବାର ଦ୍ରବ୍ୟ ଉତ୍କୃଷ୍ଟ ଏବଂ କାଠିର ଯୋଗ୍ୟ ଭଲ କାଠର ଅଭାବ । ଅର୍ଥାତ୍ ଏଦେଶରେ ଏମନ୍ତ କାଠ ନାହିଁ ଯହିଁରୁ କାଠି ପ୍ରସ୍ତୁତ ହେଲେ ସମସ୍ତ ପୋଡ଼ିଯିବା ପର୍ଯ୍ୟନ୍ତ ଲିଭିବ ନାହିଁ ।

---

ଲୁଅଁରସିଂହ ନାମକ ଜଣେ ଶିଖ ପୁରୋହିତ ପଞ୍ଜାବ ଅନ୍ତର୍ଗତ ଅବଦାବାଦ ସହରର ବଜାର ପଡ଼ିଆରେ ଗତମାସ ତା ୧୧ ରିଖ ଅପରାହ୍ଣରେ ଭ୍ରମଣ କରୁଥିଲା । ଲେଫ୍ଟେନାଣ୍ଟ ଷ୍ଟୁଅର୍ଟସାହେବ ସେହି ବାଟରେ ଗଲାବେଳେ ସେ ବ୍ୟକ୍ତି ସଲାମ ନ କରିବାରୁ ସାହେବ ତାହାକୁ ଧରାଇନେଇ ପଲଟନ କଚେରୀରେ ଅଟକାଇ ଏକ ବେତ ହାସ୍ତ ଗୁରୁତର ପ୍ରହାର କରି ଛାଡ଼ିଦେଲେ । ସେ ବ୍ୟକ୍ତି ଅରହିଁନ୍ଦ ଛହୁଁ ଆରମ୍ଭ ପତ୍ରିକାରେ

Digitized by srujanika@gmail.com

Split by PDF Splitter



ନାଲିସ କରନ୍ତେ ମାଜିଷ୍ଟ୍ରେଟ ସାହେବ ନ ଉଠି-
ଲେଖି ପଠାଇବାରେ ପଲଟନସାହେବ ତାହାଙ୍କୁ
ଟ ୫୦୯ ଙ୍କା ଦେଲେ ଏବଂ ତହିଁରେ ସେ ସନ୍ତୁଷ୍ଟ
ହୋଇ ମୋକଦ୍ଦମା ଉଠାଇନେଲେ । ମାଜି
ସାହେବ ମହୋଦୟ ଅନେକ ଭଲଲୋକଙ୍କୁ
ସମ୍ମାନ ନ କରିବା ଦୋଷରେ ସ୍ୱେଚ୍ଛାପୂର ଦଣ୍ଡ
ଦେଅନ୍ତି ବୋଲି ଶୁଣି ଅରବିନ୍ଦ ଛିନ୍ନ ରହି ନ
ପାରୁ ଏପ୍ରକାର ଅତ୍ୟାଗୃହ ଉଦାହରଣ ଅଭିପ୍ରାୟ-
ରେ ମାହାମାନ୍ୟ ଗବର୍ଣ୍ଣରଜେନେରଲ ଏବଂ
ସୈନ୍ୟାଧ୍ୟକ୍ଷ ବାହାଦୁରମାନଙ୍କ ନିକଟକୁ ଆବେ-
ଦନ ପତ୍ର ପଠାଇଅଛନ୍ତି । ଭରସା କରୁଅଛୁ ପ୍ରଶଂସିତ
ମହୋଦୟମାନେ ଇଉରୋପୀୟ କର୍ମଚାରୀଙ୍କର
ହାତ ଉଠାଗୋଗର ବହୁତ ଉପାୟ ପ୍ରୟୋଗ
କରି ଦେଶୀୟଲୋକଙ୍କ ରକ୍ଷା କରିବେ ।

---

ଶାସନ ଦାମୋଦରପୁରର ସଦ୍ଧର୍ମପ୍ରକାଶିନୀ
ସଭାରୁ ଆସିଥିବା ପଞ୍ଚଶତିକ ସ୍ଥାନାନ୍ତରେ
ପ୍ରକାଶିତ ହେଲା । ଏହି ବିଷୟଟି ଦୁର୍ଗାପୂଜା
ପୂର୍ବରୁ ପ୍ରକାଶ ହୋଇଥିଲେ ସର୍ବସାଧାରଣଙ୍କର
ବିଶେଷ ଉପକାରରେ ଆସିଥାଆନ୍ତା । ମାତ୍ର
ଉତ୍କଳଦୀପିକା ଦୁଇସପ୍ତାହ ନିମନ୍ତେ ବନ୍ଦ ହେବା
ପରେ ଏ ପଞ୍ଚଶତିକ ହସ୍ତଗତ ହୋଇଥିଲା ।
ଦୁର୍ଗାପୂଜା ଗତ ହୋଇଥିଲେହେଁ ଏହି ପତ୍ର
ପାଠ କରି ସର୍ବସାଧାରଣ ଭବିଷ୍ୟତକୁ ସାବଧାନ
ହେବେ, ଏହାହିଁ ପ୍ରକାଶର ଉଦ୍ଦେଶ୍ୟ ।
ଏ ସମ୍ବନ୍ଧେ ଆମ୍ଭମାନଙ୍କର ବିଶେଷ କିଛି କହିବା
ଅନାବଶ୍ୟକ । ମାତ୍ର ଯେଉଁ ପଣ୍ଡିତ ତାର ବାକ୍ୟକୁ
ସାଧାରଣ ହିନ୍ଦୁସମାଜ ବେଦବାକ୍ୟ ତୁଲ୍ୟ ମଣି
ଆପଣାର ଭାବରୀସ୍ତ ଧର୍ମକର୍ମ ନିର୍ବାହ କରନ୍ତି;
ସେହି ପଣ୍ଡିତମାନେ ଯେବେ ଏଣୁତେଣୁ ସତମିଛ
କରି ପଦେଅଧେ ଶ୍ଳୋକ ଗାଇଦେଇ ନିଜର
ମତ ବଜାଏ ରଖିବାକୁ ଚାହିଁବୁ ହିଁ ବୋଲି
ଜନସମାଜରେ ପ୍ରଚାର କରିଯାଏ; ତେବେ
ପଣ୍ଡିତମାନଙ୍କ ହିନ୍ଦୁସମାଜର କ ଉପକାର
ହେଲା?—ଏଣିକି ଯେଉଁମାନେ ମହାମହୋ-
ପାଧ୍ୟାୟଙ୍କ ଭକ୍ତ, ସମ୍ପ୍ରତି ସେ ରଖିପା ପାଞ୍ଚଅଣ
ପାଞ୍ଚ ଗଣିବେ, ସେମାନଙ୍କର ପ୍ରତ୍ୟେକ ପଦ-
ପଦାର୍ଥ [illegible]
ଶ୍ରବଣ କରି ଫଳେ, ଧର୍ମକର୍ମ [illegible] ଫଳଲାଭର
ଆଉ ଆଶା ନାହିଁ ।

---

ଗତ ଶୁକ୍ରବାର ସନ୍ଧ୍ୟା ସାଢ଼େ ୭ ଘଣ୍ଟା ସମୟରେ
ବାବୁ ଜଗନ୍ନାଥ ସ୍ୱର୍ଣ୍ଣକାରଙ୍କର କନ୍ୟା ସରସ୍ୱତୀ ଦେବୀ-
ଙ୍କର କଲିକତାସ୍ଥ ବାବୁ ଗୌରଗୋବିନ୍ଦ ରାୟ
ଙ୍କର ପୁତ୍ର ବାବୁ ଅମୃତାନନ୍ଦ ରାୟଙ୍କର
ନବବିଧାନ ବ୍ରାହ୍ମ ମତରେ ବିବାହ ହୋଇ-
ଥିଲା । ବିବାହକାର୍ଯ୍ୟ ଅତି ସମାରୋହ ସହିତ
ସମ୍ପନ୍ନ ହୋଇଥିଲା । ଏହି ଶୁଭକାର୍ଯ୍ୟ ନିମନ୍ତେ କଳି-
କତାବାସୀ ନ ୩୦ ଜଣରୁ ଅଧିକ ବ୍ରାହ୍ମ ଆସିଥିଲେ
ଓ ଅନେକଗୁଡ଼ିଏ ବାଲେଶ୍ୱରବାସୀ ଓ ଅନ୍ୟାନ୍ୟ
ସ୍ଥାନର ମଧ୍ୟ ଥିଲେ । ଏ ନଗରସ୍ଥ ଅନେକ ଭଦ୍ର
ଲୋକ ଉପସ୍ଥିତ ଥିଲେ । ଦଶହରା ଛୁଟି
ସମୟରେ ଏ ବିବାହ କାର୍ଯ୍ୟ ସମାଧା ହୋଇ
ଥିବାରୁ ଅନେକ ଭଦ୍ର ବ୍ୟକ୍ତି ଅନୁପସ୍ଥିତ ଥିଲେ;
ଯାହାହେଉ ଦର୍ଶକଙ୍କ ସଂଖ୍ୟା ଏତେ ଅଧିକ ହୋଇ
ଥିଲା ଯେ ସ୍ତ୍ରୀଲୋକଙ୍କରୁ ମଧ୍ୟ କେହି ୨ ଠିଆ
ହୋଇ ଏ ଦୃଶ୍ୟ ଦେଖିଥିଲେ । ବିବାହ ଉତ୍ସବ
ଏ ନଗରରେ ନୂତନ ହୋଇ ନ ଥିଲେ ସୁଦ୍ଧା
ଜଣେ ବଙ୍ଗଦେଶୀୟ ବ୍ରାହ୍ମ ଯୁବକ ସହିତ ଏ
ବିବାହ ସମ୍ବନ୍ଧ ହୋଇଥିବାରୁ ଓ [illegible]
ସେଠା ବ୍ରାହ୍ମମଣ୍ଡଳୀର ଅନେକ ଗୁଡ଼ିଏ ମାନ୍ୟ
ଗଣ୍ୟ ଲୋକ ଆସିଥିବାରୁ ଅନେକ ଭଦ୍ରବ୍ୟକ୍ତି
ମାନେ ଉପସ୍ଥିତ ହୋଇଥିଲେ । ବିବାହ ପ୍ରଣାଳୀ
ହିନ୍ଦୁପ୍ରଣାଳୀଠାରୁ ବିଶେଷ ତାରତମ୍ୟ ନ ଥିଲା
ତେବେ ହିନ୍ଦୁମତର ମନ୍ତ୍ର ପାଠ ନ ଥିଲା କିନ୍ତୁ
ଅନେକ ଗୁଡ଼ିଏ ବଧି ହୋଇଥିଲା ଓ ମଧ୍ୟ ଅତି
ସ୍ୱଳ୍ପ ଓ ସ୍ତୋତ୍ରନାଦ ଓ ହୁଳହୁଳି ଓ ବାଜା
ଅଳ୍ପ ବହୁତରେ ହୋଇଥିଲା । ହିନ୍ଦୁମାନଙ୍କର
ଯେଉଁ ସବୁ କାର୍ଯ୍ୟ ଅବୈଧ ଜନକ ବୋଲି
ବ୍ରାହ୍ମମାନେ ପ୍ରଚାର କରନ୍ତି ସେହି ସବୁ ମଧ୍ୟ
ସେମାନଙ୍କ କାର୍ଯ୍ୟରେ ଦେଖାଗଲା । ତେବେ
ହିନ୍ଦୁମାନଙ୍କୁ କାହିଁକି ଏତେ ଦୋଷ ଦିଆଯାଏ ?

---

ଗତ ତା ୧୭ ରିଖରେ ପାର୍ଲିୟାମେଣ୍ଟ ପେଷ-
ଅଛି । ଶ୍ରୀମତୀ ମହାରାଣୀ ତାଙ୍କର ବକ୍ତୃତାରେ
କହିଅଛନ୍ତି ଯେ ତାଙ୍କ ସାମ୍ରାଜ୍ୟ ଆନୁକୂଲ୍ୟ
ବିରୁଦ୍ଧରେ ଅନେକ ଘଟଣା ଉପସ୍ଥିତ ହେବାରୁ
ସେ ମହାସଭାର ସାହାଯ୍ୟ ଓ ଉପଦେଶ ଗ୍ରହଣ
କରିବା ନିମନ୍ତେ ବାଧ୍ୟ ହୋଇଅଛନ୍ତି । ଦକ୍ଷିଣ
ଆଫ୍ରିକାର ଘଟଣାର ଅବସ୍ଥା ଏରୂପ ହୋଇ
ଅଛି ଯେ ଦେଶର ସୈନ୍ୟବଳ ବୃଦ୍ଧି କରିବାର
ଗବର୍ଣ୍ଣମେଣ୍ଟପକ୍ଷରେ ଆବଶ୍ୟକ ହୋଇଅଛି ।
ଦକ୍ଷିଣ ଆଫ୍ରିକାସ୍ଥ ଅସନ୍ତୋଷଜନକ କାର୍ଯ୍ୟହେତୁ
ଯେଉଁ ବିପଦ ଉପସ୍ଥିତ ହୋଇଅଛି ତାହା
ବାଦ ଦେଲେ ପୃଥିବୀର ଅବସ୍ଥା ଶାନ୍ତିଜନକ
ଅଟେ । ପାର୍ଲିୟାମେଣ୍ଟର ହାଉସ ଅଫ୍ କମନ୍ସ
ସଭାରେ ଦକ୍ଷିଣ ଆଫ୍ରିକାର ଘଟଣା ହେତୁ
ଆଶୁ ବ୍ୟୟ ସମ୍ବନ୍ଧରେ କ ଉପାୟ ଅବଲମ୍ବନ
କରିବାକୁ ହେବ ତାହା ବିଚାର ହେବ ।

ପାର୍ଲିୟାମେଣ୍ଟରେ ବିପକ୍ଷଦଳ ମଧ୍ୟ କହି
ଅଛନ୍ତି ଯେ ବୁଅରମାନଙ୍କ ସଙ୍ଗ ସମ୍ବନ୍ଧୀୟ ପତ୍ର
ଯେପରି ସ୍ୱରରେ ଲେଖା ହୋଇଥିଲା ସେଥିରେ
ଇଂରାଜଙ୍କ ପକ୍ଷରେ ଯୁଦ୍ଧ ଅନିବାର୍ଯ୍ୟ ହୋଇ
ଉଠିଲା ।

ମନ୍ତ୍ରୀ ଲର୍ଡ ସାଲିସବରି ମହା ସଭାରେ ପ୍ର-
କାଶ କରିଥିଲେ ଯେ ଇଂଲଣ୍ଡର ପ୍ରାଧାନ୍ୟ
ବଜାଏ ରଖିବା ନିମନ୍ତେ ଅବଶ୍ୟ ସେମାନେ
ସମସ୍ତେ ସହଗାମି ହେବେ ।

ମିଃ ଡିଲନ ମହା ସଭାରେ ପ୍ରସ୍ତାବ କରିଥିଲେ
ଯେ ଆଫ୍ରିକା ସମ୍ବନ୍ଧୀୟ ବିଷୟ ମଧ୍ୟସ୍ଥଦ୍ୱାରା
ମୀମାଂସା କରାଯାଉ କିନ୍ତୁ ତାଙ୍କ ସପକ୍ଷରେ ୧୩୫-
ଟି ଭୋଟ ଓ ବିପକ୍ଷରେ ୩୬୨ ଭୋଟ ହେବାରୁ
ତାଙ୍କର ପ୍ରସ୍ତାବ ଗ୍ରାହ୍ୟ ହେଲା ନାହିଁ । ମିଃ ଚେ-
ମ୍ବରଲେନ ତାଙ୍କର ସଫାଇ ଦେଇଅଛନ୍ତି ଯେ
ସେ ଶାନ୍ତି ପାଇଁ ସଚେଷ୍ଟ ଥିଲେ ମାତ୍ର ବୁଅର
ପକ୍ଷର ପ୍ରେସିଡେଣ୍ଟଙ୍କ ପତ୍ରରେ ଯୁଦ୍ଧ ଘୋଷଣା
ଅନିବାର୍ଯ୍ୟ ହୋଇ ଉଠିଲା ।

---

ଗତପୂର୍ବ ବୃହସ୍ପତିବାର ସନ୍ଧ୍ୟା ସାଢ଼େ ୭ ଟା
ସମୟରେ ଏଠା ଟ୍ରେନିଂସ୍କୁଲ ହଲରେ
ପ୍ରେସିଡେନ୍ସି କଲେଜର ପ୍ରୋଫେସର ବାବୁ
ବିନୟେନ୍ଦ୍ରନାଥ ସେନ ଏମ, ଏ "ମନ୍ଦିର ବିହୀନ
ନଗର" ( A city without a temple )
ବିଷୟରେ ଇଂରାଜୀ ଭାଷାରେ ଏକ ବକ୍ତୃତା ପ୍ରଦାନ
କରିଥିଲେ । ବକ୍ତୃତାର ସାର ମର୍ମ ଏହି ଯେ
ବର୍ତ୍ତମାନ୍ ମନ୍ଦିରମାନ ପୌରାଣିକ ସମୟରୁ
ସ୍ଥାପିତ ହୋଇଅଛି କିନ୍ତୁ ଏହା ଯଥାର୍ଥ ମନ୍ଦିର
ନୁହେ ମାତ୍ର ତାଙ୍କ ମତରେ ଯେଉଁ ସ୍ଥାନରେ
ଈଶ୍ୱରଙ୍କର ମହିମାର ବର୍ତ୍ତମାନ ଅନୁଭବ କରା-
ଯାଇ ପାରେ ତାହାକୁ ମନ୍ଦିର କୁହାଯିବ । ଈଶ୍ୱର
ଅସୀମ ଅନନ୍ତ ସର୍ବବ୍ୟାପୀ ତାଙ୍କୁ ଏକ ଗୃହାଭ୍ୟ-
ନ୍ତରରେ ପ୍ରତିଷ୍ଠିତ କରିଯାଇ ନ ପାରେ । ହିନ୍ଦୁ-
ମାନଙ୍କର ଯେପରି ମନ୍ଦିର ଅଛି ଖ୍ରୀଷ୍ଟିୟାନମାନ-
ଙ୍କର ସେହିପରି ଚର୍ଚ୍ଚ ବା ଗିର୍ଜା ଅଛି । ଉକ୍ତ
ଦୁହିଁଙ୍କର ପ୍ରଭେଦ ଏହି ଯେ ହିନ୍ଦୁମାନେ
ପ୍ରତ୍ୟେକେ ସେଠାରେ ଈଶ୍ୱରଙ୍କ ଅସ୍ତିତା
ଜାଣନ୍ତି ଓ ଖ୍ରୀଷ୍ଟିୟାନମାନେ ଗିର୍ଜାଗୃହରେ ସମ-
ବେତ ହୋଇ ଈଶ୍ୱରଙ୍କ ଉପାସନା କରନ୍ତି ମାତ୍ର
ଯେଉଁ ସ୍ଥାନରେ ହିନ୍ଦୁ ଓ ଖ୍ରୀଷ୍ଟିୟାନମାନଙ୍କର

Digitized by srujanika@gmail.com

Split by PDF Splitter



ଧର୍ମ୍ମ କାର୍ଯ୍ୟ ଏକତ୍ର ସମ୍ପାଦିତ ହୋଇପାରିବ ଅର୍ଥାତ୍ ସମସ୍ତେ ମିଳିତ ହୋଇ ଏକ ଭାଇ ପରି ଈଶ୍ୱରଙ୍କ ସେବା କରିବେ ଉକ୍ତ ସ୍ଥାନକୁ ମନ୍ଦିର କୁହାଯିବ । ସମୟ କ୍ରମରେ ଏହି ମନ୍ଦିର କେବଳ ଏକ ନଗରରେ ନ ହୋଇ ପୃଥିବୀର ସର୍ବାଂଶରେ ହେବ ଓ ସମସ୍ତେ ଏକ ପିତାର ପୁତ୍ର ହୋଇ କାର୍ଯ୍ୟରେ ନିଯୁକ୍ତ ହେବେ । ମନୁଷ୍ୟର କାର୍ଯ୍ୟ ଈଶ୍ୱର ସେବା ଏହା ଯେଉଁଠାରେ । ନାହିଁ ତାହାକୁ ମନ୍ଦିରବିହୀନ ନଗର ବୋଲଯିବ ବକ୍ତୃତା ସୁଦୀର୍ଘ ଓ ସୁଲଳିତ ହୋଇଥିଲା । ପ୍ରାୟ ଘ ୧୨ ଟା ପର୍ଯ୍ୟନ୍ତ ବକ୍ତା ଅନର୍ଗଳ ସମସ୍ତରେ ସରଳଭାବରେ ନିଜ ଭାବସବୁ ପ୍ରକାଶ କରିଥିଲେ ଶ୍ରୋତାବୃନ୍ଦ ତାଙ୍କ ବକ୍ତୃତାରେ ସନ୍ତୋଷ ଲାଭ କରିଥିଲେ । ଆମ୍ଭେମାନେ ବୋଧ କରୁଁ ଏ କଟକ ନଗରୀରେ ପ୍ରାୟ ୧୫ ବର୍ଷ ହେବ ଏପରି ବକ୍ତୃତା ଶୁଣି ନ ଥିଲୁଁ । ଭାଷା ଯେପରି ସରଳ ସେହିପରି ପ୍ରାଞ୍ଜଳ ଓ କଥା ମଧ୍ୟ ସେହିପରି ସୁଶ୍ରାବ୍ୟ । ଦୁଃଖର ବିଷୟ ଏପରି ବକ୍ତା ପାଇଁ ଶ୍ରୋତା ଅଧିକ ଏ ନଗରରେ ନ ଥିଲେ ।

---

## କଟକରେ ଦଶହରା

ଦଶହରା ପର୍ବ୍ବ ହିନ୍ଦୁମାନଙ୍କର ଅତି ଆନନ୍ଦଦାୟକ । ଏ ସମୟରେ ପିତା ପୁତ୍ର ଭାଇ ଭଉଣୀ ଶତ୍ରୁ ମିତ୍ର ସମସ୍ତେ ଏକତ୍ରିତ ହୋଇ ଜଗଜ୍ଜନନୀ ଦୁର୍ଗାଦେବୀଙ୍କ ସେବାରେ ନିଯୁକ୍ତ ହୁଅନ୍ତି । ଏ ଦୃଶ୍ୟ ମୋଫସଲରେ ଉତ୍ତମରୂପେ ଦୃଷ୍ଟ ହୁଏ । ମାଙ୍କ ଦର୍ଶନ ଆଶାରେ ସମସ୍ତେ ଆନନ୍ଦିତ ହୋଇ ତାଙ୍କର ଆଗମନ ଅପେକ୍ଷା କରୁଥାନ୍ତି । ସ୍ୱ ସ୍ୱ ଅବସ୍ଥାପ୍ରତି ଦୃଷ୍ଟିନିକ୍ଷେପ ନ ଥାଏ । ସାଧାରଣ ସମସ୍ତ କାର୍ଯ୍ୟ ପରିତ୍ୟାଗ କରି ମାଙ୍କ ସେବା କାର୍ଯ୍ୟରେ ଉପସ୍ଥିତ ହୁଅନ୍ତି । ଆନନ୍ଦମୟୀଙ୍କର ଆନନ୍ଦମୟ ବଦନ ଦର୍ଶନ କରି ହିନ୍ଦୁ ସଂସାର ମାୟା ପରିତ୍ୟାଗ ପୂର୍ବ୍ବକ ଅପାର ଲହରୀରେ ଭାସମାନ ହୁଅନ୍ତି । ଆନନ୍ଦମୟୀଙ୍କର କୃପାଦୃଷ୍ଟି ସମସ୍ତ ଦୁଃଖ ନିବାରଣ କରିବ ଏହା ମାଙ୍କ ସେବକମାନଙ୍କର ଧାରଣା । ମାଙ୍କ ଆଗମନ ପୂର୍ବରୁ ଏ ଦେଶର ଅବସ୍ଥା ମନ୍ଦ ହେବା ଆଶଙ୍କାରେ ଯଦ୍ୟପି ମାଙ୍କ ପରିଚର୍ଯ୍ୟା କରିବାରେ କେହି ତ୍ରୁଟି କରି ନ ଥିଲେ ମାତ୍ର ଆନନ୍ଦମୟୀଙ୍କର ଆନନ୍ଦମୟ ବଦନ ନ ଦେଖି କାଳେ ବିଭୀଷଣରୂପ ଦେଖିବେ ଏ ଯୋଗୁଁ ନିତାନ୍ତ କାତର ହୋଇଥିଲେ । ଯାହା ହେଉ ଜଗଜ୍ଜନନୀ ଲୋକମାନଙ୍କ ପରିଚର୍ଯ୍ୟାରେ ଅଶେଷ ସନ୍ତୋଷ ଲାଭ କରି ପ୍ରାୟ ଅଭୟ ବର ପ୍ରଦାନ ପୂର୍ବ୍ବକ ବିଦାୟ ହେବା ପୂର୍ବରୁ ଦେବରାଜ ଇନ୍ଦ୍ରଙ୍କୁ ଆଦେଶ ଦେଇ ପ୍ରଚୁର ବୃଷ୍ଟିଦ୍ୱାରା ନଦୀ ନାଳ ଖାଲ ଢିପ ସମୁଦାୟ ପୂର୍ଣ୍ଣ କରି ଆନନ୍ଦାଶ୍ରୁରେ ଲୋକମାନଙ୍କୁ ଭସାଇ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଯଦିଓ ଲୋକେ ଆନନ୍ଦ ଉତ୍ସବରେ ମାଙ୍କୁ ବିଦାୟ ଦେଇ ପାରିଲେ ନାହିଁ ଏବଂ ବର୍ଷାରେ କାତର ହୋଇ ଯେଉଁମାନେ ବିସର୍ଜନ କାର୍ଯ୍ୟ ସମାଧା କଲେ ତଥାପି ମାଙ୍କ ଅଲୌକିକ ଆଶ୍ଚର୍ଯ୍ୟ କ୍ଷମତା ପ୍ରଣିଧାନ ପୂର୍ବ୍ବକ ବିପଦରୁ ପରିତ୍ରାଣ ପାଇ ମନେ ମନେ ଯେ ଅନନ୍ତ ଲାଭ କଲେ ତାହା ବର୍ଣ୍ଣନାତୀତ । ମା ବର୍ଷକ ଉତ୍ତାରେ ପୁଣି ଆଗମନ କରିବେ ଏହା ଭାବି ଲୋକେ ଆନନ୍ଦାଶ୍ରୁ ବିସର୍ଜନ କରୁଅଛନ୍ତି ଓ ଆଶା ବଦ୍ଧମୂଳ ହେଲା ଯେ ବର୍ଷକ ଉତ୍ତାରେ ତାଙ୍କର ଦର୍ଶନ ପାଇବାକୁ ସକ୍ଷମ ହେବେ । ମାଙ୍କ କୃପା ହେଲେ ନିର୍ଦ୍ଧନୀ ଧନୀ ହୁଏ ମୂର୍ଖ ପଣ୍ଡିତ ହୁଏ ଓ ଶସ୍ୟ ବିହୀନ ପ୍ରଦେଶ ଶସ୍ୟପୂର୍ଣ୍ଣ ହୁଏ ଏବଂ ଲୋକଙ୍କର ସବୁ ଅଭାବ ଦୂରୀଭୂତ ହୁଏ । ଦେଶର ଅବସ୍ଥା ଜଳ ଅଭାବରୁ ଯେପରି ମନ୍ଦ ହୋଇଥିଲା ମା ବିଦାୟ ହେବା ସମୟରେ ଦୟା ପ୍ରକାଶ କରି ନ ଥିଲେ ଆମ୍ଭେମାନେ ଆଉ କି ଏହି ସଂସାରରେ ମାଙ୍କ ଦର୍ଶନ ପାଇଥାନ୍ତୁ ? ନବମୀ ଦିନରୁ ଦଶମୀ ରାତିର ଶେଷଭାଗ ପର୍ଯ୍ୟନ୍ତ ଯେଉଁ ବର୍ଷା ହେଲା ତାହା ଅମୃତ ବର୍ଷଣ । ତଦ୍ୱାରା ମନୁଷ୍ୟମାନେ ପ୍ରାଣ ପାଇଲେ । ଦଶହରା ପର୍ବ୍ବର କୋଳାହଳ ବୃଷ୍ଟି କୋଳାହଳରେ ଶେଷହେଲା ।

ଏ ବର୍ଷ ଦୁର୍ଗା ଓ କାଳୀ ପ୍ରତିମାର ମେଢ଼ ସବୁର ମିଳନ ହୋଇ ପାରି ନାହିଁ ସୁତରାଂ ମେଢର ସଂଖ୍ୟା ଠିକ ଜଣାଯାଇ ନ ପାରେ । ମାତ୍ର ଦୁର୍ଗାମେଢ଼ ପୂର୍ବବର୍ଷଠାରୁ ଗୋଟିଏ ଅଧିକ ହୋଇଥିଲା ଅର୍ଥାତ୍ ଆଠ ଗୋଟି ଦୁର୍ଗାମେଢ଼ ସ୍ଥଳେ ନ ଗୋଟି ଦୁର୍ଗାମେଢ଼ ହୋଇଥିଲା । କାଜିବଜାର, ବାଲୁବଜାର, ଚାନ୍ଦନୀଚଉକ, ସତୁସା ପଟଣା, ତୁଳସୀପୁର, ବଙ୍ଗାଳୀସାହି, ବକ୍ସିବଜାର ନୂଆପାଟଣା ଓ ଚୌଧୁରୀବଜାର ଏହି ନ ସ୍ଥାନରେ ଦୁର୍ଗାମେଢ଼ ହୋଇଥିଲା । ଏ ବର୍ଷ ଚୌଧୁରୀ ବଜାରରେ ନୂଆମେଢ଼ ହୋଇଥିଲା । କାଳୀ ପ୍ରତିମା ମଧ୍ୟରେ ଚୌଧୁରୀବଜାରର ମହାଦେବ ମେଢ଼ ଓ ବକ୍ସିବଜାରସ୍ଥ ସଦାଶିବର ଚନ୍ଦନଯାତ୍ରା ଦର୍ଶକମାନଙ୍କ ମନ ଆକର୍ଷଣ କରିଥିଲା । ସବୁ ପ୍ରତିମା ଯାକ ବର୍ଷାହେତୁ ଏକ ସମୟରେ ବାହାରି ପାରି ନ ଥିଲେ ଓ କେହି କେହି ମେଢ଼ସାଜ ରଖି ଦେଇ କେବଳ ପ୍ରତିମା ନଦୀରେ ନିକ୍ଷେପ କରିଥିଲେ ଓ କେହି କେହି ମଧ୍ୟ ପ୍ରତିମା ସବୁ ସନ୍ନିକଟସ୍ଥ ପୁଷ୍କରିଣୀରେ ପକାଇ ଦେଲେ । ସୁତରାଂ ମେଢ଼ ସବୁର ମିଳନ ହୋଇ ନ ପାରିବାରୁ କାରିଗରର ବାହାର ଦେଖଯାଇ ପାରି ନ ଥିଲା । ସାଧାରଣତଃ ପ୍ରତିମା ଓ ସାଜ ସବୁ ଯେପରି ପ୍ରଣାଳୀରେ ହୋଇଥାଏ ତହିଁରୁ କିଛି ନ୍ୟୂନ ହୋଇ ନ ଥିଲା ଚୌଧୁରୀ ବଜାରର ଦୁର୍ଗାମେଢ଼ ନୂତନ ହୋଇଥିଲେ ସୁଦ୍ଧା ପ୍ରତିମା ଗଠନ ଓ ସାଜ ସଜ୍ଜା ସମସ୍ତଙ୍କର ଚିତ୍ତାକର୍ଷକ ହୋଇଥିଲା । ଅଧିକାଂଶ ମେଢ ସବୁ ସକାଳବେଳକୁ ବାହାର ଥିଲ ଓ ଦିବା ଘ ୧୦ ଟା ବା ଅନ୍ତର ବିଳମ୍ବରେ ନଦୀ କୂଳରେ ଉପସ୍ଥିତ ହୋଇଥିଲା । ବୃଷ୍ଟି ଦଶହରା ପର୍ବ୍ବର ଆମୋଦ ବିନଷ୍ଟ କରିଥିଲେ ସୁଦ୍ଧା ତଦ୍ଦ୍ୱାରା ଯେଉଁ ଦୁର୍ଭିକ୍ଷର ଭୟ ଉପସ୍ଥିତ ହୋଇଥିଲା ତାହା ଦୂରୀଭୂତ ହେବାରୁ ଲୋକଙ୍କର ଆମୋଦପୂର୍ଣ୍ଣ ହୃଦୟ ଫୁଲି ଉଠିଥିଲା ସୁତରାଂ ମନଃକ୍ଷୁଣ୍ଣ ଉତ୍ତୀର୍ଣ୍ଣ ହୋଇଥିଲା ।

ନଗରସ୍ଥ ଇଂରାଜମାନେ ପୂର୍ବ୍ବ ବର୍ଷପରି ଆମୋଦ ପ୍ରମୋଦ କରିଥିଲେ । ଫୁଟବଲ ଖେଳ ଘୋଡ଼ା ଦୌଡ଼ ବୋଟ ଦୌଡ଼ ଇତ୍ୟାଦି ହୋଇଥିଲା । ଦୁଃଖର ବିଷୟ ଏତିକି ଥିଲା ଯେ ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ଡେମ ହେର ସାହେବ ଦିନେ ଘୋଡ଼ାରୁ ପଡ଼ିଯାଇଥିବାରୁ ତାଙ୍କର ବହୁ ବିଶେଷ ଆଘାତ ହୋଇଥିଲା ସୁଖର ବିଷୟ ଜଗଦୀଶ୍ୱର କୃପାରେ ସେ ଆରୋଗ୍ୟ ପ୍ରାପ୍ତ ହୋଇଥିଲେ ।

---

## ଟ୍ରାନ୍ସଭାଲରେ ଯୁଦ୍ଧ ।

ଚଳିତ ଅକ୍ଟୋବର ମାସ ତା ୯ ରିଖରେ ବ୍ରିଟିଶ ଗବର୍ଣ୍ଣମେଣ୍ଟ ତାଙ୍କର ସମସ୍ତ ସୈନ୍ୟଙ୍କୁ ଘ ୪୮ ଘଣ୍ଟାମଧ୍ୟରେ ସୀମାରୁ ପ୍ରତ୍ୟାହାର କରିବା ନିମନ୍ତେ ଏକ ପତ୍ର ଟ୍ରାନ୍ସଭାଲ ଗବର୍ଣ୍ଣମେଣ୍ଟଙ୍କ ନିକଟରୁ ପ୍ରାପ୍ତ ହେଲେ ।

ପତ୍ରରେ ସବିଶେଷ ଭାବ ଏହି ଥିଲା ଯେ (୧) ପରସ୍ପରର ମତାନ୍ତରର କାରଣମାନ ମଧ୍ୟସ୍ଥଙ୍କ ନିକଟରେ ପଡ଼ିବ ଅଥବା ପରସ୍ପରମଧ୍ୟରେ ମୀମାଂସା ହେବ ।

(୨) ସୀମାପ୍ରଦେଶସ୍ଥିତ ବ୍ରିଟିଶ ସୈନ୍ୟମାନଙ୍କୁ ଅବିଳମ୍ବରେ ପ୍ରତ୍ୟାହାର କରି ନିଆଯିବ ।

(୩) ଜୁନମାସ ତା ୧ ରିଖରେ ଯେତେ ସୈନ୍ୟ ଆସି ଅଛନ୍ତି ପରସ୍ପରମଧ୍ୟରେ ସ୍ଥିରୀକୃତ ଉଚିତ ସମୟ ମଧ୍ୟରେ ସେମାନେ ବହିଷ୍କୃତ

Digitized by srujanika@gmail.com

Split by PDF Splitter



ହେବେ ଓ ଉଭୟ ପକ୍ଷରେ ଜବାବ ହେବ ଯେ ସନ୍ଧିସମୟମଧ୍ୟରେ କୌଣସି ଆକ୍ରମଣ ହେବ ନାହିଁ । ଏହି ଜବାବ ପାଇଲାରୁ ଟ୍ରାନ୍ସଭାଲ ଗବର୍ଣ୍ଣମେଣ୍ଟ ତାଙ୍କର ସେନାମଣ୍ଡଳୀକୁ ସୀମାପ୍ରଦେଶରୁ ପ୍ରତ୍ୟାହାର କରି ନେବେ ।

(୪) ସମୁଦ୍ରମଧ୍ୟସ୍ଥିତ ବ୍ରିଟିଷ ସୈନ୍ୟମାନେ ଦକ୍ଷିଣ ଆଫ୍ରିକାର କୌଣସି ବନ୍ଦରରେ ଅବତରଣ କରି ପାରିବେ ନାହିଁ ।

ଏଥିର ଉତ୍ତର ପ୍ରଦାନର ସମୟ ତା ୧୧ ରିଖ ଅପରାହ୍ଣ ୫ ଘଣ୍ଟାରୁ ଅତିରିକ୍ତ ହେବ ନାହିଁ ଓ ଉତ୍ତର ଅସନ୍ତୋଷଜନକ ହେଲେ ଟ୍ରାନ୍ସଭାଲ ଗବର୍ଣ୍ଣମେଣ୍ଟ ଏହାକୁ ଯୁଦ୍ଧଘୋଷଣା ବୋଲି ଜ୍ଞାନ କରିବେ ଓ ଏଥିମଧ୍ୟରେ କୌଣସି ସୈନ୍ୟଦଳ ସୀମା ନିକଟକୁ ଗମନ କଲେ ଯୁଦ୍ଧଘୋଷଣା ବୋଲି ଜ୍ଞାନ କରାଯିବ ।

ଟ୍ରାନ୍ସଭାଲଠାରୁ ଏପ୍ରକାର ପତ୍ର ପାଇ ବ୍ରିଟିଷ-ସିଂହ କ ଅଭି ସମ୍ବାଦ ପାଇଲେ । ବ୍ରିଟିଷସିଂହ ତା ୧୧ ରିଖରେ ଘୋଷଣା ଦେଲେ ଯେ ଯେଉଁମାନେ ଶତ୍ରୁସୈନ୍ୟକୁ କୌଣସି ପ୍ରକାର ସାହାଯ୍ୟ ପ୍ରଦାନ କରିବାର ଦୋଷୀ ସାବ୍ୟସ୍ତ ହେବେ ସେମାନେ ବିଶ୍ୱାସଘାତକତା ଅପରାଧରେ ଦଣ୍ଡିତ ହେବେ; ବ୍ରିଟିଷସିଂହ ଟ୍ରାନ୍ସଭାଲ ଗବର୍ଣ୍ଣମେଣ୍ଟଙ୍କ ଅଯଥାଦାବୀ ସମ୍ବନ୍ଧରେ ତର୍କବିତର୍କ କରିବାକୁ ନାରାଜ ।

ତା ୧୨ ରିଖରେ ଯୁଦ୍ଧ ଆରମ୍ଭ ହେବାର କୌଣସି ସମ୍ବାଦ ଆସି ନ ଥିଲା ମାତ୍ର ବୁଅରମାନେ ଗୋଟିଏ ନାଟାଲଷ୍ଟେସନକୁ ଧୃତ କରିଥିଲେ ତତ୍ପରେ ସମ୍ବାଦ ଆସିଲା ଯେ ସେମାନେ ଲେଇଙ୍ଗସ୍ନେକ୍ ଅଧିକାର କରିଅଛନ୍ତି ।

ତା ୧୩ ରିଖରେ ଟ୍ରାନ୍ସଭାଲର ସର୍ବତ୍ରରେ ଯୁଦ୍ଧଘୋଷଣା ପ୍ରଚାରିତ ହେଲା । ମେଫକିଙ୍ଗର ଦକ୍ଷିଣତରଫର ଟେଲିଗ୍ରାଫ ତାରମାନ ନାନା ସ୍ଥାନରେ କଟା ହେଲା । ବୁଅରମାନେ ବୁର ଖଇବର୍ଗର ରେଲଓ୍ୱେ ଅଧିକାର କଲେ ଓ ଅନେକ ବୁଅର ସୈନ୍ୟ ନେଟାଲରେ ପ୍ରବେଶ କଲେ ।

ତା ୧୪ ରିଖରେ ନାଟାଲଠାରେ ଭୟାନକ ଯୁଦ୍ଧ ଉପସ୍ଥିତ ହେଲା । ଲେଡିସ୍ମିଥ ନିକଟରେ ଯୁଦ୍ଧ ହେବାର ଏକ ସମ୍ବାଦଦାତା କହନ୍ତି ଓ ଅନ୍ୟମାନେ କହନ୍ତି ଯେ ସେନାପତି ସାର୍ ଜର୍ଜହ୍ୱାଇଟ ଲେଡିସ୍ମିଥଠାରୁ ବୁଅରଙ୍କୁ ଆକ୍ରମଣ କରିବା ନିମନ୍ତେ ଦ୍ୱାଦଶଗୋଟା ତୋପ ସେନ ଅଗ୍ରସର ହୋଇଥିଲେ । ବୁଅରମାନେ ଏକାଦଶଟି ତୋପଙ୍ଗରେ ଅଣିଥିଲେ ।

ବୁଅରମାନେ ଇଂରାଜଙ୍କ ଏକ ଯୁଦ୍ଧ ସାଜ-ସଜ୍ଜାପୂର୍ଣ୍ଣ ଟ୍ରେନକୁ ଧ୍ୱଂସ କରିଅଛନ୍ତି । ବୁଅରମାନେ ରେଲକୁ ଡିରେଲ କରି ଦେଇଥିଲେ । ଟ୍ରେନ ଗୃହୀତ ବ୍ୟକ୍ତି ସମସ୍ତ ଆରୋହୀମାନେ ବନ୍ଦୀ ହୋଇଅଛନ୍ତି । ଏହି ଘଟନା ମେଫିଙ୍ଗର ଦକ୍ଷିଣରେ ମା ୪୦ ଇଲ ଷ୍ଟେସନ କ୍ରାଇପେନଷ୍ଟାନରେ ଘଟିଥିଲା ।

ବ୍ଲୋମଫଣ୍ଟେନଠାରୁ ସବୁ ବ୍ରିଟିଷଜାତି ବାହାରି ଯିବାର ଆଦେଶ ପାଇଅଛନ୍ତି ଓ ସେଠାରେ ଯୁଦ୍ଧ ଘୋଷଣା ହୋଇଅଛି ।

ଲେଡିସ୍ମିଥଠାରେ ବୁଅରମାନେ ଯୁଦ୍ଧ କରିବା ନିମନ୍ତେ ବାହାରିଲେ ନାହିଁ ସୁତରାଂ ଯୁଦ୍ଧ ବାଧିଲା ନାହିଁ । ସୈନ୍ୟାଧ୍ୟକ୍ଷ ହ୍ୱାଇଟଙ୍କ ସନ୍ଧାନମାନେ ଶତ୍ରୁସୈନ୍ୟର ଗତି ବୁଝୁଅଛନ୍ତି ।

ତା ୧୫ ରିଖରେ ଜନରବ ଉଠିଲା ଯେ ବୁଅରମାନେ ମେଫିଂ ଆକ୍ରମଣ କରିଥିଲେ ମାତ୍ର ବିତାଡିତ ହେଲେ ।

ଲେଡିସ୍ମିଥର ମା ୪ ଇଲ ଅନ୍ତରରେ ବୁଅରମାନେ ଅବସ୍ଥାନ କରୁଅଛନ୍ତି ସେଠାରେ ସେମାନଙ୍କର ଗୋ ୧୨ ଟା ତୋପ ଅଛି । ଲେଡିସ୍ମିଥରେ ଅବସ୍ଥାପିତ ବ୍ରିଟିଷସୈନ୍ୟଙ୍କ ନିକଟରେ ୩୨ ତୋପ ଅଛି ଓ ସେମାନଙ୍କର ସୈନ୍ୟ ସଂଖ୍ୟା ନଅସହସ୍ର ଅଟେ ।

ଜର୍ମାନମାନେ କୌଣସି ପକ୍ଷ ଅବଲମ୍ବନ କରିବେ ନାହିଁ ବୋଲି ସେମାନଙ୍କର କେପ୍‌ଟାଉନସ୍ଥିତ ସେନାପତି ଘୋଷଣା କରିଅଛନ୍ତି ।

କିମ୍ବର୍ଲିଠାରେ ବୁଅରମାନେ ଏକତ୍ରିତ ହୋଇଅଛନ୍ତି, ସେଠାର ଟେଲିଗ୍ରାଫ ତାର ସେମାନେ କାଟି ଦେଇଅଛନ୍ତି । ମୋଦାର ନଦୀ ଓ କିମ୍ବର୍ଲି ମଧ୍ୟସ୍ଥିତ ସ୍ପାଇଟଫଣ୍ଟେନ ଷ୍ଟେସନଠାରେ ଯୁଦ୍ଧ ଲାଗିଅଛି ।

ତା ୧୬ ରିଖରେ ନାଟାଲଠାରେ ଯୁଦ୍ଧ ସମ୍ବନ୍ଧୀୟ ଘୋଷଣା ପ୍ରଚାରିତ ହୋଇଅଛି । ନାଟାଲ ବାସୀମାନେ ଶତ୍ରୁ ସହିତ ଯୋଗଦାନ କରୁଅଛନ୍ତି ।

ତା ୧୭ ରିଖର ସମ୍ବାଦ ଯେ ମେଫିଂର ଉତ୍ତରରେ ଭୟାନକ ଯୁଦ୍ଧ ଉପସ୍ଥିତ ହୋଇଥିଲା । ଏକଜଣ ସହରବାସୀ ହତ ଓ ଦୁଇଜଣ ଆହତ ହେଲେ ୨ୟ ଥର ଯୁଦ୍ଧରେ ବ୍ରିଟିଷ ସୈନ୍ୟ ନ ଜଣ ଆହତ ହେଲେ ।

ଡଣ୍ଡିଠାରେ ଯେଉଁମାନେ ଯୁଦ୍ଧ କରିବେ ନାହିଁ ସେମାନଙ୍କୁ ସହରରୁ ବାହାରି ଯିବା ନିମନ୍ତେ ଆଦେଶ ଜାରି ହୋଇଅଛି ଓ ସେମାନେ ଲେଡିସ୍ମିଥକୁ ପ୍ରେରିତ ହୋଇଅଛନ୍ତି ।

ବୁଅରମାନେ ଅନେକ କ୍ଷତି ସହିତ ମେଫିଂଠାରୁ ବିତାଡିତ ହୋଇଥିବାର ସମ୍ବାଦ ଆସିଅଛି ।

ଘାଇନ୍‌ହେମ୍ ଫଣ୍ଟେନ୍ ନିକଟରେ ବୁଅରମାନଙ୍କ ସହ ସାମାନ୍ୟ ଯୁଦ୍ଧ ହୋଇଥିଲା ବୁଅରମାନଙ୍କ ପକ୍ଷରୁ ଜ ୫ ଣ ନଷ୍ଟ ହୋଇଥିଲେ ଓ ଜ ୭ ଣ ଆଘାତ ପାଇଥିଲେ । ବ୍ରିଟିଷର କୌଣସି କ୍ଷତି ହୋଇ ନାହିଁ ।

ତା ୧୮ ରିଖର ତାରସମ୍ବାଦ ଯେ ବୁଅରମାନେ ଡ୍ରେକେନ୍ସ ବାର୍ଟ ରକ୍ଷା ନିମନ୍ତେ ସେମାନଙ୍କର ସୈନ୍ୟମାନଙ୍କୁ ବିଦାୟ କରି ଦେଇଅଛନ୍ତି ସୁତରାଂ ସେଠାରେ ଯୁଦ୍ଧର ଆଶା ନାହିଁ ।

ବୁଅରମାନେ ମେଫିଂରୁ କ୍ଷତି ସହ ବିତାଡିତ ହୋଇଥିଲେ ସୁଦ୍ଧା ଚତୁର୍ଦ୍ଦିଗରେ ବ୍ରିଟିଷ ଅଧିକାର ସ୍ଥାନକୁ ତୋପଦ୍ୱାରା ଉଡ଼ାଇବାର ପ୍ରୟାସ ପାଇଥିଲେ ।

ଗ୍ଲେନ୍‌କୋ କାମ୍ପୁ ୭ ମାଇଲ ଦୂରରେ ବୁଅରମାନେ ଛତ୍ର ବୁଲୁଥିବାର ଦେଖା ଯାଉଥିଲେ ।

ଅନୁମାନ ହୁଏ ସନ୍ନିକଟରେ ଏକ ଯୁଦ୍ଧ ବାଧିବ । ଲେଡିସ୍ମିଥରୁ ସମ୍ବାଦ ଆସିଲା ବ୍ରିଟିଷ ଅଶ୍ୱାରୋହୀ ସୈନ୍ୟଦଳ ଏକ୍ଟନ ହୋମ୍ସ ଓ ବେଷ୍ଟର୍ଫଠାରେ ଦିବା ମଧ୍ୟାହ୍ନ ବେଳରେ ଶତ୍ରୁ ସହ ଯୁଦ୍ଧ କରିଥିଲେ ଓ ବହୁ କଷ୍ଟ ଦେଇଥିଲେ ।

ତା ୧୯ ରିଖର ତାରସମ୍ବାଦ ଯେ ବୁଅରମାନେ ଲେଡିସ୍ମିଥର ଚତୁଃପାର୍ଶ୍ୱ ବେଷ୍ଟନ କରିବା ନିମନ୍ତେ ଚେଷ୍ଟା କରୁଅଛନ୍ତି ଓ ଏପର୍ଯ୍ୟନ୍ତ ଯଥାର୍ଥ ଯୁଦ୍ଧ ହୋଇ ନାହିଁ କେବଳ କ୍ଷୁଦ୍ର ଲଢ଼ାଇ ହୋଇଅଛି ।

ତା ୨୦ ରିଖର ତାରସମ୍ବାଦ ଯେ ଲେଡିସ୍ମିଥ ଓ ଡଣ୍ଡିର ମଧ୍ୟସ୍ଥିତ ସ୍ଥାନରେ ଖାଦ୍ୟ ସାମଗ୍ରୀ ପୂର୍ଣ୍ଣ ଏକ ଗାଡିକୁ ବୁଅରମାନେ ଅଧିକାର କରିଅଛନ୍ତି । ଗାଡି ମଧ୍ୟରେ ଜଣେ ବ୍ରିଟିଷ କର୍ମଚାରୀ ଓ ଅନେକ ସମ୍ବାଦପତ୍ରର ସମ୍ବାଦଦାତା ଥିଲେ; ସେମାନେ ସମସ୍ତେ ବନ୍ଦ ହୋଇଅଛନ୍ତି ।

କ୍ରୁଗରବର୍ଗଠାରୁ ପୋଲିସ ବାହାରି ଯାଇଅଛନ୍ତି ବୁଅରମାନେ ଉକ୍ତ ସ୍ଥାନ ଅଧିକାର କରିଅଛନ୍ତି ।

ବୁଅରମାନେ ଗ୍ଲେନ୍‌କୋ ସ୍ଥିତ ବ୍ରିଟିଷ କାମ୍ପକୁ ଆକ୍ରମଣ କରିଅଛନ୍ତି । ଗ୍ଲେନ୍‌କୋରେ ଥିବା ଦଳପତି ଜେନେରଲ ସାଇମନ୍ସ ଆଘାତ ପାଇଥିବାର ସମ୍ବାଦ ଆସିଅଛି । ବୁଅରମାନଙ୍କର ସୈନ୍ୟ ସଂଖ୍ୟା ୯୦୦୦ ହେବ । ଜନରବ ଯେ ବୁଅରଙ୍କ ପାଞ୍ଚଗୋଟି ତୋପ ଅଧିକୃତ ହୋଇଅଛି । ବ୍ରିଟିଷ ସୈନ୍ୟ ଗ୍ଲେନ୍‌କୋ ସନ୍ନିକଟସ୍ଥ ପାହାଡ଼କୁ ଆକ୍ରମଣ କରୁଅଛନ୍ତି ଓ ବୁଅରର ଗୋଲନାଜର ୩୦୦ ଗଜ ଅନ୍ତରରେ ଉପସ୍ଥିତ ହୋଇଅଛନ୍ତି । ବୁଅ-

Digitized by srujanika@gmail.com

349

ମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଇତସ୍ତତଃ କରୁଅଛନ୍ତି । କଅସଦ୍ଦନ୍ତ ବୁର ଦାଣ୍ଡିମ୍ପୁଣ୍ଟଠାରୁ ଅଗ୍ରସର ହେଉଅଛନ୍ତି ଓ ସେମାନଙ୍କୁ ଭେଟିବା ନିମନ୍ତେ ଲିଷ୍ଟରମାନେ ଓ ନ ୧୩ ମ୍ବର ଫିଲ୍ଡ ବେଟେରି ପ୍ରେରିତ ହୋଇଅଛନ୍ତି ।

ପ୍ରାୟ ୮୦୦୦ ବୁର ଗ୍ଲେଙ୍କୋଠାରେ ଦିନ ବେଳରେ ବ୍ରିଟିସ ଛାଉଣୀକୁ ଆକ୍ରମଣ କରିଥିଲେ । ଘୋରତର ଯୁଦ୍ଧ ବାଧିଥିଲା । ଯୁଦ୍ଧାବଶେଷରେ ବ୍ରିଟିସ ସୈନ୍ୟ ଶତ୍ରୁମାନଙ୍କର ପ୍ରାୟ ସମସ୍ତ ଅଗମ୍ୟ ସ୍ଥାନକୁ ଅଧିକାର କରିଥିଲେ । ବର୍ତ୍ତମାନ ଶତ୍ରୁମାନେ ପୂର୍ବାଞ୍ଚଳକୁ ଧାବମାନ ହେଲେ ।

ଜେନେରଲ ସିମନ୍ସ ସାଂଘାତିକ ଆଘାତ ପ୍ରାପ୍ତ ହୋଇଥିଲେ ଉକ୍ତ ଆଘାତରେ ତାଙ୍କର ମୃତ୍ୟୁ ହେଲା ଏତଦ୍ବିଷୟ ପାର୍ଲିୟାମେଣ୍ଟ ମହାସଭାରେ ଅବଗତ ହେବାରୁ ଜେନେରଲଙ୍କ ମୃତ୍ୟୁ ନିମନ୍ତେ ଶୋକଚିହ୍ନ ପ୍ରଦର୍ଶନାର୍ଥେ ସଭ୍ୟମାନେ ସେମାନଙ୍କର ଟୋପି ମୁଣ୍ଡରୁ ଉତ୍ତୋଳନ କରିଥିଲେ ।

ଗ୍ଲେଙ୍କୋ ଯୁଦ୍ଧରେ ଉଭୟ ପକ୍ଷରେ ବିଶେଷ କ୍ଷତି ହୋଇଅଛି । ଇଂରେଜଙ୍କ ସୈନ୍ୟ ମଧ୍ୟରୁ ଦୁଇଶତ ବା ତିନିଶତ ହତ ହୋଇଅଛନ୍ତି ମାତ୍ର ଶତ୍ରୁ ସୈନ୍ୟ ଏଥିର ତିନିଗୁଣ ନଷ୍ଟ ହୋଇ ଅଛନ୍ତି । ଏ ବିଷୟରେ ସଠିକ ସମ୍ବାଦ ପାଯାଇ ନାହିଁ । ଜେନେରଲ ଜୁବର୍ଟ ସ୍ୱୟଂ ବୁରମାନଙ୍କର ସୈନ୍ୟାଧ୍ୟକ୍ଷ ହୋଇଥିଲେ ଏ ଯୁଦ୍ଧରେ ବୁରମାନେ ଭଙ୍ଗ ଦେଇ ଏଆଡ଼େ ସେଆଡ଼େ ପଳାୟନ କରିଥିଲେ ।

---

( ବାଲେଶ୍ୱର ସମ୍ବାଦବାହିକାରୁ ଉଦ୍ଧୃତ )

ଭୟଙ୍କର ଡକାଏତି ।

"ବାଲେଶ୍ୱର ଥାନା ଅନ୍ତର୍ଗତ ରେମୁଣା ଆଉଟପୋଷ୍ଟ ଅଧୀନ ଥାଡ଼ାଚଣ୍ଡି ଗ୍ରାମରେ ଗୋଟିଏ ଭୟଙ୍କର ଡକାଏତି ହୋଇଅଛି । ଡକାଏତିର ବିବରଣ ଜନରବ ଏହି ଯେ,— ଜଣେ ବୃଦ୍ଧ ଗୃହସ୍ଥର ଗୋଟିଏ ଷୋଡ଼ଶ ବର୍ଷୀୟା କନ୍ୟା ଶ୍ୱଶୁରାଳୟରୁ ଆସିଥିଲା ଏବଂ ତାହାର ଦେହରେ ପ୍ରାୟ ଦେଢ଼ଶତ ଟଙ୍କାର ଅଳଙ୍କାର ଥିଲା । ସେହି ଗ୍ରାମର ନିକଟବର୍ତ୍ତୀ ମାହାଦା ଗ୍ରାମର ଘନ-ମହାନ୍ତି ନାମକ ଜଣେ ଲୋକ ସେହି କନ୍ୟାର ସ୍ୱଶାକୁ ଅପହରଣ ଉଦ୍ଦେଶ୍ୟରେ ହେଉ ବା ଅଳଙ୍କାର ଲୋଭରେ ହେଉ ଗତ ବୁଧବାର ଦିନ ରାତ୍ରରେ ଉକ୍ତ ବୃଦ୍ଧ ଗୃହସ୍ଥ ଘରର କବାଟ ଢଳୁଣୀ ଟେକି ଯେଉଁଘରେ ସେହି ବୃଦ୍ଧ ଓ ତାହାର ପୁତ୍ର ଶୟନ କରିଥିଲେ ସେହି ଘରେ ପ୍ରବେଶ କରି କନ୍ୟାକୁ ଖୋଜିବା ସମୟରେ ବୃଦ୍ଧ ଉଠିପଡ଼ି ଘନକୁ ଅଙ୍କୋଡ଼ି ଧରିଲା । କିନ୍ତୁ ଘନ ବୃଦ୍ଧର ମର୍ମ ସ୍ଥାନରେ ଅସ୍ତ୍ରର ଆଘାତ କରି ବାହାରକୁ ବାହାରି ଆସିବା ସମୟରେ ପୁତ୍ର ଘନ ମସ୍ତକରେ ଖଣ୍ଡିଏ ବାଡ଼ିରେ ଏକ ପ୍ରହାର କଲା । ଘନ ସେହି ପ୍ରହାର ଖାଇ ପୁତ୍ରର ପେଟରେ ଏପରି ଭାବରେ ଅସ୍ତ୍ର ଭୁଷି ଦେଲା ଯେ ସେଥିରେ ପୁତ୍ର ହତଜ୍ଞାନ ହୋଇ ତଳେ ପଡ଼ିଗଲା । ଘନ ସେଠାରୁ ଆସି ଆପଣା ଘରଠାରେ ପହଞ୍ଚି ନିଜ ଘରର ଦୁଇଗୋଟି କବାଟ ଭାଙ୍ଗି ଓ ଘରର କେତେକ ପଦାର୍ଥ ଏଣେତେଣେ ପକାଇ ତହିଁ ଆରଦିନ ଭୋର ଆସି ବାଲେଶ୍ୱର ସଦର ଥାନାରେ ଇଜାହାର କଲା କି ମୋ ଘରେ କାଲି ରାତ୍ରରେ ଡକାଏତମାନେ ପଶି ମୋର କେତେକ ଜିନିଷ ନେଇଅଛନ୍ତି ଓ ମତେ ଆଘାତ କରିଅଛନ୍ତି । ମୁଁ ସେହି ଡକାଏତମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଅସ୍ତ୍ରାଘାତ ଯଥାବିହିତ କରିଅଛି । ବୃଦ୍ଧ ମଧ୍ୟ ତହିଁ ଆରଦିନ ଆସି ରେମୁଣା ଆଉଟପୋଷ୍ଟରେ ତାହାର ଉପରୋକ୍ତ ବିଷୟ ଇଜାହାର କଲା । ପୋଲିସ ତତ୍କ୍ଷଣାତ ଯାଇ ଉକ୍ତ ମୋକଦ୍ଦମା ତଦନ୍ତ କରି ବୃଦ୍ଧ ଓ ତାହାର ପୁତ୍ରକୁ ଏଠା ଡାକ୍ତରଖାନାକୁ ପଠାଇ ଦେଲେ । ପୁତ୍ର ଡାକ୍ତରଖାନାକୁ ଆସି ପଞ୍ଚତ୍ୱ ପ୍ରାପ୍ତ ହୋଇଅଛି । ବୃଦ୍ଧ ବର୍ତ୍ତମାନ ଜୀବିତ ଅଛି । ଘନ ଥାନାରେ ଇଜାହାର ଦେଇ ନିରୁଦ୍ଦେଶ ହୋଇଅଛି । ଫଳାଫଳ ପରେ ପ୍ରକାଶ ପାଇବ ।"

---

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମୌଲବି ସୟଦ ଇବ୍ଦୁଲ ମଜିଦ ଗତ ଜୁଲାଇ ମାସ ତା ୨୬ ରିଖର ଛୁଟି ଅବସରର ଉପରକ୍ତରେ ୩ ମାସ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ଓଡ଼ିଶା ବଙ୍ଗଳାରେ କର୍ମ କରୁଥିବା ଅସିଷ୍ଟାଣ୍ଟ କଲେକ୍ଟର ଓ ଅନ୍ୟାନ୍ୟମାନଙ୍କର ଷାଣ୍ମାସିକ ବିଭାଗୀୟ ପରୀକ୍ଷା ଆଗାମୀ ନଭେମ୍ବର ମାସ ତା ୭ ରିଖ ସୋମବାର ସ ୧୧ ଘଃ ସମୟରେ ଓ ପରବର୍ତ୍ତୀ ଦୁଇ ଦିବସ କମିଶନର କଚେରୀ ଗୃହରେ ଗୃହୀତ ହେବ ।

ରସୁଲପୁରର ପୋଲିସ ଅଃ ସୁପ୍ରଭାତ ସେଠାରୁ ଅବ୍ୟାହତି ପାଇବା ଜାଗାରେ ଏକମାସର ଛୁଟି ଗ୍ରହଣ କଲେ ।

କଟକ ରେଭେନ୍ସା କଲେଜର ବର୍ତ୍ତମାନ ହେଡ଼ କ୍ଲାର୍କ ବାବୁ ଉପେନ୍ଦ୍ରନାରାୟଣ ଦତ୍ତ ଗୁପ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲର ୩ୟ ଶିକ୍ଷକ ପଦକୁ ଫେରି ଯିବାର ଅନୁମତି ପ୍ରାପ୍ତ ହୋଇ ଅଛନ୍ତି ।

କଟକ ରେଃ କଲେଜର ଲାଇବ୍ରେରିୟାନ ବାବୁ ଅର୍ଦ୍ଧେନ୍ଦୁ ଘୋଷ ସେହି ସ୍କୁଲ ହେଡମାଷ୍ଟର ପଦରେ ନିଯୁକ୍ତ ହେଲେ ଓ ଉକ୍ତ କାର୍ଯ୍ୟରେ ଉପସ୍ଥିତ ହେବା ତାରିଖଠାରୁ ଅଧସ୍ତନ ଶିକ୍ଷା ବିଭାଗର ୮ମ ଶ୍ରେଣୀରେ ନିଯୁକ୍ତ ହେଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲର ୩ୟ ଶିକ୍ଷକ ମୌଲବୀ ସୟଦ ଅବଦୁଲ ଜାଫର ବି ଏ ହଜାରିବାଗ ଜିଲ୍ଲା ସ୍କୁଲର ୩ୟ ଶ୍ରେଣୀରେ ନିଯୁକ୍ତ ହେଲେ ଓ ୮ମ ଶ୍ରେଣୀରେ ବାହାଲ ହେଲେ ।

---

ଏ ସପ୍ତାହରେ ଗ୍ରୀଷ୍ମ ଉଲ୍ଲଙ୍ଘିତ ହୋଇ ଋତୁ ଶୀତଳ ହେବା ସଙ୍ଗେ ଆକାଶ ମେଘାଚ୍ଛନ୍ନ ଏବଂ ମେଳେ ସାମାନ୍ୟ ବୃଷ୍ଟି ହୋଇଗଲା । ଅଦ୍ୟାପି ଆକାଶ ପରିଷ୍କୃତ ହୋଇ ନାହିଁ । ଇମାନ ସଧା ସଦୃଶ ଅଧିକ ବୃଷ୍ଟି ହେବାର ସମ୍ଭବ ଏବଂ ତାହା ଫସଲପ୍ରତି ଅନିଷ୍ଟକାରୀ ।

ଓଲାଉଠା ରୋଗ ଏ ନଗରରୁ ଉଲ୍ଲଙ୍ଘିତ ହୋଇଥିବାର ଜଣାଯାଏ । ଶର୍ଦ୍ଦି ଏବଂ ଜ୍ୱର ସାମାନ୍ୟ ଭାବରେ ଦେଖା ଦେଉଅଛନ୍ତି । ଅନ୍ୟଥା ଲୋକଙ୍କର ସ୍ୱାସ୍ଥ୍ୟ ଭଲ ଅଛି ।

କଟକ କଶବାବାଦ ପାଲୁଆଁ ବଗିଚାରେ ଗୋଟିଏ ପଣସ ଗଛରୁ ରକ୍ତପରି କ୍ଷୀର ସ୍ରବୁଅଛି । ଗଛ ବନ୍ଦମୂଳ ଉପା ପୋଡ଼ି କରି ଧୂପ ଦୀପ ଦେଉଅଛି । ଅନେକ ଲୋକ ଅପୂର୍ବ ମଣି ଦେଖିବାକୁ ଯାଉଅଛନ୍ତି । ମଧ୍ୟଶାସନର ଜନ୍ମାନଙ୍କ ଅମ୍ବଗଛରୁ ଇତିପୂର୍ବେ ଦୁଗ୍ଧବର୍ଣ୍ଣ କ୍ଷୀର ସ୍ରବୁଥିଲା ।

ମହାନଦୀ ଓ କାଠଯୋଡ଼ିରେ ଜଳ ବୃଦ୍ଧି ଯୋଗେ ନୌକା ପଡ଼ିଥିଲା ବର୍ତ୍ତମାନ ପଡ଼ାକାଟ ହୋଇଅଛି ।

ଅସ୍ମାନଙ୍କର ଜଜ ସାହେବ ଅଟରା ବଦଳିରେ ଭ୍ରମଣରେ ଯାଇଥିଲେ ଫେରି ଆସିଅଛନ୍ତି ।

କମିଶନର ସାହେବ ପୁରୀଜିଲ୍ଲାର ଅବସ୍ଥା ଦେଖିବା ନିମନ୍ତେ ଯାଇଥିଲେ । ସେଠାରୁ ଖୋର୍ଦ୍ଧା ଯାଇଅଛନ୍ତି । ଦୁଇ ଏକ ଦିନରେ ଫେରି ଆସିବେ ।

କଟକ ମିଉନିସିପାଲିଟି ସହିତ କଟକ ସହରରେ ସଂଯୋଗରେ ପୋଲିସର ପାଞ୍ଚଅଣା ଟାକ୍ସ ହେବାର ବିଜ୍ଞାପନ କଲିକତା ଗେଜେଟରେ ପ୍ରକାଶ ହୋଇଅଛି । ମିଉନିସିପାଲିଟିର ସୀମା ନିମ୍ନଲିଖିତ ପ୍ରକାରରେ ନିରୂପିତ ହୋଇଅଛି ଯଥା ଉତ୍ତରରେ ମହାନଦୀ, ପୂର୍ବରେ ପୋଲିସ ଲାଇନଠାରୁ ୨ ନମ୍ବର କେନାଲ ପୋଲ ଓ ନୂଆ ବଜାର ଗାଁ, ଦକ୍ଷିଣରେ କେନାଲ ଓ ପଶ୍ଚିମରେ କଟକ ମିଉନିସିପାଲିଟିର ପୂର୍ବ ଉପର ଦିଗ ।

ଫଗୁଆ ହେଡ଼କୁ କୁଷ୍ଠୀର କାମୁଡ଼ିଥିଲା । ଗତ ତା ୨୦ ରିଖରେ ତାହାର ମୃତ୍ୟୁ ହୋଇଅଛି ।

ପୋଲିସ ସବଇନ୍ସପେକ୍ଟରଙ୍କ ପରୀକ୍ଷା ଆଗାମୀ ଡିସେମ୍ବର ମାସ ତା ୧୮ ଓ ୧୯ ରିଖରେ ଗୃହୀତ ହେବ ।

ଗତ ତା ୧୪ ରିଖଠାରୁ ଫକୀରପୁର ମୁକାମରୁ ରେଳ ଗାଡ଼ି ଚଳୁଅଛି । ଯୋବ୍ରାଠାରୁ ଯାତ୍ରୀମାନେ ଷ୍ଟିମାର ଦ୍ୱାରା ଫକୀରପୁର ପର୍ଯ୍ୟନ୍ତ ଯାଉଅଛନ୍ତି ।

ଅଠଗଡ଼ ରାଜା ବୃନ୍ଦାବନରେ ଗୋଟିଏ ଆଶ୍ରମ କରିଅଛନ୍ତି ବୋଲି ଶୁଣାଯାଏ, ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଆଦେଶମତେ ରାଜା ସ୍ୱଦେଶକୁ ଫେରି ଆସିଗଲେଣି । ଅନ୍ୟ ବା ସମୟରେ କାଟରେ ତାଙ୍କର ଶ୍ୱଶୁରାଳୟ କଲିକତାପୁର ରାଜଭବନ ଦେଖି ଆସିଲେ । ପ୍ରଜାଙ୍କର ଅଭାବ ବେଳେ ରାଜାଙ୍କର ତୀର୍ଥ୍ୟରେ ରହିବା କାହିଁକି ।

ହରଚନ୍ଦନ ମହାପାତ୍ର ଅଠଗଡ଼ ରାଜାଙ୍କର ଘରର ସ୍ଥଳ, ବକ୍ସିଖାନାରୁ ଦେୱାନ ପଦରେ ନିଯୁକ୍ତ ଥିଲେ କୌଶଳ

[illegible]

## ପରୀମୁଣ୍ଡା-ସମ୍ବାଦ ।

[illegible]

## ଟେଙ୍ଗୁପଡ଼ା-ସମ୍ବାଦ ।

[illegible]

## ପୁରୀ-ସମ୍ବାଦ ।

[illegible]

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତଙ୍କ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

TO THE EDITOR, UTKAL DIPIKA,

Sir,

Kindly publish the following few lines in your much esteemed journal and oblige.

"*A Foot-ball match* was contested on the 9th ultimo between the Athletic and Patriotic Clubs, Puri, at 4–45 P. M. at the Police ground wherein the former won over the latter by three goals. The glory of the day was given to our Secretary and Manaager. For they arranged the players in a nice order."

Puri. 11—10—99.

Yours truely,

Gopinath Misra.

## ପଞ୍ଜିକାତତ୍ତ୍ୱ ।

ମହାଶୟ !

ଅମ୍ଭେମାନେ ସତ୍ୟବିଶ୍ୱସ୍ତଙ୍କରୁ ମହାଶୟଙ୍କ ସୁପ୍ରସିଦ୍ଧ ନୂତନପଞ୍ଜିକାନୁସାରେ ସମସ୍ତ ପର୍ବାପର୍ବାଣି କରୁଅଛୁଁ । ତହିଁରେ ଯାହା ଏଥର ବର୍ଷର ମହାଷ୍ଟମୀ ଶୁକ୍ରବାରଦିନ ହେବାର ଲେଖାଅଛି ତାହା ସମସ୍ତ ସଦ୍ଶାସ୍ତ୍ରାନୁସାରେ ଠିକ ଅଛି । କିନ୍ତୁ ଯେଉଁମାନେ ମହା ମହୋପାଧ୍ୟାୟଙ୍କ ଏଥରବର୍ଷର ନୂତନପଞ୍ଜିକା କ୍ରୟ କରିଥିଲେ ସେମାନେ ବର୍ତ୍ତମାନ ମହା ଗୋଳମାଳରେ ପଡ଼ିଅଛନ୍ତି କାରଣ ସେଥିରେ ବୁଧବାର ସପ୍ତମୀଦିନ ମହାଷ୍ଟମୀ ବିଧି ହେବାର ଲେଖାଅଛି । କେତେକ ବ୍ୟକ୍ତି ଅର୍ଥାତ ଯେଉଁମାନେ ଓ ମହାମହୋପାଧ୍ୟାୟଙ୍କ ପଞ୍ଜିକାନୁସାରେ କାର୍ଯ୍ୟ କରୁଥିଲେ ସେମାନେ ସନ୍ଦେହରେ ଦୋଳିମହାଷ୍ଟମୀ ବୁଧବାରଦିନ ଲେଖା ଥିବାର ଏ ସଙ୍ଗରେ ପ୍ରକାଶ କରିବାର ସତ୍ତ୍ୱେ ମହାମହୋପାଧ୍ୟାୟଙ୍କ ପର ଯୋଗ୍ୟବ୍ୟକ୍ତି ସ୍ମୃତି ସମ୍ବନ୍ଧେ ଏତେଦୂର ଭ୍ରମରେ ପଡ଼ିଥିବାର ପ୍ରଥମେ ବିଶ୍ୱାସ କରି ନ ଥିଲେ କିନ୍ତୁ ଉକ୍ତ ପଞ୍ଜିକା ଦୃଷ୍ଟିରେ ସେମାନଙ୍କ ବିଶ୍ୱାସ ଦୂରରୁ ଦୂରଦୂର ହୋଇ ପଡ଼ିଲା ସମସ୍ତ ସାମାଜିକ ଜବାବ ହୋଇ ରହିଲେ । ଅଷ୍ଟ ସପ୍ତମୀ ଉଦୟର କନ୍ଦୁଲଗରେ ଗୋଟିଏ ସ୍ମୃତି ପ୍ରମାଣ ବାକ୍ୟ ମଧ୍ୟ ପ୍ରଦତ୍ତ ହୋଇଥିବାର ଦେଖାଗଲା । ଉକ୍ତ ବାକ୍ୟଟି ସ୍ମୃତିସାର ସଂଗ୍ରହରୁ ଉଦ୍ଧୃତ ବୋଲି ଲେଖାଅଛି । ମାତ୍ର ତାହା ଉତ୍କଳପ୍ରଦେଶ ପ୍ରଚଳିତ ରଘୁନାଥ କୃତ ସ୍ମୃତିସାରସଂଗ୍ରହରେ ପରିଦୃଷ୍ଟ ନ ହେବାରୁ ବୋଧ ହେଲା ଉକ୍ତ ପ୍ରମାଣ ବାକ୍ୟଟି କେବଳ ଅଜ୍ଞବ୍ୟକ୍ତିମାନଙ୍କ ମନୋବୋଧ ନିମନ୍ତେ ମହାମହୋପାଧ୍ୟାୟଙ୍କ ସ୍ୱରଚିତ ବାକ୍ୟ ଭିନ୍ନ ଅନ୍ୟକିଛି ନୁହେଁ ।

ଅଧର୍ମ ହେଲେ ସୁଦ୍ଧା ମହାମହୋପାଧ୍ୟାୟ ଉତ୍କଳ ପ୍ରଚଳିତ ପ୍ରାଚୀନ ସ୍ମୃତି ଧର୍ମର ମୂଳଚ୍ଛେଦନ କରି ସ୍ୱମତ ସମର୍ଥନ ଉଦ୍ଦେଶ୍ୟରେ ଏପରି ଗୋଟିଏ ନୂତନ ସ୍ମୃତିସାରସଂଗ୍ରହର ସୃଷ୍ଟି କରୁ ନାହାନ୍ତି ତ ?

ଏଥିରୁ ମଧ୍ୟ ପ୍ରତୀୟମାନ ହୁଏ ମହାମହୋପାଧ୍ୟାୟ ସ୍ୱକୃତ ପଞ୍ଜିକାର [illegible] ନିମନ୍ତେ ଏବଂ ଶାଢ଼ିଭଞ୍ଜଙ୍କ ପଞ୍ଜିକାକୁ ଅପଦସ୍ଥ କରିବା ନିମନ୍ତେ ହିଁ ସଣନାଦରେ ଏପରି ତାରତମ୍ୟ ଘଟାଇଥିବା ବିଚିତ୍ର ନୁହେଁ । ଅତ୍ର ମଧ୍ୟ ଏପରି ପଞ୍ଜିକାର ସ୍ମୃତି ବିରୁଦ୍ଧ ପର୍ବାଦିଅନୁସାରେ ଚଳି ଅମ୍ଭେମାନେ କାହାଦ ଦୁଃଖ, ଶୋକଜନକ ଘୃଣ୍ୟବ ନହେ ।

Digitized by srujanika@gmail.com

ହେ ଉତ୍କଳସନ୍ତାନଗଣ ! ତୁମ୍ଭମାନଙ୍କ ଭ୍ରାନ୍ତି ଦୂର କରିବା ମାନସରେ ଏ ବିଜ୍ଞପ୍ତି ପ୍ରକାଶିତ କରାଗଲା । ତୁମ୍ଭେମାନେ ବୁଧବାର ପରିବର୍ତ୍ତେରେ ଗୁରୁବାରଦିନ ମହାଷ୍ଟମୀ ବନ୍ଧ କରି ସର୍ବମଙ୍ଗଳାଙ୍କୁ ସନ୍ତୁଷ୍ଟ କର । କଦାପି ବୁଧବାର ଦିନଟି ଅଷ୍ଟମୀ ବ୍ରତଯୋଗ୍ୟ ଦିନ ନୁହେଁ । ଇତି ।

ତା ୫।୧୦।୯୯ମସିହା
ସ୍ଵର୍ଗଦ୍ଵାରନିକଟ ସ୍ଵକୀୟ
ଶାସନ ଦାମୋଦରପୁର
ପୁରୀ

ଶ୍ରୀ ମାଧବଗୋବିନ୍ଦ ମିଶ୍ର
ସହକାରୀ ସମ୍ପାଦକ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ପ୍ରେମ ସାହୁ | | ଟ ୩ ୧ |
| „ ଚିନ୍ତାମଣି ସତ୍ପଥି | ଅଠମଲ୍ଲିକ | ଟ ୩ ( |
| „ ଲଳିତାନନ୍ଦ ପଟ୍ଟନାୟକ | ବର୍ଦ୍ଧମାନ | ଟ ୯ ୧ |
| „ ବନମାଳୀ ମେହେର | | ଟ ୧୨ |
| „ ଦୀନବନ୍ଧୁ ଗଡ଼ନାୟକ | ଅଠମଲ୍ଲିକ | ଟ ୩ ୧ |

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ଓ ଶାଲେପୁର, ଥାନା ମଧ୍ୟସ୍ଥିତ ନିମ୍ନଲିଖିତ କାଞ୍ଜିହାଉସ (ପାଉଣ୍ଡ) ସନ ୧୮୯୯ ମସିହା ନବେମ୍ବର ମାସ ତା ୧ ରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ଏକ ବର୍ଷ ପାଞ୍ଚ ମାସ ନିମନ୍ତେ ସନ ୧୮୯୯ ମସିହା ନବେମ୍ବର ମାସ ତା ୧୪ ରିଖ । ମୁ । ସନ ୧୩୦୭ ସାଲ କାର୍ତ୍ତିକ ମାସ ତ ୩୦ ନ ମଙ୍ଗଳବାର ଦିବା ୧୨ ଘଣ୍ଟା ସମୟରେ କଟକ ସଦର ଲୋକେଲ-ବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ଵାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏଥିଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ [illegible] କରନ୍ତି ସେମାନେ ନିଜେ ଉପରଲିଖିତ ନିରୂପିତ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ । ଏବଂ ନିଲାମ ଗ୍ରହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲ କ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଯାମିନ୍‌ସ୍ଵରୂପ ଅବିଳମ୍ବେ ଦାଖଲ କରିବେ ବାକି ଜରସମନ ନିରୂପିତ ସର୍ତ୍ତ ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ସ୍ଥିର ହେବା ମାତ୍ରେ ଦାଖଲ ନ ହେଲେ ସାଇ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ମାସରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ ଷତି ହେବ ତାହା ଜାମିନଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିଯୁକ୍ତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ସାଦାମତେ କବୁଲିୟତ ଲେଖି ଦେଇ ରେଜେଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ । ଇତି ।

ଥାନା କଟକ ।

୧ । ତାରଙ୍ଗ

ଥାନା ସାଲେପୁର ।

୧ । ନରେନ୍ଦ୍ରପୁର

ଥାନା ଜଗତସିଂହ ପୁର ।

| | |
|---|---|
| ୧ । ବାଲିଆ | ୨ । ଖଣ୍ଡସାହି |
| ୩ । କଇର୍ଦ୍ଧା | ୪ । ଝିଲେଇ |

ଥାନା ତିର୍ତ୍ତୋଲ ।

୧ । ଜନକପୁର

ପ୍ରକାଶ ଥାଉକି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ଡାକ ପାଇବେ ତଦନ୍ତରେ ଯଦ୍ୟପି ନିଲାମଖରିଦଦାର ସେପରି ବ୍ୟକ୍ତିଥିବାର ପ୍ରମାଣ ନ ହେବ ତାହାହେଲେ ତତ୍କ୍ଷଣାତ୍ ତାହାର ଡାକ ଉପାକ୍ଷଟ ଯବତ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ୍ତ ବନ୍ଦୀ କରାଯିବ ।

GOKULANAND CHOWDHURY,
*Chairman*
*Suder Local Board.*

## NOTICE.

Wanted a competent man as Treasurer for the manager's office, Dhenkanal, on a salary of Rs. 30 per month. None need apply who cannot give security from Rs. 1000 to Rs. 2000 in cash.

Applications will be received by the 31st instant.

Dhenkanal, Manager's office 17—10—99. } Sd. Mahammud Yusuf *Asstt. manager Inch.*

## NOTICE.

## Cuttack District Board.

Tenders are hereby invited for the execution of the following works on the District road between Kendrapara and Indpur.

| | |
|---|---|
| on 5″ Mile Abuts and Pier of Bridge 2 of 14′ span | First Class Brick Masonry. |
| on 7″ Mile Arched Culvert 7′ span | |
| on 9″ Mile Arched Culvert 3′ span | |

Rubble pitching above structures.
Earthwork and Turfing 4¾ Miles.

(Specification of works, Orissa Circle, will be in force)

The probable cost of above works is Rs 3000. Abstract of quantities, and rates estimated can be seen by intending Tenderers in the offices of the District Engineer, Cuttack.
The Local Board, Kendrapara,
The Sub Divisional officer, Gorapur, Kendrapara.

Tenders, on Form No. 2 accompanied by the prescribed earnest money to be submitted in sealed covers, Addressed before noon

Tender for Kendrapara Indpur road. *Registered*
To
District Engineer
Collectorate
Cuttack.

of 20th November.

Tender Forms will be supplied without charge by the above mentioned offices.

Date of commencement of work } End Nov. 1899
Do. Completion 15th Augt. 1900

The Chairman does not bind himself to accept the lowest or any tender.

Cuttack The 25th Oct. '99. } Sd. L. E. Desgratoulet District Engineer, Cuttack.

## ବିଜ୍ଞାପନ ।

ଅମୀନ ଅନାବଶ୍ୟକ ।

ବାମଣ୍ଡା କଲିଷ୍ଟୁ କୋଠଣ୍ଡା ତହସିଲର ନୂତନ ଜମାବନ୍ଦୀ କାର୍ଯ୍ୟ ସକାଶେ ତ ୫୦ ଜଣ

Split by PDF Splitter
Digitized by srujanika@gmail.com

Split by PDF Splitter

ନଂ ୪୧୩୫୨



ଅମୀନ ଓ ମୋହରିର ଆବଶ୍ୟକ ଥିବାର ବିଜ୍ଞାପନ ଦିଆ ଯାଇଥିଲା, ବର୍ତ୍ତମାନ ଜଣାଇ ଦିଆ ଯାଉଅଛି ଯେ ଅନାବୃଷ୍ଟି ନିବନ୍ଧନ ଚତୁର୍ଦ୍ଦିଗରେ କୃଷିର ଅବସ୍ଥା ଶୋଚନୀୟ ଥିବା ହେତୁ ଉକ୍ତ ତହସିଲର ଜରିପ ଜମାବନ୍ଦୀ ହେବା ପ୍ରସ୍ତାବ ରହିତ କରାଗଲା । ଅତଏବ ଉପରୋକ୍ତ କାର୍ଯ୍ୟ ପାଇବା ସକାଶେ ଆମ୍ଭ ନିକଟକୁ ଆଉ କେହି ଆବେଦନପତ୍ର ପଠାଇବେ ନାହିଁ ।

ଶ୍ରୀ ଜଗଦାନନ୍ଦ ଦାସ
ଷ୍ଟେଟ ସୁପରିଣ୍ଟେଣ୍ଡେଣ୍ଟ
ବାମଣ୍ଡା ।

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକର ପ୍ରସିଦ୍ଧ କବିରାଜ ଶ୍ରୀ ନାରାୟଣ ମିଶ୍ର ଶର୍ମା ମହାଶୟ ନିମ୍ନଲିଖିତ ସ୍ଥାନରେ ଏକ ପୁସ୍ତକାଳୟ ଓ ଦେଶୀୟ ଔଷଧାଳୟ ସ୍ଥାପନ କରିଅଛନ୍ତି । ଏଠାରେ ସର୍ବ ପ୍ରକାର ସ୍କୁଲପାଠ୍ୟ ଓ ସାଧାରଣ ପୁସ୍ତକ ଏବଂ ଦେଶୀୟ କବିରାଜୀ ସର୍ବ ପ୍ରକାର ରୋଗର ଔଷଧ, ତୈଳ ସୁବାସିତ ତୈଳ, ଘୃତ, ବହୁ ଉତ୍କୃଷ୍ଟ ମକରଧ୍ୱଜ ବଟିକା, ଚୂର୍ଣ୍ଣ, ଚ୍ୟବନପ୍ରାଶ ପ୍ରଭୃତି ସୁଲଭ ମୂଲ୍ୟରେ ବିକ୍ରୟ ହୁଏ । ମୋଫସଲ ଗ୍ରାହକମାନଙ୍କ ନିକଟକୁ ଭି, ପି ରେ ଔଷଧ ପ୍ରେରିତ ହୁଏ । ଦୂରସ୍ଥିତ ରୋଗୀ ରୋଗର ଲକ୍ଷଣ ଆନୁପୂର୍ବିକ ଜଣାଇଲେ ଚିକିତ୍ସା କରାଯାଏ ।

ଗ୍ରାହକମାନେ ନିର୍ଦ୍ଧାରିତ ଠିକଣାରେ ପତ୍ର ଲେଖିଲେ ସକଳ ବିଷୟ ଜାଣି ପାରିବେ ବିଶେଷ 'ଅତ୍ରମ୍ନ ବାହୁଲ୍ୟ ମାତ୍ର । "ଫଲେନ ପରିଚୀୟତେ" ।

ଚୌଧୁରୀବଜାର
କଟକ
୨୧-୯-୯୯

ଶ୍ରୀ ମୋହନ ନାୟକ
ଏଜେଣ୍ଟ

---

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୭ ମଲ ଅପର ଚିତପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅନେକ ଭଲାରୁ ଔଷଧ ଆମଦାନୀ ହୁଏ ଟେଣି କର୍କ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ ବଲେଗ ବାକସ ପୁସ୍ତକ କ୍ୟାଟ୍‌ଲଗ ଛପାଇ ସହ ୧୨, ୨୪, ୩୦, ୪୮ ଟେଟି ୨, ୩, ୪୮/, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୯ ୬୦, ୭୨ ୧୪ ଟେଟି ୨,୩ ୩, ୫ ୭ ମୀ ୧୧୪ ମ୍ନ

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନରିଅ ର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂୟମେହ (ଗନରିଆ) ଋତୁଜଳ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନିବୃତ୍ତି ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ ।

---

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଆମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ ଗଳିତକୁଷ୍ଠ, ଆମବାତ, ବିସ୍ଫୋଟକ, ଗାତ୍ରକଣ୍ଡୁ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ /; ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ ।୵ ।

---

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅବ୍ୟର୍ଥଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨।, ଭି, ପି, ଟ ୦/ ପ୍ୟାକିଂ ଟ ୦ / ଡାକମାସୁଲ ଟ ୦ ।

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଋତୁଜଳବତ୍ ସ୍ରାବ ପ୍ରଭୃତି ନିବୃତ୍ତି ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ /, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ । ।

---

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ, ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ସ ୭ ଘଣ୍ଟାଠାରୁ ସ ୮ ଘଣ୍ଟା ପର୍ଯ୍ୟନ୍ତ ନିତାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଏହି ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ଶାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ / |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ହାର ଟ ୦ ।୵ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ହାର ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥାଂଶ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ସ୍ଥିତ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

TERED No. C. 81 353

# ଉତ୍କଳ ଦୀପିକା

## ସାପ୍ତାହିକ ସମାଦପତ୍ରିକା

ଭାଗ ୩୦ ମ | ସଂ ୪୬ ଖ୍ୟା | ତା ୪ ଠା ମାହେ ନବେମ୍ବର ସନ ୧୮୯୯ ମସିହା । ମ । ତ ୨୦ ନ କାର୍ତ୍ତିକ ସନ ୧୩୦୭ ସାଲ ଶନିବାର | ଅଗ୍ରୀମ ଟ ୩୯ | ପଶ୍ଚାଦେୟ ଟ ୬୯

ବମ୍ବେଇର ଗବର୍ଣ୍ଣର ଲର୍ଡ୍ ସଣ୍ଡର୍ଷ୍ଟ୍ଙ୍କର କାର୍ଯ୍ୟ କାଳ ପୂର୍ଣ୍ଣ ହେବାରୁ ସର୍ ଷ୍ଟାଫୋଡନର୍ଥ-କୋଟ ସେହି କାର୍ଯ୍ୟ ନିମନ୍ତେ ମନୋନୀତ ହୋଇଅଛନ୍ତି ।

---

ଗତମୁଙ୍ଗ ବୁଧବାରଠାରୁ ଗତ ଶନିବାର ପର୍ଯ୍ୟନ୍ତ ମେ ଆପାଗ ହୋଇ ଏ ଜିଲ୍ଲାର ଅନେକ ସ୍ଥାନରେ ବୃଷ୍ଟି ହୋଇଥିଲା । କେନ୍ଦ୍ରସ୍ଥ-ପଡ଼ାରେ ଅଧିକ ଜଳ ଢାଳିଥିଲା । ଏହାଦ୍ୱାରା କଛି ଅନିଷ୍ଟ ହୋଇ ନାହିଁ ବର୍ତ୍ତମାନ ଆକାଶ ପରିଷ୍କାର ହୋଇ ଶୀତ ପଡ଼ୁଅଛି ।

---

ଚୌକିଦାରୀ ଟିକସ ଆଦାୟ କିଛିକାଳ ବନ୍ଦ ରହିବାର ମୋଫସଲର ଅନେକ ସ୍ଥାନରେ ଶୁଣା ହୋଇଅଛି । ପ୍ରକୃତରେ ଆଇନ ଜାରୀ ହୋଇ ଥିବାସ୍ଥଳେ ଟିକସ ଆଦାୟ ବନ୍ଦ ରହିବାର କିଛି କାରଣ ନାହିଁ । କେବଳ ପୁଲିସ ସାହେବ ନିଜେ ବାଛି ଚୌକିଦାର ଓ ଦଫାଦାର ନିଯୋଗ କରୁଥିବାରୁ କିଛି ବିଳମ୍ବ ହୋଇଅଛି ।

---

ଗତ ଗୁରୁବାର ଦୀପାବଳୀ ଅମାବାସ୍ୟାର ରୋଶନାଇ ଏ ନଗର ପୂର୍ବ ବେଳେବେଳେର୍ଦ୍ଧରୁ ଅଧିକ ନ ହେଲେହେଁ ସୁଯୋଗ ଏବଂ ସୁପାଳକ ହେତୁ ଲୋକଙ୍କର ସ୍ଫୂର୍ତ୍ତି ଅଧିକ ଦେଖା ଯାଇ-ଥିଲା । ଅଦାଲତ ପୋଷ୍ଟଠାରୁ ବାଲୁବଜାର ପର୍ଯ୍ୟନ୍ତ ରୋଶନାଇ ଭଲ ହୋଇଥିଲା ଏବଂ ଚାନ୍ଦିବଜାରର ପିଲୁଲାନାଟ ଅନେକଙ୍କର ମନ ଆକର୍ଷଣ କରିଥିଲା ।

---

ବନାରସ ଅର୍ଥାତ୍ କାଶୀଧାମରେ ଯେଉଁ ହିନ୍ଦୁ କଲେଜ ସ୍ଥାପନର ଉଦ୍ୟମ କେତେକ ମାସ ହେଲା ଲାଗିଅଛି ତାହା ଅଦ୍ୟାପି କାର୍ଯ୍ୟରେ ପରି-ଣତ ହୋଇ ନାହିଁ । ମାତ୍ର ଏଥି ମଧ୍ୟରେ ସେ କଲେଜରେ କି ଶିକ୍ଷା ଦିଆଯିବ ତାହା ବିଷୟ ନେଇ ବିବାଦ ଉପସ୍ଥିତ ହେଲାଣି । ଏକପକ୍ଷ କହନ୍ତି କି ସେ କଲେଜରେ ହିନ୍ଦୁଧର୍ମର ଶିକ୍ଷା ଦିଆ ଯିବ ଏବଂ ଅନ୍ୟ ପକ୍ଷର ଇଚ୍ଛା ଆଧୁନିକ ନୀତି ଶିକ୍ଷା ଦିଆ ଯିବ । ଏହାହିଁ ବିବାଦର ହେତୁ । ଯେମନ୍ତ କି ଆଧୁନିକ ନୀତି ଧର୍ମଛଡ଼ା ଗୋଟାଏ କଥା !

---

ଗତ ମାସ ତା ୨୬ ତାରିଖରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ସିମଲାଠାରୁ ଦିଲ୍ଲୀକୁ ଯାତ୍ରା କଲେ । ମହାମାନ୍ୟ ମହୋଦୟ ସେଠାରେ ଦ ୩ ନ ଅବସ୍ଥାନ ଉତ୍ତାରୁ ବିଦାୟ ହୋଇଅଛନ୍ତି । ଉତ୍ତର ଏବଂ ମଧ୍ୟ ଭାରତର ଦୁର୍ଭିକ୍ଷ ଏବଂ ମହାମାରୀ ପୀଡିତ କେତେକ ସ୍ଥାନ ସନ୍ଦର୍ଶନ କରି ଚଳନ୍ତମାସ ଶେଷଭାଗରେ କୃଷ୍ଣନଗ-ଲରେ ପ୍ରବେଶ ହେବେ । ତଦନ୍ତର ଗ୍ୱାଲିୟର, ଅଗ୍ରା, ମଥୁରା, ବୃନ୍ଦାବନ, କାନପୁର, ଲକ୍ଷ୍ନୌ ଓ ବନାରସ ନଗରମାନ ସନ୍ଦର୍ଶନ କରି ଆସନ୍ତା ଡିସେ-ମ୍ବର ମାସ ତା ୧୮ ରିଖରେ କଲିକତାରେ ବିରାଜମାନ ହେବେ ।

---

ମହେଶଚନ୍ଦ୍ର ସନ୍ନାହାର ଘରପୋଡ଼ି ମୋକ-ଦ୍ଦମାରେ ଦ୍ୱୀପାନ୍ତର ଦଣ୍ଡ ପାଇ କଟକ ଜେଲରେ ଥିଲା । ଧନୁଷ୍ଟଙ୍କାର ବାତରେ ତାହାର ମୃତ୍ୟୁ ହେଲା । ଶବ ପରୀକ୍ଷା ହୋଇ ଦାହ ହେଲା ପରେ ଭୁଟେ ହିନ୍ଦୁଲୋକେ ଜାଣିଲେ । ମହେଶ କୁଳୀନ ବ୍ରାହ୍ମଣ ଚଣ୍ଡାଳଦ୍ୱାରା ଶବଦାହ ହେବାରୁ କୁଟୁମ୍ବୀ ଲୋକଙ୍କୁ ପ୍ରାୟଶ୍ଚିତ୍ତ କରି ଶୁଦ୍ଧ ହୀଯ୍ୟା କରିବାକୁ ହେଲା । ଶବ ଚଣ୍ଡାଳ ଛୁଇଁଲେ ହିନ୍ଦୁର ଧର୍ମ-ହାନି ଓ ଅଭିଶପ୍ତ ମାନସିକ କଷ୍ଟ ହୁଏ । ଏପରି ଅବସ୍ଥାରେ ସରକାର ବିଚାର କଲେ କି କୌଣସି ସୁବ୍ୟବସ୍ଥା ହୋଇପାରନ୍ତା ନାହିଁ ?

---

ଏ ଦେଶରେ କପଡ଼ାଛତାର ବ୍ୟବହାର ଏତେ ଅଧିକ ହୋଇଅଛି ଯେ ମୂଲିଆ ମଜୁର ପର୍ଯ୍ୟନ୍ତ ତାଳପତ୍ର ଛତା ଛାଡ଼ି ତାହା ନେଇ ବୁଲୁଛନ୍ତି ଅଛନ୍ତି । ସନ ୧୮୯୪-୯୫ ସାଲରେ ପ୍ରାୟ ୧୮ ଲକ୍ଷ କପଡ଼ାଛତା ବିଦେଶରୁ ଏକା ବଙ୍ଗଳାକୁ

Digitized by srujanika@gmail.com

Split by PDF Splitter



ଆସିଥିଲା ଏବଂ ତହିଁର ମୂଲ୍ୟ ୧୭ ଲକ୍ଷ ଟଙ୍କାରୁ କିଛି ଊଣା ଥିଲା । ତହିଁପୂର୍ବ ବର୍ଷର ଆମଦାନି ଅନ୍ତୁର ଅଧିକ ଥିଲା । ମାତ୍ର ଏଣିକି କ୍ରମାଗତ ଊଣା ହୋଇ ଗତବର୍ଷ କେବଳ ୬ ଲକ୍ଷ ୩୬ ହଜାର ଛତା ବିଦେଶରୁ ଆସିଥିଲା । ଏଥିରୁ ପାଠକମାନେ ବୁଝିବେ ନାହିଁ ଯେ କପଡ଼ାଛତାର ଆଦର ଊଣାପଡ଼ିଅଛି । ମାତ୍ର ଛତା ବଦଳରେ ଅଳ୍ପ ଖରଚରେ ଛତାର କାଠି ଓ ଲୁଗା ବିଦେଶରୁ ଅଣାଇ ଏ ଦେଶରେ କାର୍ଯ୍ୟବେଶୀ ଯୋଡ଼ ବ୍ୟବସାୟୀମାନେ ଛତା ପ୍ରସ୍ତୁତ କରୁଅଛନ୍ତି । ଏହାକୁ ମଧ୍ୟ ଶୁଭଲକ୍ଷଣ ବୋଲିବାକୁ ହେବ ।

———

ବିବାହ ପ୍ରଣାଳୀ ।— ଗଞ୍ଜାମ ଘୁମୁସର ଅଞ୍ଚଳରେ ଏକ ଶ୍ରେଣୀ ଲୋକ ଅଛନ୍ତି ସେମାନଙ୍କ ମଧ୍ୟରେ ଉପଯୁକ୍ତ ବର ନ ମିଳିଲେ କନ୍ୟାକୁ ଧର୍ମଦେବତା ସଙ୍ଗେ ବିବାହ ଦିଅନ୍ତି । କିଛିଦିନ ପରେ ଉପଯୁକ୍ତ ପାତ୍ର ମିଳିଲା ଉତ୍ତାରୁ ପୁରୋହିତଙ୍କଦ୍ୱାରା ଧର୍ମଦେବତାଙ୍କ ପକ୍ଷରୁ ଖଣ୍ଡେ ଛାଡ଼ପତ୍ର ହାସଲ କରି କନ୍ୟାକୁ ସେହି ବର ସଙ୍ଗେ ବିବାହ ଦିଅନ୍ତି । ଆଉ ଏକ ପ୍ରକାର ଲୋକ ଅଛନ୍ତି ତାଙ୍କ ମଧ୍ୟରେ ଉପଯୁକ୍ତ ବର ନ ମିଳିଲେ ଗୋଟାଏ ବୃକ୍ଷକୁ ବିବାହ କରିଦିଅନ୍ତି କନ୍ୟା ବାପ ଘରେ ରହେ । ପୁଣି ଉପଯୁକ୍ତ ବର ମିଳିଲେ ବୃକ୍ଷକୁ ଗୋଟିଏ ଟଙ୍କା ଦେଇ ଛାଡ଼ପତ୍ର ଲେଖାଇ ନେଇ ନୂତନ ବର ସଙ୍ଗେ ବିବାହ ଦିଅନ୍ତି ବୃକ୍ଷର କନ୍ୟା ଉପରେ କିଛି ଅଧିକାର ନ ଥାଏ । ନୂତନ ବର ସଙ୍ଗେ ବିବାହ ନ ହୋଇ କନ୍ୟା ମଲେ କନ୍ୟାର ବାପଠାରୁ ବୃକ୍ଷ କିଛି ଧନ ନେଇ ଶୁଦ୍ଧ ହୁଏ । ମାତ୍ର ବୃକ୍ଷ ମରିଗଲେ କନ୍ୟାର ଦ୍ୱିତୀୟ ବିବାହ ପକ୍ଷରେ କିଛି ବାଧା ହୁଏ ନାହିଁ ।

———

ଗତ ମାସ ତା ୧୫ ରିଖଠାରୁ ଏ ନଗରର ଅନ୍ତର୍ଗତ ମହାନଦୀର କୂଳର ପାର ଫକୀରପୁରଠାରୁ କେନାଲ ପର୍ଯ୍ୟନ୍ତ ରେଲଓ୍ୱେ ଗତାୟାତ କରୁଅଛି ଏବଂ ଘ ୩୬ ଘଣ୍ଟା ମଧ୍ୟରେ କଲିକତାର ଯାତ୍ରୀ କଟକରେ ପହଞ୍ଚୁଅଛନ୍ତି । ଆଉ ଦିନ ୧୫ ପରେ ମହାନଦୀ ବାଲିରେ ରେଲ ବାଟ ହେଲେ ଅନ୍ତର ଘ ୧ ଘଣ୍ଟା କମିଯିବ । ବର୍ତ୍ତମାନ ଯାତ୍ରୀମାନେ କଟକରୁ ସକାଳ ଘ ୬ ଘଣ୍ଟା ବେଳେ ଡଙ୍ଗାରେ ଚଢ଼ି ବୋଇଲୁ ଆସୁଅଛନ୍ତି ଏବଂ ସେଠାରୁ ଅପରାହ୍ଣ ପ୍ରାୟ ଘ ୫ ଘଣ୍ଟାବେଳେ ରେଳରେ ବସି ତହିଁ ଆରଦିନ ସକାଳେ ଭଦ୍ରକଠାରେ ଏବଂ ସକାଳ ଘ ୧୧ ଘଣ୍ଟା ବେଳେ ଫକୀରପୁରରେ ପହଞ୍ଚି ସେଠାରୁ ନାହାକରେ ଚଢ଼ି ଦିନ ଦୁଇପ୍ରହର ବେଳେ ଯୋବ୍ରାଠାରେ ଓହ୍ଲାଉଅଛନ୍ତି । କଲିକତା ଯାତ୍ରୀ ଯୋବ୍ରାଠାରେ ସକାଳ ଘ ୧୦ ଘଣ୍ଟା ବେଳେ ନାହାକରେ ଚଢ଼ି ଆର ପାରରେ ରେଲଗାଡ଼ିରେ ବସି ତହିଁ ଆର ଦିନ ଘ ୪॥ ଘଣ୍ଟା ବେଳେ କଲିକତାରେ ପହଞ୍ଚୁ ଅଛନ୍ତି । କୋଇଠାରୁ ହାବଡ଼ା ପର୍ଯ୍ୟନ୍ତ ରେଲବାଟ ଫିଟିଲାରୁ ବର୍ତ୍ତମାନ ଭଳିରେ ଘ ୨୪ ଘଣ୍ଟାରେ କଟକର ଯାତ୍ରୀ କଲିକତାରେ ପହଞ୍ଚିବେ । ମାତ୍ର ତହିଁପାଇଁ ପ୍ରାୟ ଆଉ ଏକ ବର୍ଷ ରହି ବସିବାକୁ ହେବ ।

— ०O० —

ସମ୍ବଲପୁର ହିତୈଷିଣୀରେ ବାମଣ୍ଡା ରାଜ୍ୟାନ୍ତର୍ଗତ ବଲମ କମାରର ବିବରଣ ପାଠକମାନେ ପଢ଼ିଥିବେ । ସେହି କମାର ବାମଣ୍ଡାର ବର୍ତ୍ତମାନ ରାଜା ସର ସୁଚଲଦେବଙ୍କର ଗୋଟିଏ ଉଜ୍ଜ୍ୱଳ କୀର୍ତ୍ତି ଅଟେ । ଯେ ଅଞ୍ଚଳରେ ପ୍ରବାହିତ ମଗୁଥିଲା ଭଳବାଳିସ ନାମକ ଦୁଇଟି ଉପନଦୀ ବା ନାଳରେ ପଥର ବନ୍ଧ ପକାଇ ତହିଁରୁ ଶାଖାନାଳମାନଙ୍କଦ୍ୱାରା କ୍ଷେତରେ ଜଳ ମଡ଼ାଇବାର ଉପାୟ କରି ପ୍ରାୟ ୪ ବର୍ଗମାଇଲ ଭୂମି ଆବାଦ କରିଅଛନ୍ତି । ତାହାର ନାମ ବଲମ କମାର । ସେଠାରେ ନାନାପ୍ରକାର ଫସଲ ଆବାଦ ହେଉଅଛି ଫଳବାନ୍ ବୃକ୍ଷମାନ ରୋପିତ ହୋଇଅଛି ଏବଂ ଗୋ ମହିଷାଦି ପଶୁ ରଖା ଯାଇଅଛନ୍ତି । ଅନୁମାନ ହୁଏ ରାଜା ମହୋଦୟ ଏ ନଗରର ସରକାରୀ ମହାନଦୀ ପଥରବନ୍ଧ ଏବଂ କେନାଲର କୌଶଳ ହୃଦୟଙ୍ଗମ କରି ନିଜ ବୁଦ୍ଧିବଳରେ ସେହି ପ୍ରଣାଳୀରେ ସ୍ୱରାଜ୍ୟରେ ଏହି କମାରର ସୃଷ୍ଟି କରିଅଛନ୍ତି । ଓଡ଼ିଶାର ଗଡ଼ଜାତମାନଙ୍କରେ ସେପରି ଉପନଦୀ ବା ନାଳର ଅଭାବ ନାହିଁ । ମାତ୍ର କୌଣସି ଗଡ଼ଜାତର ରାଜା ଏପରି ଜଳ ପ୍ରଣାଳୀ ପ୍ରସ୍ତୁତ କରିବାଦ୍ୱାରା ସ୍ୱରାଜ୍ୟର ଉନ୍ନତି କରିବାର ଶୁଣା ନାହିଁ । ଭରସା କରୁଁ ଏହା ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବ ।

———

ପଞ୍ଜାବ ଗବର୍ଣ୍ଣମେଣ୍ଟଙ୍କ କର୍ମଚାରୀଙ୍କରେ ଦୁର୍ଭିକ୍ଷ ସାହାଯ୍ୟ କାର୍ଯ୍ୟର ଯେଉଁ ତାଲିକା ଅଛି ତହିଁରେ କର୍ଣ୍ଣେଲ ଜନ୍ସନ ଆଦେଶରେ ନଗରସ୍ଥ କୁରୁକ୍ଷେତ୍ର ହିସାବର ପର୍ଯ୍ୟାଲୋଚନା ଗୋଟିଏ କାର୍ଯ୍ୟ ଅଟେ । ଏହି ସରୋବରଟି ସାମାନ୍ୟ ନୁହେଁ ଏବଂ ଏହା ଏପରି ଯୋଡ଼ା ପଡ଼ିଅଛି ଯେ ନିତ୍ୟ ଦିନ ୧୦,୦୦୦ ଲୋକ କାର୍ଯ୍ୟ କଲେ ପୂର୍ଣ୍ଣ ମାସ ୬ ସ ଲାଗିବ ଏବଂ ପ୍ରାୟ ... ଟଙ୍କା ଖର୍ଚ୍ଚ ହେବ । ଏହି ଟଙ୍କାରେ ପର୍ଯ୍ୟୋଦ୍ଧାର ହେବ ଏବଂ ଚନ୍ଦ୍ରଗ୍ରହଣରୁ ଗୋଟିଏ ନାଳ ଖୋଳା ହେଲେ ଅଧିକ ତଦ୍ଦ୍ୱାରା ପ୍ରତିବର୍ଷ ବଢ଼ି ବେଳେ ପୁଷ୍କରିଣୀରେ ଜଳ ଭରତି ହେବ । କେବଳ ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥ ବୋଲି ଏହି ସରୋବରଟିର ମହତ୍ତ୍ୱ ମାତ୍ର ଏଥିରେ ବିଶେଷ ସାଧାରଣ ଉପକାରର ସମ୍ଭାବନା ନ ଥିବା ସ୍ଥଳେ ସରକାରୀ ଟଙ୍କା ବ୍ୟୟ କରିବା ପ୍ରତି ଆପତ୍ତି ହୋଇ ପାରେ । ମାତ୍ର କୁରୁକ୍ଷେତ୍ର ପୁଷ୍କରିଣୀଦ୍ୱାରା ସାଧାରଣ ଉପକାର ହେବ ନାହିଁ ଏହା ଯୁକ୍ତିସଙ୍ଗତ ନୁହେ ଏବଂ ଯେବେ ହିନ୍ଦୁମାନେ ତାହାକୁ ଗୋଟିଏ ପ୍ରଧାନ ତୀର୍ଥ ବୋଲି ମାନନ୍ତି ତେବେ ତହିଁର ପର୍ଯ୍ୟୋଦ୍ଧାରର ଭାର ଗବର୍ଣ୍ଣମେଣ୍ଟ ନେଇ ଘୋଷଣା ଦେଲେ ଧନାଢ୍ୟ ହିନ୍ଦୁମାନେ ପ୍ରଚୁର ଚାନ୍ଦା ଦେବା ପାଇଁ ଅଗ୍ରସର ହେବେ ସନ୍ଦେହ ନାହିଁ ।

———

ଗତ ସୀମାନ୍ତ ଯୁଦ୍ଧରେ ଦେଶୀୟ ସୈନ୍ୟର ବିଶେଷ ଗୌରବ ଦେଖି ସେମାନଙ୍କ ସାହାଯ୍ୟାର୍ଥେ କଲିକତାବାସିମାନେ ସାଧାରଣ ଚାନ୍ଦାଦ୍ୱାରା ଗ୍ଲବ ଭିକ୍ଟୋରିଆ ଫଣ୍ଡ ନାମରେ ଗୋଟିଏ ପାଣ୍ଠି ସଞ୍ଚିତ କରିବାର ପାଠକମାନଙ୍କୁ ଜଣାଅଛି । ସେହି ପାଣ୍ଠିରୁ ସମ୍ପ୍ରତି ଟ ୭୮୯୬୬୨୯ କା ମହାମାନ୍ୟ ସୈନ୍ୟାଧ୍ୟକ୍ଷ ନିକଟକୁ କଲିକତାବାସିମାନେ ପଠାଇ ଦେବାରୁ ସେ ମହାମାନ୍ୟ ମହୋଦୟ ତାହା ବାଣ୍ଟି ଦେବାର ଆଦେଶ ପ୍ରଦାନ କରିଅଛନ୍ତି । ସନ ୧୮୯୭ ଓ ୯୮ ସାଲର ସୀମାନ୍ତ ଯୁଦ୍ଧରେ ଯେ ସବୁ ଦେଶୀୟ ସିପାହୀ ମରି ପଡ଼ିଥିଲେ ସେହିମାନେ ନିମ୍ନଲିଖିତରୂପେ ଉକ୍ତ ସାହାଯ୍ୟ ପାଇବେ । ଯଥା ମରି ପଡ଼ିଥିବା ପେନସନ୍ ପାଇବ ଯୋଗ୍ୟ ପ୍ରତି ସିପାହୀର ପରିବାର ଟ ୨୫୯ କା ଏବଂ ପେନସନର ଅଯୋଗ୍ୟ ପ୍ରତି ପରିବାର ଟ ୧୦୦୯ କା ଆଘାତ ଅଥବା ପୀଡ଼ା ପ୍ରଯୁକ୍ତ ଅକ୍ଷମ ହୋଇଥିବା ପ୍ରତ୍ୟେକ ସିପାହୀ ଟ ୧୦୦୯ କା ଏବଂ ସାଧାରଣ ସ୍ଥଳେ ଟ ୫୦୯ କା । ପଲଟନର କାର୍ଯ୍ୟରେ ଯୁଦ୍ଧ ସ୍ଥଳକୁ ଯାଇଥିବା ଅନ୍ୟ ଲୋକମାନେ ଉପରଲିଖିତ ଦରରେ ସାହାଯ୍ୟ ପାଇବେ ଏଥିରେ ଯେ ଦେଶୀୟ ସିପାହୀମାନେ କୃତଜ୍ଞ

Digitized by srujanika@gmail.com

ହୋଇ ଦ୍ୱିଗୁଣ ଉତ୍ସାହ ସହିତ ଜନହିତ ସକାଶେ ଲଗିବେ ଏହା ବୋଲିବା ବାହୁଲ୍ୟ । ଏହି ଗୁଣ ଗ୍ରାହିତା ନିମନ୍ତେ ଆମ୍ଭେମାନେ ଦାତାମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ ।

---

ନାନାସ୍ଥାନ ଭ୍ରମଣରେ କାଳେ ପେଲେଗ ରୋଗ ସ୍ପର୍ଶ କରିବ ଏହି ପାଇଁ ସତର୍କ ହୋଇ ମହାମାନ୍ୟ ଗବର୍ଣ୍ଣର ଜେନରଲ ଏବଂ ତାହାଙ୍କ ଗହଣରେ ଥିବା କର୍ମଚାରୀମାନେ ସିମଲାଠାରୁ ଯାତ୍ରା କରିବା ପୂର୍ବେ ଡାକ୍ତର ହାଫକିନଙ୍କର ପେଲେଗ ନିବାରଣ ଟୀକା ଗ୍ରହଣ କରିଥିଲେ । ତଦ୍ଦର୍ଶନରେ ଅନ୍ୟାନ୍ୟ ଅନେକ ଭଦ୍ରଲୋକ ସେହି ଟୀକା ନେଇଅଛନ୍ତି । ସମ୍ପ୍ରତି ସମ୍ବାଦ ଆସିଅଛି ଯେ ବମ୍ବେଇର ଖୋଜାମାନଙ୍କର ଗୁରୁ ମାନ୍ୟବର ସର ସୁଲତାନ ମହମ୍ମଦ ସାହା ଆଗାଖାନ କେ, ସି, ଆଇ, ଇ, ସେହି ଟୀକା ସ୍ୱୟଂ ଗ୍ରହଣ କରି ସମସ୍ତ ଖୋଜାମାନଙ୍କୁ ତାହାଙ୍କର ପଶ୍ଚାଦ୍‌ଗାମୀ ହେବା [illegible]ଉପଦେଶ ଦେଇ ଅଛନ୍ତି । କାରଣ ପେଲେଗ [illegible] ରକ୍ଷା ପାଇବାର ନିଶ୍ଚିତର ଉପାୟ ନାହିଁ । ଏଥି ହେତୁରୁ ପେଲେଗ ଟୀକା ଘେନିବାକୁ କାହାର ଆପତ୍ତି ହେବା ଉଚିତ ନୁହେ ଏବଂ ହେଲେ ତାହା ଗବର୍ଣ୍ଣମେଣ୍ଟ ଅଥବା ଦେଶୀୟ ସରଦାର ବା ପ୍ରଧାନମାନଙ୍କର ଦୃଷ୍ଟିରୁ ହେବାର ବୋଲି ଯାଇ ପାରିବ ନାହିଁ । ଡାକ୍ତର ହାଫକିନଙ୍କର ଟୀକାର ପେଲେଗ ବାରଣ ଗୁଣ ଅଛି ଏଥିରେ ସନ୍ଦେହ ନାହିଁ । ତଥାପି ଯେବେ ଏ ପର୍ଯ୍ୟନ୍ତ ବମ୍ବେଇ ଓ ଅନ୍ୟାନ୍ୟ ସ୍ଥାନରୁ ପେଲେଗ ବିଦାୟ ନେଇ ନାହିଁ ତହିଁର କାରଣ ଏହି ଯେ ଦୈବ ପ୍ରତିକୂଳ ହେଲେ କୌଣସି ପ୍ରୟୋଗ ଆଶାନୁରୂପ ଫଳପ୍ରଦ ହୁଅଇ ନାହିଁ ଏବଂ ଅସ୍ମଦ୍ଦେଶୀୟମାନେ ଦୈବ ଉପରେ ଅଧିକ ନିର୍ଭର କରନ୍ତି ।

---

### ମୁସଲମାନବିଦ୍ୟାଳୟ ।

ଗତ ମାସ ତା ୨୨ ଋଖରେ ଏ ନଗରର ଜୁମାମସଜିଦରେ ଏଠା ଇସଲାମ ଆସୋସିଏସନ ନାମକ ସଭାର ଏକ ଅଧିବେଶନ ହୋଇଥିଲା. ସୁବେଦାର ମେଜର ଅହମଦ ବେଗ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସେ କହିଲେ, ଯେ ଏ ଜିଲାର ମୁସଲମାନଙ୍କର ସଂଖ୍ୟା ୨ଏ ଲକ୍ଷରୁ ଅଧିକ । ଏବଂ ଏହି ନଗରରେ ପ୍ରାୟ ୨୨ ହଜାର ମୁସଲମାନ ଅଛନ୍ତି । ସେମାନଙ୍କ ମଧ୍ୟରୁ ପଢିବା ବୟସର ପିଲା ପ୍ରାୟ ଦୁଇ ହଜାର ହେବେ ମାତ୍ର ନ ୩୦୦ ଶରୁ ଅଧିକ ଲେଖା ପଢ଼ା ଶିଖି ନାହାନ୍ତି । ଅଧିକାଂଶ ଲୋକଙ୍କ ମୂର୍ଖତା ଏଠା ମୁସଲମାନମାନଙ୍କର ଅବନତିର ହେତୁ ଅଟେ । ତହିଁର ପ୍ରତିକାର ନିମନ୍ତେ ଏଠା ସବ୍ ରେଜିଷ୍ଟ୍ରାର ମୌଲବୀ ଅବଦୁଲ ସମଦ କାଳେ ଏଠିରେ ଥିଲା ବେଳେ ଯେମନ୍ତ ବତନ ମଦ୍ରସା ସ୍ଥାପନ କରିଥିଲେ ତ ଯହିଁ ବର୍ତ୍ତମାନ ମାଇନର ସ୍କୁଲ ଶ୍ରେଣୀକୁ ଉନ୍ନତି ଲଭି ଅନେକ ହିତ କରୁଅଛି ତେମନ୍ତ ଏ ନଗରରେ ଗୋଟିଏ ମଦ୍ରସା ସ୍ଥାପନ କରିବା ଅଭିପ୍ରାୟ ଅଦ୍ୟ ସଭା ଆହ୍ୱାନ କରିଅଛନ୍ତି ଏବଂ ପ୍ରକାଶ କଲେ ଯେ ସେହି ବିଦ୍ୟାଳୟରେ ପଢ଼ିବା ନିମନ୍ତେ ବର୍ତ୍ତମାନ ନ ୧୧୦ ଶ ଛାତ୍ର ନାମ ଲେଖାଇଅଛନ୍ତି ଏବଂ ତହିଁର ସାହାଯ୍ୟାର୍ଥେ ଆପଣମାନେ ଟ ୨୦ ଟଙ୍କା ମାସିକ ଚାନ୍ଦା ସ୍ୱାକ୍ଷର କରିଅଛନ୍ତି । ଚାନ୍ଦା ବୃଦ୍ଧି ହେବାର ଆଶା ଅଛି ଏବଂ ଛାତ୍ରବେତନ, ମ୍ୟୁନିସିପାଲିଟିର ମାସିକ ସାହାଯ୍ୟ ଓ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟରେ ମାସିକ ଟ ୧୦୦ ଟଙ୍କା ପର୍ଯ୍ୟନ୍ତ ଆୟ ହୋଇପାରେ ଏପରି ମଦ୍ରସାର ଗୃହ ନିମନ୍ତେ ଟ ୫୦୦ ଙ୍କ ଚାନ୍ଦା ସ୍ୱାକ୍ଷରିତ ହୋଇଅଛି ଆଉ ତେତିକି ଟଙ୍କା ହେଲେ ସରକାରରୁ ଟ ୧୦୦୦ ଟଙ୍କା ମିଳିପାରିବ ଏବଂ ତଦ୍ୱାରା ଘର ନିର୍ମାଣ ହେବ ସମ୍ପ୍ରତି ଜୁମାମସଜିଦର ସଂଲଗ୍ନ ଘରେ ମଦରସାର କାର୍ଯ୍ୟ ଚାଲିବ । ସାଧାରଣ ପୁସ୍ତକାଳୟ ସ୍ଥାପନର ବ୍ୟବସ୍ଥା ମଧ୍ୟ ଏହି ସଭାରେ ସ୍ଥିର ହେଲା । ଆମ୍ଭେମାନେ ଏହି ବିଦ୍ୟାଳୟ ଏବଂ ପୁସ୍ତକାଳୟର ସ୍ଥାୟିତ୍ୱ ଏବଂ ଉନ୍ନତି କାମନା କରୁଅଛୁଁ ।

---

### ମ୍ୟୁନିସିପଲ ଟିକସ ବୃଦ୍ଧି ।

ଏ ନଗରର ମ୍ୟୁନିସିପାଲିଟି ମଧ୍ୟରେ ବାସ କରୁଥିବା ଲୋକଙ୍କଠାରୁ ଯେଉଁ ଟିକସ ଆଦାୟ ହୁଅଇ ତହିଁର ଜମାବନ୍ଦି ତିନିବର୍ଷରେ ଥରେ ହୁଅଇ । ପୂର୍ବ ଜମାବନ୍ଦିର ମିଆଦ ଶେଷ ହେବାରୁ ଗତ ଫେବୃଆରୀ ମାସରେ କମିଶନରମାନେ ନୂତନ ଜମାବନ୍ଦି ପ୍ରସ୍ତୁତ କରି ଦେବାରେ ଟିକସ ଦାତାଙ୍କୁ ଜଣାଇ ଦିଆଯାଇ ଏବଂ ସେମାନଙ୍କର ଆପତ୍ତି ଆଇନମତେ ବିବେଚିତ ହୋଇ ଗତ ଅପ୍ରେଲ ମାସ ଆରମ୍ଭରୁ ନୂତନ ଜମା ଉଶୁଲ ହେଲା । ମ୍ୟୁନିସିପାଲିଟିର ବ୍ୟୟକୁ ଆୟ ନିଅଣ୍ଟ ହେବାର ଦେଖି ଜମାବନ୍ଦି ଭଲରୂପେ କରିବା କାରଣ ମାଜିଷ୍ଟ୍ରେଟ ସାହେବ ପୂର୍ବରୁ କମିଶନର ମାନଙ୍କୁ ଅନୁରୋଧ କରିଥିଲେ ଏବଂ ତଦନୁସାରେ ସାବଧାନତା ପୂର୍ବକ କାର୍ଯ୍ୟ ହୋଇଥିଲା । ଏଥିରୁ ମା ୬ ସର ଦୁଇକିସ୍ତ ଟିକସ ଆଦାୟ ହେଲା ଉତ୍ତାରୁ ଚେୟାରମାନ ସାହେବ କେତେ ଲୋକଙ୍କର କର ଦଠାରୁ ବୃଦ୍ଧି କରି ତୃତୀୟ କିସ୍ତରୁ ତାହା ଚଳିତ କରିବାରୁ କରଦାତାମାନେ ବଡ଼ ବିରକ୍ତ ଏବଂ ଦୁଃଖିତ ହୋଇଅଛନ୍ତି ଏବଂ ସେଥିପାଇଁ ଭାରି ଆନ୍ଦୋଳନ ଲାଗିଅଛି । ନୂତନ ଜମାବନ୍ଦି ଏଠାର ବର୍ତ୍ତମାନ ମାଜିଷ୍ଟ୍ରେଟ କେସି ସାହେବଙ୍କ ମନକୁ ନ ପାଇବାରୁ ସେ କମିଶନର ସାହେବଙ୍କ କୋଠରେ ମ୍ୟୁନିସିପାଲିଟିର ଚେଅରମାନ ପ୍ରଭୃତିଙ୍କୁ ଘେନି ଏକ ବୈଠକ କରିଥିଲେ ମାତ୍ର ନିଜମତ ସପକ୍ଷରେ ସୁଯୁକ୍ତି ଦେଖାଇ ନ ପାରିବାରୁ କିଛି ଫଳ ହେଲା ନାହିଁ । ଲୋକେ ଅନୁମାନ କରନ୍ତି ତାହାଙ୍କ ପରାମର୍ଶ ଅଥବା ଇଙ୍ଗିତରେ ଚେୟାରମାନ କଠାରୁ ଏତେ ଲୋକର ଜମା ବୃଦ୍ଧି କରି କରଦାତାମାନଙ୍କର ମନଃପୀଡ଼ାର ହେତୁ ହୋଇଅଛନ୍ତି । ଲୋକଙ୍କର ଏ ଧାରଣା ନିତାନ୍ତ ଅସଙ୍ଗତ ନ ହେଲେହେଁ କେତେଦୂର ଠିକ କହି ନ ପାରୁଁ । ଫଳତଃ କାରଣ ଯାହା ହେଉ କାର୍ଯ୍ୟର ବିଚାର ବର୍ତ୍ତମାନ କରିବାର ଆବଶ୍ୟକ । ମ୍ୟୁନିସିପଲ ଆଇନର ଧା ୯୩ ସ୍ନ ଅନୁସାରେ କେବଳ ଯେଉଁଠାରେ ଭ୍ରମ ଅଥବା ପ୍ରତାରଣା ହେତୁରେ କାହାର ଉପରେ ଅଳ୍ପ ଜମା ଧାର୍ଯ୍ୟ ହୋଇଥିବ ଚେୟାରମାନ ସାହେବ କେବଳ ସେହିଠାରେ ଟିକସ ବୃଦ୍ଧି କରି ପାରିବେ । ଚେୟାରମାନ ସେପରି କିଛି ତଦନ୍ତ କରିବାର ଜଣା ନାହିଁ । ସମ୍ଭବତଃ ଗୋପନରେ କରିଥିବେ ଏବଂ ଆଇନର ଧା ୧୧୩ ସ୍ନ ଅନୁସାରେ ଆପତ୍ତି ହେଲେ ପ୍ରମାଣର ଭାର ତାହାଙ୍କ ଉପରେ ଥିବାରୁ ଆପତ୍ତି ନିଷ୍ପତ୍ତି ବେଳେ ତାହା ଅବଶ୍ୟ ପ୍ରକାଶ କରିବେ ଏବଂ ବିଚାର କର୍ତ୍ତା କମିଶନରମାନେ ତହିଁର ମୂଲ୍ୟ ନିରୂପଣ କରି ପାରିବେ । ଅତଏବ ଆମ୍ଭମାନଙ୍କ ବିବେଚନାରେ ଯେଉଁମାନଙ୍କର ଟିକସ ହଠାତ୍ ବୃଦ୍ଧି ହୋଇଅଛି ସେମାନେ ଆପାତତଃ ବ୍ୟସ୍ତ ନ ହୋଇ ଉପର ଲିଖିତ ଧା ୧୧୩ ସ୍ନ ଅନୁସାରେ ଆପତ୍ତି ଦରଖାସ୍ତ ଦେଇ ତହିଁର ମୀମାଂସାକୁ ରହିଁ ବସନ୍ତୁ ଏବଂ ମ୍ୟୁନିସିପଲ କମିଶନର ମାନଙ୍କୁ ଅନୁରୋଧ ଯେ ସେମାନେ ଆପତ୍ତି ନିଷ୍ପତ୍ତି ନିମନ୍ତେ ଆପଣା ମଧ୍ୟରୁ ଏମନ୍ତ

ଜ ୩ ଣ କନ୍ଷ୍ଟବର୍ଣ୍ଣୀ ଏବଂ ଛତଖଣ ଲୋକଙ୍କୁ ମନୋନୀତ କରିବେ କି ଯେଉଁମାନଙ୍କର କର-ପ୍ରଦାନ ବଗ୍ଯରରେ ଲୋକେ ସନ୍ତୁଷ୍ଟ ହେବେ ମିଉନିସିପାଲିଟୀର ଅସ୍ତି କହିବା ଏକାନ୍ତ ବାଞ୍ଛନୀୟ କାରଣ ତହିଁ ଉପରେ ସାଧାରଣଙ୍କର ସ୍ୱାସ୍ଥ୍ୟ ଏବଂ ସୁଖ ନିର୍ଭର କରେ ମାତ୍ର ତହିଁପାଇଁ ଅନ୍ୟାୟ ରୂପେ ଟିକସ ଆଦାୟ କରିବାଦ୍ୱାରା କାହାରିକି ପୀଡ଼ା ଦେବା ଉଚିତ ନୁହେ । ଯହିଁରେ ଉଭୟ କୂଳ ରକ୍ଷା ହେବ ତାହାର କର୍ତ୍ତବ୍ୟ ।

---

ଦୁର୍ଭିକ୍ଷ ।

ଗତମାସ ତା ୨୦ ଊଖରେ ସିମଲାଠାରେ ବଡ଼ଲାଟଙ୍କର ବ୍ୟବସ୍ଥାପକ ସଭାର ଶେଷ ଅଧିବେଶନ ହୋଇଥିଲା । ସେହି ଅଧିବେଶନରେ ରାଜସ୍ୱ ଏବଂ କୃଷି ବିଭାଗର ସଦସ୍ୟ ମାନ୍ୟବର ଷ୍ଟ୍ରାଜ ସାହେବ ଆଶଙ୍କିତ ଦୁର୍ଭିକ୍ଷର ସମାଚାର ସର୍ବସାଧାରଣଙ୍କ ବୋଧାର୍ଥେ ପ୍ରକାଶ କଲେ । ସେ କହିଲେ କି ବଙ୍ଗପ୍ରଦେଶ, ଉତ୍ତରପଶ୍ଚିମ ପ୍ରଦେଶର ଅଧେ, ବରମା, ମାନ୍ଦ୍ରାଜ, ମହୀସୁର, ହିନ୍ଦୁ ଏବଂ ପଞ୍ଜାବର ଦକ୍ଷିଣ ପଶ୍ଚିମ ଅଂଶର ଫସଲର ଅବସ୍ଥା ଉତ୍ତମ ଅଟେ ଏବଂ କୌଣସି ଚିନ୍ତାର କାରଣ ନାହିଁ । ବମ୍ବେଇ ପ୍ରଦେଶର ଦକ୍ଷିଣାଂଶ, ହାଇଦରାବାଦ ଏବଂ ମଧ୍ୟଭାରତର ଅଧିକାଂଶ, ଉତ୍ତରପଶ୍ଚିମର ପଶ୍ଚିମ ପ୍ରଦେଶର ଏକଭାଗ ଏବଂ ପଞ୍ଜାବର ଅଳ୍ପ ସ୍ଥାନରେ ମଧ୍ୟମ ପ୍ରକାର ଫସଲ ଲାଭର ଆଶା ଅଛି ଏବଂ ଲୋକଙ୍କର କଷ୍ଟ ହେଲେହେଁ ଦୁର୍ଭିକ୍ଷର ଆଶଙ୍କା ନାହିଁ । ମଧ୍ୟପ୍ରଦେଶ, ବେରାର, ବମ୍ବେଇର ଉତ୍ତରଭାଗ ଏବଂ ରାଜପୁତାନା ଏହିସବୁ ପ୍ରଦେଶର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଏବଂ ଦୁର୍ଭିକ୍ଷ ଆରମ୍ଭ ହେବାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତଏବ ଦେଖାଯାଏ ଯେ ଏଥର ଦୁର୍ଭିକ୍ଷର ଭୟ ଯେତେ ସ୍ଥାନରେ ହୋଇଅଛି ତହିଁର ଆୟତନ ବୃହତ୍ ହେଲେ ମଧ୍ୟ ସନ ୧୮୯୬।୯୭ ସାଲରେ ଯେତେ ଆୟତନରେ ଦୁର୍ଭିକ୍ଷ ପଡ଼ିଥିଲା ତହିଁରୁ ଊଣା ଅଟେ ଏବଂ ଗବର୍ଣ୍ଣମେଣ୍ଟ ପ୍ରଥମ ସମୟରେ ଜାଗ୍ରତ ହୋଇ ଦୁର୍ଭିକ୍ଷ ସହିତ ଯୁଦ୍ଧ କରିବାନିମନ୍ତେ ପ୍ରସ୍ତୁତ ହେବାର ଆଶା ଦେଉଅଛନ୍ତି ତେଣୁ ଅନିଷ୍ଟ ଘଟିବ ନାହିଁ । ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ପ୍ରକାଶ କଲେ କି ତାହାଙ୍କର ଶାସନ କାଳର ପ୍ରଥମ ବର୍ଷରେ ଦୁର୍ଭିକ୍ଷ ପଡ଼ିବାରୁ ସେ ବଡ଼ ଦୁଃଖିତ ମାତ୍ର ତାହାଙ୍କର ସମ୍ପୂର୍ଣ୍ଣ ଭରସା ଅଛି ଯେ ଅଦ୍ୟରୁ ଗବର୍ଣ୍ଣମେଣ୍ଟ ଯେପରି ସତର୍କ ହୋଇ ସାହାଯ୍ୟର ବନ୍ଦୋବସ୍ତ କରୁଅଛନ୍ତି ଯେ ଯଥୋପଯୁକ୍ତ ସାହାଯ୍ୟ ଦାନରେ ତ୍ରୁଟି ହେବ ନାହିଁ । ଏଥି ମଧ୍ୟରେ ସେ ସ୍ୱୟଂ ଦୁର୍ଭିକ୍ଷ ପୀଡ଼ିତ ସ୍ଥାନମାନ ଭ୍ରମଣ କରି ସମସ୍ତ ବ୍ୟାପାର ନିଜେ ଦେଖିବେ ଏବଂ ଯେଉଁଠାରେ ଯେ ଯେ କାର୍ଯ୍ୟ ଅବଶ୍ୟକ ବୁଝିବେ ଅବିଳମ୍ବେ ତାହା ସମ୍ପାଦନର ବ୍ୟବସ୍ଥା କରିବେ । ଲୋକ ରକ୍ଷା ନିମନ୍ତେ ଲର୍ଡ କର୍ଜନ ବାହାଦୁର ଏତାଦୃଶ ମନୋଯୋଗୀ ହୋଇଅଛନ୍ତି ବଡ଼ ଆନନ୍ଦର ବିଷୟ ଅଟେ ଏବଂ ତହିଁପାଇଁ ଅମ୍ଭେମାନେ ତାହାଙ୍କୁ ଅପାର ଧନ୍ୟବାଦ ଦେଉଅଛୁଁ । ଗତ ସପ୍ତାହରେ ମଧ୍ୟପ୍ରଦେଶରେ ୨,୨୧,୮୬୧ ଗୁଜରାଟରେ ୮୧,୧୭୫ ବମ୍ବେଇରେ ୭୮,୨୯୪ ପଞ୍ଜାବରେ ୭୨,୩୧୭ ରାଜପୁତାନାରେ ୪୮,୭୩୫ ବେରାରରେ ୨୮,୯୦୮ ଏବଂ ମଧ୍ୟଭାରତରେ ୪୮୬୨ ଲୋକ ସାହାଯ୍ୟ ପାଉଥିଲେ । ସେମାନଙ୍କର ମୋଟ ସଂଖ୍ୟା ୫ ଲକ୍ଷ ୨୦ ହଜାରରୁ ଅଧିକ ଏବଂ ସେମାନଙ୍କ ମଧ୍ୟରୁ କେବଳ ମଧ୍ୟପ୍ରଦେଶରେ ୧,୬୭,୦୦୦ ଲୋକ ଦାନପ୍ରାର୍ଥୀ ଅର୍ଥାତ୍ ବିନା ପରିଶ୍ରମରେ ସାହାଯ୍ୟ ପାଉଅଛନ୍ତି ।

---

ଟ୍ରାନ୍ସଭାଲ ଯୁଦ୍ଧ ।

ଗତମାସ ତା ୨୧ ଓ ୨୨ ଊଖର ସମ୍ବାଦ ଏହିକି ଗ୍ଲେଙ୍କୋ ଯୁଦ୍ଧରେ ଇଂରେଜ ପକ୍ଷର କର୍ମଚାରୀ ଜ ୧୦ ଣ ହତ ଓ ଜ ୨୨ ଣ ଆହତ ଓ ସିପାହି ଜ ୩୧ ଣ ହତ ଓ ଜ ୧୫୧ ଣ ଆହତ ହୋଇଥିଲେ ।

ଶ୍ରୀମତୀ ମହାରାଣୀ, ଯୁଦ୍ଧରେ ଅନେକ ସୈନ୍ୟ ହତ ଓ ଆହତ ହେବା ବାର୍ତ୍ତାରେ ସନ୍ତପ୍ତ ହୋଇ ସେମାନଙ୍କର ବନ୍ଧୁବାନ୍ଧବଙ୍କ ନିକଟକୁ ତାଙ୍କର ଶୋକରେ ସହାନୁଭୂତି ଜଣାଇବା ନିମନ୍ତେ ଲର୍ଡ ଲାନ୍ସଡାଉନଙ୍କୁ ତାରସମ୍ବାଦ ପଠାଇଅଛନ୍ତି । ମୃତ ସୈନିକ ପୁରୁଷଙ୍କ ପରିବାରର ସାହାଯ୍ୟାର୍ଥେ ଲଣ୍ଡନସ୍ଥ ଲର୍ଡମେୟର ଏକ ପାଣ୍ଠି ଚେଷ୍ଟା ହୋଇଅଛି ।

ଲଡ଼ିସ୍ମିଥଠାରେ ଯେଉଁ ଯୁଦ୍ଧ ହୋଇଥିଲା ତହିଁରେ ଇଂରେଜଙ୍କ ପକ୍ଷ ୨୫୬ ଜଣଙ୍କଧିକ୍ରୁ କର୍ମଚାରୀ ୫ ମୃତ ୩୦ କ୍ଷତ ଓ ସିପାହି ଜ ୩୬ ଣ ମୃତ ଓ ୧୭୫ ସିପାହି କ୍ଷତ ଓ ଜ ୧୦ ଣ ନିରୁଦ୍ଦେଶ ହେଲେ । ଶତ୍ରୁପକ୍ଷର ଦୁଇଜଣ ସେନାପତି ଏବଂ ଅନେକ ସିପାହି ହତ ଓ ଆହତ ହେଲେ ।

ତା ୨୪ ଊଖର ସମ୍ବାଦରୁ ପ୍ରକାଶ ଯେ ଗ୍ଲେଙ୍କୋରେ ପୁନର୍ବାର ଯୁଦ୍ଧ ହୋଇଥିଲା ଏ ଯୁଦ୍ଧରେ ବୁଅର ପକ୍ଷରୁ ପ୍ରେସିଡେଣ୍ଟ କ୍ରୁଗର ଓ ସେନାପତି ଯୁବାର୍ଟ ଅଧୀନରେ ୯୦୦୦ ବୁଅର ବାହାରିଥିଲେ । ଇଂରାଜଙ୍କ ସେନାପତି ୟୁଲ ବାଧ୍ୟ ହୋଇ ନିରାପଦସ୍ଥାନକୁ ସସୈନ୍ୟେ ଘୁଞ୍ଚି ଯାଇଥିଲେ ।

ପାର୍ଲିଆମେଣ୍ଟ ସଭାରେ ମିଃ ୱିଣ୍ଡହାମ ପ୍ରକାଶ କରିଥିଲେ ଯେ ବୁଅରଙ୍କ ସୈନ୍ୟ ସଂଖ୍ୟାରେ ବେଶୀ ଓ ସେମାନେ ସେନାପତି ୟୁଲଙ୍କୁ ଗ୍ଲେଙ୍କୋରେ ଘେରିବାକୁ ଚେଷ୍ଟା ପାଇବାରେ ସେ ଗ୍ଲେଙ୍କୋ ସହର ସ୍ଥାନରେ ଓ ସେନାପତି ହ୍ୱାଇଟଲଡିସ୍ମିଥଠାରେ ସେନାମାନଙ୍କୁ ଏକତ୍ରିତ କରୁଥିଲେ ।

ତା ୨୭ ଊଖର ସମ୍ବାଦ ଏହି ଯେ ଲମ୍ବାର୍ଡ କଟରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଯୁଦ୍ଧ ହୋଇଥିଲା । ସେ ଯୁଦ୍ଧରେ ଜ ୩ ଣ ମୃତ ଓ ଜ ୨୧ ଣ ଆ[illegible]ହୋଇଥିଲେ କର୍ଣ୍ଣେଲ ରୁଇକର ସଙ୍ଗ ଅ[illegible]ଏବଂ ଜଣେ ସେନାପତି ହତ ହୋଇଥିଲେ । ନେଟାଲର ସୀମାରେ ଯୁଦ୍ଧ ସମ୍ଭାବ୍ୟ ଅଧିକ ବିସ୍ତାରିତ ହୋଇଅଛି ।

ହେଫଟାଉନରେ ମୁସଲମାନମାନଙ୍କର ଏକ ସଭା ହୋଇଥିଲା ସଭାରେ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ କରିବାର ସ୍ଥିର ହେଲା ।

ଜ ୩୦୦ ଶରଣାର୍ଥୀ ଦଲରୁ ଯାହା କରୁଅଛନ୍ତି ସେମାନଙ୍କ ସହିତରେ ଅନେକଗୁଡ଼ିଏ ତୋପ ଅଛି ।

ଇଂଲଣ୍ଡର ଜଣେ ପ୍ରଧାନ ସେନାପତି ଜେନରଲ ସିମନସ ଯୁଦ୍ଧରେ ହତ ହେବାରୁ ଶ୍ରୀମତୀ ମହାରାଣୀ ଏବଂ ଯୁବରାଜ ଶୋକ ସହାନୁଭୂତିପତ୍ର ତାହାଙ୍କ ସ୍ତ୍ରୀ ଲେଡି ସିମନସଙ୍କ ନିକଟକୁ ପଠାଇଅଛନ୍ତି ଏବଂ ସମ୍ବାଦପତ୍ରମାନଙ୍କରେ ଜେନରଲଙ୍କର ଭୂରି ପ୍ରଶଂସା ବାହାରିଅଛି ।

ଗତମାସ ତା ୨୭ ଊଖରେ ପାର୍ଲିଆମେଣ୍ଟ ସଭା ଭଙ୍ଗ ହେଲା । ସେ ସମୟର ବକ୍ତୃତାରେ ମହାରାଣୀ ପ୍ରକାଶ କଲେ କି ଶତ୍ରୁର ଆକ୍ରମଣ ବ୍ୟର୍ଥ କରିବାରେ ଇଂରାଜ ସୈନ୍ୟମାନେ ଚମତ୍କାର ବୀରତ୍ୱ ଦେଖାଇବାରୁ ସେ ଅତ୍ୟନ୍ତ ଆନନ୍ଦିତ ହୋଇଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ଅନେକ ସୈନିକ କର୍ମଚାରୀ ଏବଂ ସିପାହି ମରିପଡ଼ିଲେ । ସେ ଆଶା କରନ୍ତି ଯେ ପରମେଶ୍ୱର ତାହାଙ୍କର ଭାରତ ସେନାମାନଙ୍କୁ ଆଶୀର୍ବାଦ କରିବେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ତା ୩୦ ଋଖର ସମ୍ବାଦରୁ ପ୍ରକାଶ ଯେ ବୁଅର-ମାନଙ୍କର ସେନା ୧୭,୦୦୦।କିମ୍ବା ୨୦,୦୦୦ ଥିବାର ଆକାଶ ଯାନ ସାହାଯ୍ୟରେ ଜଣା ହୋଇ ଅଛି। ସେମାନେ ଅର୍ଦ୍ଧଗୋଲାକୃତି ଆକାରରେ ଲେଡିସ୍ମିଥଠାରେ ଘେରିହୋଇ ଅଛନ୍ତି। ବୁଅର-ମାନେ ଇଂରାଜଙ୍କର ୧,୫୦୦ ଖଚର ଏବଂ ସେମାନେ ବହନେଉଥିବା ସମସ୍ତ ଯୁଦ୍ଧ ଉପକରଣ ଧରିନେଇ ଅଛନ୍ତି। ତହୁଁ ଅରଦନ ଯୁଦ୍ଧରେ ସେମାନେ ୨,୦୦୦ ଇଂରାଜୀ ସିପାହୀ ଏବଂ ୪୨ କର୍ମଚାରୀଙ୍କୁ ବନ୍ଦୀକରି ନେଇଗଲେ।

ଉପର ଲିଖିତ ସମ୍ବାଦମାନଙ୍କରୁ ପ୍ରକାଶ ଏପର୍ଯ୍ୟନ୍ତ ବୁଅରମାନେ ସାହସରେ ଅଗ୍ରସର ହେଉଅଛନ୍ତି ଏବଂ ଇଂରାଜସେନା ସେମାନଙ୍କୁ ଅଟକାଇବାର ଅବକାଶ ପାଉନାହାନ୍ତି। ଇଂରାଜ ଏବଂ ବୁଅରଙ୍କର ଯୁଦ୍ଧ ସିଂହ ଓ ମୂଷାର ଯୁଦ୍ଧ ବୋଲିବାକୁ ହେବ। କିନ୍ତୁ ବୁଅରମାନେ ଅସାଧାରଣ ସାହସ ଦେଖାଇ ପୃଥିବୀକୁ ଆଶ୍ଚର୍ଯ୍ୟ କରୁଅଛନ୍ତି।

## ସାପ୍ତାହିକ ସମ୍ବାଦ।

ଅଠଗଡ଼ କାଶବ ଗ୍ରାମର ଗୋଟିଏ ବ୍ରାହ୍ମଣକୁ ଏକ ପଥର ତଳଭାଗ ଗୋଟିଏ ମହୁଣିଆଳ ଗଉଡ଼କୁ ଅନ୍ତ ଦିନ ବେଗ୍ନ ବାଘ ନେଇଗଲା। ଜଙ୍ଗଲ ସନ୍ନିକଟର ବାଘଭୟ ହୋଇଅଛି।

ତୋମପଡ଼ା ଉସ୍ତବାଙ୍କ ଗ୍ରାମର ନଈକୂଳରେ ଗୋଟିଏ ଶବ ପୋତା ହୋଇଥିଲା। କୁକୁର ଯୋଡ଼ିଏ କୁଣ୍ଡାଇ ଉଠି ଚାସକା ପାଇ ଶବକୁ ଖୋଳି ଖାଇଲେ।

ଗୋପାଳପୁରର ଜଣେ ଶଠି କରଣ ଆପଣା ବିଧବା ...ତ ଘର କରି ଗୋଟିଏ ପୁତ୍ର ସନ୍ତାନ ଲାଭ କଲେ, ...ଙ୍କ ମଧ୍ୟରେ ଏପରି ପ୍ରଥା ପ୍ରଚଳିତ ନ ଥିବାରୁ ...ସେ ସମାଜଚ୍ୟୁତ ହୋଇଅଛନ୍ତି।

...ନାଜର ସର୍ବତ୍ର ଉଦ୍ଭିଜ୍ଜ କାର୍ଯ୍ୟ ... ସମ୍ପନ୍ନ ହୋଇଥିଲା। ବୃଷ୍ଟିଯୋଗେ ଯେ ...ର ବାଧା ହେଲେ ମଧ୍ୟ ଲୋକେ ଜଳ ପାଇ ସନ୍ତୁଷ୍ଟ ...ଲେ।

ମହାଜଙ୍ଗରେ ମୁରଡ଼ି ଗ୍ରାମରେ ଏକ ଜାତି ବଣ ପକ୍ଷୀ ଅଛନ୍ତି। ସେମାନେ ବଡ଼ ବଡ଼ ମାଛ ନଦୀରୁ ଉଠାଇ ନେଇ ଖାଆନ୍ତି। ଓଡ଼ିଆ ନିକଟରେ ଗୋଟିଏ ବଡ଼ ଜଳଙ୍ଗ ମାଛ ମୃତପ୍ରାୟ ଉଠାଇ ଖାଉଥିଲେ। ନାଉରିଆମାନେ ମୃତକୁ ଛଡ଼ାଇ ଅନେକ ମାଛ ନେଇଗଲେ।

ଘାଇଲଷ୍ଟେସନର ଟେଲିଗ୍ରାଫ ନିର୍ମାଣ କାର୍ଯ୍ୟ ଦ୍ରୁତ ବେଗରେ ଚଳୁଅଛି ଏବଂ ଏହି ମାସ ମଧ୍ୟରେ ଉକ୍ତ ଟେଲିଗ୍ରାଫ ଖୋଲା ହେବାର ପ୍ରସ୍ତାବ ହୋଇଅଛି।

ସିଂହଳଦ୍ୱୀପର ପ୍ରାଚୀନ ପୁସ୍ତକମାନଙ୍କରେ ସେଠାରେ ସୁବର୍ଣ୍ଣ ଓ ରୌପ୍ୟର ଖଣି ଥିବାର ଲେଖାଅଛି। ପ୍ରାଚୀନ ରାଜାମାନଙ୍କ ସମୟରେ ଏହି ଖଣିମାନ ଖୋଳାଗଲା ମଧ୍ୟରେ ... ହୋଇଥିଲା। କିନ୍ତୁ ... ଅନୁସନ୍ଧାନରେ ... ହେଉଅଛି ଯେ ... ରୌପ୍ୟ ପ୍ରାପ୍ତ ହୋଇପାରେ। ...ସେଠା ଖଣିମାନ ଅଦ୍ଭୁତ ହୋଇପାରିବାର ...

...ଭାଦ୍ରବ ମାସରେ ... ମହାପୂଜା ... ନଗରଠାକୁ ନଡ଼ିଆଟ ମହୋଦୟଙ୍କ ସଙ୍ଗେ ସାକ୍ଷାତ କରିବାକୁ ଅଧିକାର ଦିଆ ଅଛି। ମହାସଭାଙ୍କ ... ସମ୍ବନ୍ଧ ଆଗାମୀ ଫେବୃଆରି ମାସରେ ସ୍ଥିରକୃତ ହେବ।

ପଶ୍ଚିମୋତ୍ତର ପ୍ରଦେଶର ଅଶାନ୍ତି ଶେଷ ହେବାର ନାହିଁ। ... ଜାତିମାନେ ... ପଶୁ ନେଇଥିବାରୁ ... ଅସ୍ମମାନଙ୍କର ସେନା ସେମାନଙ୍କର ପଶ୍ଚାଦ୍ଧାବିତ ହୋଇଥିଲେ। ... ମଧ୍ୟରୁ ଜଣେ ହତ ଏବଂ ଅନ୍ୟ ଜଣେ ଆହତ ହୋଇଅଛି। ସେମାନେ ଅଧିକାଂଶ ପଶୁ ଛାଡ଼ିଯାଇବା ପୂର୍ବେ ତାଙ୍କର ... କାଟି ଦେଇଥିଲେ।——ବଣ୍ଡିଆଙ୍କ ସ୍ୱଭାବ ଏହିପରି।

ବାଙ୍କି ଭଗବାନପୁରରେ ଏକ ତଣ୍ଡାଗ ... ବଡ଼ ବ୍ୟସ୍ତ ହୋଇ ଏକପଇସାର ମୁଢ଼ି କଣି ପିଲାଙ୍କୁ ଗଣ୍ଡାଏ ଦେଇ ଆପେ ଗଣ୍ଡାଏ ମୁଢ଼ି ଖାଇବାକୁ ସନ୍ଧ୍ୟାବେଳେ ମାଣ୍ଡିଆ ... ଶୋଇଗଲା। ରାତ୍ର ବାରଟାରେ ପରମେଶ୍ୱରଙ୍କୁ ଡାକି ମାଣ୍ଡିଆ ଖାଇଲେ ପିଲାକୁ ଆହାର ଦେବ ଏହି କଥା କହି ଗୋଟିଏ ମାଣ୍ଡିଆ ... ... ସମୟରେ ଗୋଟିଏ ... ସର୍ପ ତାହାର ହସ୍ତକୁ ଦଂଶନ କଲା। ଅଳ୍ପ ସମୟରେ ତାହାର ମୃତ୍ୟୁ ହେଲା। ଈଶ୍ୱରେଚ୍ଛା ନିରଙ୍କୁଶ।

ଅଭଗଡ଼ ... ଘାଟରେ ... ଲୋକ ଗୋଟିଏ ... ପାର ହେଉଥିଲେ। ନଦୀ ... ଭଙ୍ଗା ବୁଡ଼ିଗଲା ଓ ଜଣେ ସ୍ତ୍ରୀ ଓ ତାହାର କନ୍ୟା ବୁଡ଼ିମଲେ।

କାଞ୍ଚି ନରଣପୁର ... ଧାନ ... ଅନେକ ପଦାର୍ଥ ପୋଡ଼ି ଯାଇଅଛି। ... କାରଣ ବୋଲି ଅନୁମିତ ହେଉଅଛି।

ଗତ ସେପ୍ଟେମ୍ବର ମାସ ତା ୨୧ ... ୧୨ ଘଣ୍ଟା ୨ ଇଞ୍ଚ ବର୍ଷିଥିଲା। ଏହି ସମୟରେ ଏରୂପ ... ସେ ଅଞ୍ଚଳରେ କେବେ ଦେଖାଯାଇ ନାହିଁ। ଏତଦ୍ଦ୍ୱାରା ... ଗୋଦାମମାନଙ୍କରେ ଜମାହୋଇଥିବା ଧାନ ଓ ... ବହୁତ କ୍ଷତି ହୋଇଅଛି ଏବଂ କୋମ୍ପାନୀ ... ବିଶେଷ କ୍ଷତି ହୋଇଅଛି।

ବୋମ୍ବାଇଠାରୁ ସମ୍ବାଦ ମିଳିଲା ଯେ ... ଜଣେ ଲୋକ ... ୪୦ ଟ ... ଗୋଟିଏ ... ଶୀଘ୍ର ... ଏବଂ ... ତାହାର ବାମ ... ହାଡ଼ ... ଏବଂ ପିଠିହାଡ଼ ମଧ୍ୟରେ ... ହୋଇଅଛି। ... ଡାକ୍ତରରେ ... ଏବଂ ... ଅଛି। ... କାରଣ ବୋଲି କଥିତ ହୁଏ।

ଗତ ସେପ୍ଟେମ୍ବର ମାସ ତା ୨୪ ... ତୋଫାନ ହୋଇଥିବାର ସମ୍ବାଦ ମିଳିଲା। ... ଗଛ ଉପୁଡ଼ି ଯାଇଅଛି ଏବଂ ଅନ୍ୟୂନ ୨୫୦ ଗୋଟି ଗୋରୁ ... ଯାଇଥିବାର କଥିତ ହୁଏ। ... ଗୌଡ଼ମାନେ ... ତୋଫାନ ବେଳେ ... କୌଣସି ଲୋକ ନଷ୍ଟ ହୋଇ ନାହିଁ।

### ଝଙ୍କଡ଼-ସମ୍ବାଦ।

ମହାମାୟା ଶ୍ରୀଶାରଳା ଦେବୀଙ୍କର ମହାଷ୍ଟମୀ ପୂଜାଦିନ ଓ ତହୁଁ ପୂର୍ବଦିନମାନଙ୍କରେ ପୂଜାଦି କାର୍ଯ୍ୟ ଅତି ସମାରୋହ ସହିତ ହୋଇଥିଲା। ପ୍ରାୟ ଦୁଇ ସହସ୍ରରୁ ଅଧିକ ଲୋକ ହୋଇଥିଲେ। ଅସ୍ମମାନଙ୍କର ଜମିଦାର ସୁବିଖ୍ୟାତ ... ମହାଜନ ବାବୁ ଶ୍ରୀ ... ପଣ୍ଡିତ ମଧ୍ୟ ତାଙ୍କ ନୂତନ ଜମିଦାରୀ ପରିଦର୍ଶନ ଉପଲକ୍ଷରେ ଏଠାରେ ଉପସ୍ଥିତ ହୋଇ ଦେବୀଙ୍କର ପୂଜାକାର୍ଯ୍ୟରେ ଯୋଗଦାନ କରିଥିଲେ ମାତ୍ର ଏତେ ... ... କେବଳ ଅନ୍ଧକାର ଦେଖିଲୁ।

ଚୌକିଦାରୀ ଟାକ୍ସ ... ବ୍ୟସ୍ତରେ ଅଛନ୍ତି।

ବାବୁ ଶ୍ରୀ ... ଦାସ ... ଗୃହଠାରେ ଦୁର୍ଗାପୂଜା ଉପଲକ୍ଷେ ଅତି ସମାରୋହ ସହିତ ଆମୋଦ ପ୍ରମୋଦ ହୋଇଥିଲା।

ଶାରଳା ଦେବୀଙ୍କ ଦେଉଳରେ ... ଲଗାଇଥିବା ... ... ମୂର୍ତ୍ତି ... ସାହାଯ୍ୟ କରିବା ... ବାବୁ ... ପଣ୍ଡିତ ... ଦେଇଅଛନ୍ତି। ... ଏହାଙ୍କର ପ୍ରଧାନ ଗୁଣ ଅଟେ।

### ଯାଜପୁର-ସମ୍ବାଦ।

ଦୁର୍ଗୋତ୍ସବର ପୂର୍ବରେ ବୃଷ୍ଟିର ଅଭାବ ହେତୁ କୃଷିମାନେ ... ହୋଇ ... ଅହୋରାତ୍ର ... ହୋଇ ... ଭୟ ଦୂର ହୋଇଅଛି।

ଏଠା ସବଡ଼ିଭିଜନ ମାଜିଷ୍ଟ୍ରେଟ ବାବୁ ... ଏଥିରେ ... ହେବାରୁ ଡେପୁଟୀମାଜିଷ୍ଟ୍ରେଟ ବାବୁ ... ଦାସଙ୍କୁ ... ସ୍ୱଦେଶକୁ ପ୍ରସ୍ଥାନ କଲେ।

ଏଠା ସବଡ଼ିଭିଜନ ଅଫିସରଙ୍କୁ ସାହାଯ୍ୟ କରିବା ନିମିତ୍ତ ସବଡେପୁଟୀ ମାଜିଷ୍ଟ୍ରେଟ ଓ କଲେକ୍ଟର ବାବୁ ... ଏଠାରେ ... ମକଦ୍ଦମା ... ଏଠାରେ ଏକଜଣ ସ୍ଥାୟୀ ସବଡେପୁଟୀ ରହିବାର ବିଶେଷ ଆବଶ୍ୟକ।

ମଥୁରା ... ମଠର ମହନ୍ତ ବାସୁଦେବପୁରୀ ପ୍ରାୟ ଦୁଇମାସହେବ ଓଲଉଠା ରୋଗରେ ହଠାତ୍ ପରଲୋକ ପ୍ରାପ୍ତ ହେବାରୁ ତାହାଙ୍କର ଦୁଇ ଚେଲା ରଘୁନାଥ ପୁରୀ ଓ ନାରାୟଣ ପୁରୀଙ୍କ ମଧ୍ୟରେ ମହନ୍ତୀ ପଦ ନିମନ୍ତେ ବିବାଦ ଉପସ୍ଥିତ ହୋଇ ନାରାୟଣ ପକ୍ଷରୁ ... ରଘୁନାଥ ପୁରୀ ପ୍ରଭୃତି କେତେକ ଲୋକ ଧର୍ମଶାଳା ପୁଲିସ କର୍ତ୍ତୃକ ଚାଲାଣ ହୋଇ ବର୍ତ୍ତମାନ ମକଦ୍ଦମା ବିଚାରାଧୀନରେ ଅଛି। ସେ ମଠର ବାର୍ଷିକ ଆୟ ପ୍ରାୟ ଟ ୧୫୦୦୦ଙ୍କା ଅଟେ। ... ଆପଣା ସ୍ୱାର୍ଥ ନିମନ୍ତେ ମାଲମକଦ୍ଦମା କରି ... ବଡ଼ ଦୁଃଖର ବିଷୟ ଅଟେ।

... ଥାନା ... ଜଗନ୍ନାଥ ପୁର ... ଗ୍ରାମରେ ... ଉପସ୍ଥିତ ହୋଇ ଅନେକ ମନୁଷ୍ୟ ନଷ୍ଟ ... ବର୍ତ୍ତମାନ ... ଶୁଣାଅଛି।

ଜ୍ୱରରୋଗର ବିଶେଷ ପ୍ରକୋପ ବୃଦ୍ଧି ହୋଇଅଛି। ରୋଗୀମାନଙ୍କ ମଧ୍ୟରୁ ବାଳକ ବାଳିକାର ସଂଖ୍ୟା ଅଧିକ ଅଟେ।

ଆଜିକାଲି ... ପୁରୁଣା ... ସେ ୧୨ ର ଓ ନୂଆ ... ସେ ୧୪ ର ଦରରେ ବିକ୍ରୀ ହେଉଅଛି।

### ପତ୍ରପ୍ରେରକଙ୍କ ପ୍ରତି

ଶ୍ରୀ କୃଷ୍ଣମୋହନ ପଣ୍ଡା—ଆଳସ୍ୱାଙ୍କ ... ଧାମରେ ଦୁର୍ଗାପୂଜା ଉପଲକ୍ଷେ ଦ ୧୫ ନ ଯାତ୍ରା ହୋଇଥିଲା। ... ପାଲା, ଲୀଳା ଏବଂ ଅନ୍ୟାନ୍ୟ ନାଟ ପ୍ରାୟ ୨୫।୩୦ ମେଳ ଏକ-

Digitized by srujanika@gmail.com

ହୋଇ ହୋଇଥିଲେ ଏବଂ ସିଂହଦ୍ୱାରଠାରୁ ଅର୍ଦ୍ଧ ମାଇଲ ପର୍ଯ୍ୟନ୍ତ ପ୍ରାୟ ୩୦୦ ଦୋକାନ କରି ନାନା ଦ୍ରବ୍ୟ ବିକା କଣା କରୁଥିଲେ । କେବଳ ବର୍ଷବଶତ ଜଳ ଅତିବୃଷ୍ଟି ହେତୁ ଜଗନ୍ନାଥସ୍ୱାମୀଙ୍କ ଓ ବାଣକନ୍ଧା ହୋଇ ପାରିଲା ନାହିଁ ।

ପ୍ରାଣନାଥ ପଞ୍ଚନାୟକ—ଏଲେକୋଟ ସ୍ୱାମୀଙ୍କର ପ୍ରଶଂସନୀୟ କାର୍ଯ୍ୟ ପୁନଃ ପ୍ରକାଶିତ ହୋଇଥିବା ସ୍ଥଳେ ଏ ପତ୍ର ପ୍ରକାଶ କରିବାର ପ୍ରୟୋଜନ ନାହିଁ ।

ମୂଲ୍ୟପ୍ରାପ୍ତି ।

ଚୌଧୁରୀ ଶ୍ରୀ ଜଗନ୍ନାଥ ମିଶ୍ର ଜମିଦାର ଖଣ୍ଡାୟତ ଟ ୧
ମହନ୍ତ ଶ୍ରୀ ରଘୁନାଥ ଦାସ ଗୋପାଳଛନ୍ଦ ମଠ ... ଟ ୨
ଶ୍ରୀ ଘନଶ୍ୟାମ ଦାସ ବାବୁ ସର୍ଦ୍ଦାର ସଭାପତି ;
କେନ୍ଦୁଝର ଟ ୩
ଶ୍ରୀ ବାବୁ ରମାନାଥ ଦାସ ଡେପୁଟିଇନସପେକ୍ଟର ପାଟଣାଗଡ଼
କେନ୍ଦୁଝର ଟ ୩
ମୁନ୍‌ସି ଓଡ଼ିଶା ... ବହଞ ଟ ୧
" ଶ୍ରୀ ଦଣ୍ଡପାଣି ... ଟ ୩
ଶ୍ରୀ ବାବୁ ଗୋପୀନାଥ ... ସମ୍ ମୋହନ ପୁର
ବାଲେଶ୍ୱର ଟ ୩
" ... ଟ ୩

ବିଜ୍ଞାପନ ।

NOTICE.

Wanted candidates for the Head Mastership and Second Mastership of the Khurda High English School on salaries of Rs 55 & Rs 40 respectively Graduates strong in English and Mathematics and willing to stick to the post for 2 years will be preferred, Applications must reach the undersigned on or before the 15th instant.

Dated the 1st Nov/99

Sd. A. Garrett,
Secretary.

(ସର୍ବକାଳର ପରୀକ୍ଷିତ ।)

# ଯାଦୁର ଅର୍ଥାତ୍ ମହୌଷଧ ।

(ମୂଲ୍ୟ ପ୍ରତି ଡବା ଟ ୦।୵ ଅଣା ମାତ୍ର)

ଯେ କେହି ଯେ କୌଣସି ପ୍ରକାର ବାତ ରୋଗରେ ଆକ୍ରାନ୍ତ ସେ ଥରେ ଏହି ଔଷଧ ନେଇ ସେହି ସ୍ଥାନରେ ବ୍ୟବହାର କରନ୍ତୁ । ଫୁଲା, ଯନ୍ତ୍ରଣା ପୁଣି ଏମନ୍ତ ମନୋହରକର ପୁଣି ନିର୍ଦ୍ଦେଶ ଔଷଧ ଏଯାବତ ଆଉ ଦ୍ୱିତୀୟ ବାହାର ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସା-ପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ପୁସ୍ତକରେ ମୁଦ୍ରିତ ହୋଇ ରହିଅଛି, ତାହାର ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀ ମାନଙ୍କେ ଆପଣା ନାମ, ଧାମ, ଡାକଘର, ଜିଲ୍ଲା ଏବଂ ତାହାର କେତେ ଡବା ଆବଶ୍ୟକ ସେସବୁ ସ୍ପଷ୍ଟକରି ନିମ୍ନ ଠିକଣାରୁ ପତ୍ର ଲେଖିବେ । ଏହାବ୍ୟତୀତ ଯେଉଁମାନେ ଇଂରେଜୀ ଜାଣନ୍ତି ଉର୍ଦ୍ଦୁ ଜାଣନ୍ତି ସେମାନଙ୍କ ସମ୍ପର୍କରେ ବିଶେଷ ସୁବିଧା ଅଛି ।

ଶ୍ରୀସୁନ୍ଦରଲାଲ ସେନ
ଦେବୀ ହଲ୍ଡପ୍ରେସ୍; ବାଲେଶ୍ୱର ।

## ନୂତନ ପୁସ୍ତକ ।

କୃଷ୍ଣକୁମାର ଖାରଲାରାସଙ୍କ
ସଚିତ୍ର

# ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବ ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୨୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଛି ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୵ |
| ୨ ମଧ୍ୟ ପର୍ବ | ଟ ୨୵ |
| ୩ ସଭା ପର୍ବ | ଟ ୨୵ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ୵ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାର୍ଣ୍ଣିକା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୵ |
| ୧୫।୧୬ ଅଶ୍ୱମେଧ ଓ ଆଶ୍ରମେଧ ପର୍ବ | ଟ ୦୨ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦ |

ଗ୍ରାହକେ ଜଗତ ବଙ୍ଗବାସୀକାର୍ଯ୍ୟ କଟକ ପ୍ରେସିଂକମ୍ପାନୀଙ୍କ ସନ୍ନିକଟରେ ତତ୍ତ୍ୱ କଲେ ପାଇ ପାରିବେ ।

## ବନାରସି ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ମିଳିବ ନାନାସ୍ଥାନର ରଜା, ଜମିଦାରମାନଙ୍କ ଉତ୍ସବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଆଠମଲ୍ଲିକ, ସମ୍ବଲପୁର, ଷଡ଼େଇକଳା ପ୍ରଭୃତି ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ହସ୍ତ ସର୍ବଦା ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଯୋଡ଼ି, ଟେଙ୍ଗା, ଚାଦର, ବାଗ୍ଲା ସଢ଼ୀ ଦୋପଟ୍ଟା, ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରଙ୍ଗିନ ଛିଟର ଅଙ୍ଗରଖା ସଙ୍ଗିତ ଛଡ଼ା ସୁନା ରୂପାର ବାସନ, ହାଣ୍ଡିର ବାନ୍ଧିବା ପ୍ରଭୃତି ବସ୍ତ୍ର ଅନୁସାରେ ଇଚ୍ଛାନୁସାର କରାଇ ଦେଉଁ । ବସ୍ତ୍ର ଦେଖି ଦେଲେ ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ ... ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ ବା ଉପାୟରେ (ଅର୍ଥାତ୍ ଡାକରେ ବା ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉକ୍ତ ବିଶେଷ ଜାଣିବାର ଥିବାରୁ ଜଣେ ଓ ... ମୋହରର ଟିକେଟ୍ ପ୍ରଭୃତି ଓଡ଼ିଆରେ ଲେଖିଲେ ତହିଁର ମାନ ଇଂରାଜୀରେ ଆମ୍ଭ ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଉତ୍ତମରେ ଆମ୍ଭର ହସ୍ତଗତ ହେବ । ରେଲୱେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଲମଲ ଗୋଳାନାଥ
କୁଞ୍ଜଗଳ ଘଟଙ୍କ ବନାରସ ସିଟି

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସି

ବିଶେଷ ସୁବିଧା ।

ଶାଢ଼ୀ, ଯୋଡ଼, ଇତ୍ୟାଦି ଆମ୍ଭର କୋଠିରେ ସର୍ବଦା ହସ୍ତ ନିମନ୍ତେ ପ୍ରସ୍ତୁତ ଅଛି ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ ପାଇବେ ଏବଂ ଉକ୍ତ ପ୍ରକାର ବସ୍ତ୍ର ଦେଖି ଅବଲମ୍ବ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ

Split by PDF Splitter

Digitized by srujanika@gmail.com

ରହିଅଛୁ । ଅଳ୍ପ ବା ଅଧିକ ପରିମାଣରେ ଜିନିସ ଯୋଗାଇବାକୁ ସମାନରୂପ ମନୋଯୋଗୀ । ବରାତସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିସ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାଲଫର୍ଦରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି । ଆମ୍ଭର ବ୍ୟବହାର କେମନ୍ତ ଖାଁଟି ଏବଂ ଜିନିସ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, ନୟାଗଡ଼, ଆଠମଲ୍ଲିକ, ସରାଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଇଜାନଗର, ମଞ୍ଜୁସାପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ ( ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଉଳବ ନିମ୍ନ ଲଫାଫା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ଶୀଘ୍ରରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ୍ ପାରସଲରେ ମଧ୍ୟ ମାଲ ଫେରତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଲ ଦାସ ମୁରଲୀଧର
ମହଲା ସିକ୍ରୋଲଗ୍ରା ବନାରସ ସିଟି

---

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ଓ ସାଲେପୁର, ଥାନା ମଧ୍ୟସ୍ଥିତ ନିମ୍ନଲିଖିତ କାଞ୍ଜିହାଉସ ( ପାଉଣ୍ଡ ) ସନ ୧୮୯୯ ମସିହା ନବେମ୍ବର ମାସ ତା ୧ ଋଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ଋଖ ପର୍ଯ୍ୟନ୍ତ ଏକ ବର୍ଷ ପାଇଁ ମାସ ନିମନ୍ତେ ସନ ୧୮୯୯ ମସିହା ନବେମ୍ବର ମାସ ତା ୧୪ ଋଖ । ମୁ । ସନ ୧୩୦୭ ସାଲ କାର୍ତ୍ତିକ ମାସ ଦ ୩୦ ନ ମଙ୍ଗଳବାର ଦିବା ୧୨ ଘା ସମୟରେ କଟକ ସଦର ଲୋକେଲ- ବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହା- ଦୂରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ । ଏବଂ ନିଲାମ ଗ୍ରହିତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲା କ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଯାମିନସ୍ୱରୂପ ଅବିଳମ୍ବେ ଦାଖଲ କରିବେ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ର ଦାଖଲ ନ ହେଲେ ସାନି ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଆଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଜାମିନଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନମୁନିଆ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଯାମିନକେ କବୁଲିୟତ ଲେଖି ଦେଇ ରେଜେଷ୍ଟାରୀ କରିଦେବେ । ଉପରୋକ୍ତ ନିଲାମ ଅନ୍ୟ ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝି- ବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ । ଇତି ।

ଥାନା କଟକ ।

୧ । ବାରଙ୍ଗ

---

ଥାନା ସାଲେପୁର ।

୧ । ନରେନ୍ଦ୍ରପୁର

---

ଥାନା ଜଗତସିଂହପୁର ।

୧ । ବଲିଆ　　୨ । ଇଖୋରସାହି

୩ । କୁସର୍ଦା　　୪ । ଝିଉଲୋ

---

ଥାନା ତିର୍ତ୍ତୋଲ ।

୧ । କନକପୁର

ପ୍ରକାଶ ଥାଉକି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମଗ୍ରହଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହାହେଲେ ତତ୍କ୍ଷଣାତ୍ ତାହାର ଡିପାଜିଟ ଯବତ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନି ବନ୍ଦୀ କରାଯିବ ।

GOKULANAND CHOWDHURY,
*Chairman*
*Suder Local Board.*

---

# NOTICE.

## Cuttack District Board.

Tenders are hereby invited for the execution of the following works on the District road between Kendrapara and Indpur.

| | |
|---|---|
| on 5th Mile Abuts and Pier of Bridge 2 of 14' span | First Class Brick Masonry. |
| on 7th Mile Arched Culvert 7' span | |
| on 9th Mile Arched Culvert 3' span | |

Rubble pitching above structures.
Earthwork and Turfing on 4th& 5th Miles.

( Specification of works, Orissa Circle, will be in force )

The probable cost of above works is Rs-3000. Abstract of quantities, and rates estimated can be seen by intending Tenderers in the offices of the District Engineer, Cuttack,

The Local Board, Kendrapara,
The Sub Divisional officer, Gorapur, Kendrapara.

Tenders, on Form No. 2 accompanied by the prescribed earnest money to be submitted in sealed covers, addressed

| Tender for Kendrapara Indpur road, | *Registered* |
|---|---|
| To District Engineer Collectorate Cuttack. | |

before noon of 20th November.

Tender Forms will be supplied without charge by the above mentioned offices.

Date of commencement of work　End Nov. 1899
Do. Completion　15th Augt. 1900

The Chairman does not bind himself to accept the lowest or any tender.

Cuttack
The 25th Oct. '99.　　Sd. L. E. Desgratoulet
District Engineer.
Cuttack.

Split by PDF Splitter
Digitized by srujanika@gmail.com

Split by PDF Splitter



ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣା- କ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକର ପ୍ରସିଦ୍ଧ କବିରାଜ ଶ୍ରୀ ନାରାୟଣ ମିଶ୍ର ଶର୍ମା ମହାଶୟ ନିମ୍ନଲିଖିତ ସ୍ଥାନ- ରେ ଏକ ପୁସ୍ତକାଳୟ ଓ ଦେଶୀୟ ଔଷଧାଳୟ ସ୍ଥାପନ କରିଅଛନ୍ତି । ଏଠାରେ ସର୍ବ ପ୍ରକାର ସ୍କୁଲପାଠ୍ୟ ଓ ସାଧାରଣ ପୁସ୍ତକ ଏବଂ ଦେଶୀୟ କବିରାଜୀ ସର୍ବ ପ୍ରକାର ରୋଗର ଔଷଧ, ତୈଳ ସୁବାସିତ ତୈଳ, ଘୃତ, କହ୍ନ ଉତ୍କୃଷ୍ଟ ମକରଧ୍ୱଜ ବଟିକା, ଚୂର୍ଣ୍ଣ, ଟ୍ୟେକେଗ୍ରାସ ପ୍ରଭୃତି ସୁଲଭ ମୂଲ୍ୟ- ରେ ବିକ୍ରୟ ହୁଏ । ମୋଫସଲ ଗ୍ରାହକମାନଙ୍କ ନିକଟକୁ ଭି଼ ପି଼ରେ ଔଷଧ ପ୍ରେରିତ ହୁଏ , ଦୂରସ୍ଥିତ ରୋଗୀ ରୋଗର ଲକ୍ଷଣ ଆନୁପୂର୍ବିକ ଜଣାଇଲେ ଚିକିତ୍ସା କରାଯାଏ ।

ଗ୍ରାହକମାନେ ନିର୍ଦ୍ଧାରିତ ଠିକଣାରେ ପତ୍ର ଲେଖିଲେ ସକଳ ବିଷୟ ଜାଣି ପାରିବେ ବିଶେଷ ଅତ୍ରମ୍ଭର ବାହୁଲ୍ୟ ମାତ୍ର । "ଫଲେନ ପରିଚୀୟତେ" ।

ଚୌଧୁରୀବଜାର }
କଟକ }
୨୧-୯-୯୯ }
ଶ୍ରୀ ମୋହନ ନାୟକ
ଏଜେଣ୍ଟ

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୭ ନମ୍ବର ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଡାଃ ଭାଦୁଡ଼ୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅନେକ ଦିନରୁ ଔଷଧ ଅନଦାମୀ ହୁଏ ଟେଷ୍ଟ କେସ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେରା ବାକ୍ସ ପୁସ୍ତକ କ୍ୟାମ୍ଫାର ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୪/, ଟ ଗୃହ ଚିକିତ୍ସାର ବାକ୍ସ ୧୨, ୨୪, ୩, ୪୯ ୬୦, ୭୨ ୧୪ ଶିଶି ୨.୩ ୩, ୪ ୬ ଓ ୧୫ ଟି

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନରିଅ ର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂୟମେହ (ଗନରିଆ) ଖଣ୍ଡିକଲ ଭଳି ପ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନିବୃତ୍ତ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/, ପ୍ୟାକିଂ ଟ ୦ /, ଡାକମାଶୁଲ ଟ ୦ ।

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଅସ୍ମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇ ଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପ- ଦଂଶଜନିତ କ୍ଷତ, କମ୍ପା ଅନ୍ୟବିଧ ଦୂଷିତ କ୍ଷତ ଗଳରକ୍ତ, ଆମବାତ, ବିସ୍ଫୋଟକ, ଗଣ୍ଡମାଳ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ବହୁତ ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ /, ପ୍ୟାକିଂ ଟ ୦ /, ଡାକମାଶୁଲ ଟ ୦ ୩ ।

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନ- ଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୲, ଭି, ପି, ଟ ୦/ ପ୍ୟାକିଂ ଟ ୦ / ଡାକମାଶୁଲ ଟ ୦ ୩ ।

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥା ରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଉତ୍ତେଜନାବଶତଃ ସ୍ରାବ ପ୍ରଭୃତି ନିବୃତ୍ତ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ /, ପ୍ୟାକିଂ ଟ ୦ /, ଡାକମାଶୁଲ ଟ ୦ । ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ଇତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟାଠାରୁ ଘ ୮ ଟା ପର୍ଯ୍ୟନ୍ତ ନିତାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ଦିଆଯାଏ ।

ଚିଠିପତ୍ର ଓ ଟଙ୍କା ଅମ୍ଭ ନାମରେ ଏହି ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ଶାରଦାପ୍ରସାଦ ଦାସ ଗୁପ୍ତ
ଚକିରଛକ, ବାଲୁବଜାର କଟକ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ /
ଅର୍ଦ୍ଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ସେତେ କ୍ଷୁଦ୍ର ହେଲେ ତହିଁର ଶତ୍ତ ଟ ୦ ୩ ଠାରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ଦେବାପାଇଁ ଶତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନି "ଲିମିଟେଡ୍"ଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com